# ଆତ୍ମିକ ବିସ୍ମୃତି

ବର୍ତ୍ତମାନ ମୁଁ ବିଶ୍ୱାସ କରେ, ବର୍ତ୍ତମାନ ମୁଁ ବିଶ୍ୱାସ କରେ,
ସମସ୍ତ ବିଷୟ ସମ୍ଭବ, ବର୍ତ୍ତମାନ ମୁଁ ବିଶ୍ୱାସ କରେ;
ବର୍ତ୍ତମାନ ମୁଁ ବିଶ୍ୱାସ କରେ, ବର୍ତ୍ତମାନ ମୁଁ ବିଶ୍ୱାସ କରେ,
ସମସ୍ତ ବିଷୟ ସମ୍ଭବ, ବର୍ତ୍ତମାନ ମୁଁ ବିଶ୍ୱାସ କରେ ।

2 ଆସନ୍ତୁ ବର୍ତ୍ତମାନ ଅଳ୍ପ କ୍ଷଣ ପାଇଁ ପ୍ରଭୁଙ୍କ ବାକ୍ୟ ନିମନ୍ତେ ଛିଡ଼ା ହୋଇଯିବା । ଆସନ୍ତୁ ଆମୋଷ, ସେହି ଭବିଷ୍ୟଦ୍‌ବକ୍ତା ଆମୋଷ ନିକଟକୁ ଯିବା, ତାର 3ୟ ପର୍ବ, 1ମ ପଦରୁ ଆରମ୍ଭ କରିବା ।

3 ମୁଁ ଭଉଣୀ ଜୁଆନିତା ଏବଂ ଆନ୍ନା ଜିନ୍ ଓ ଭଉଣୀ ମୂରଙ୍କୁ, ସେହି ଗୀତର ସୁନ୍ଦର କୋରସ ପାଇଁ ଧନ୍ୟବାଦ ଦେବାକୁ ଚାହେଁ । ଏହା ମୋତେ ଫେରାଇ ଆଣିଥିଲା, ଯେତେବେଳେ ମୁଁ ସେଠାରେ ବସି ତାହାକୁ ଶୁଣୁଥିଲି । ମୁଁ ଭାବୁଥିଲି, ଯେତେବେଳେ ସେମାନେ ଆମ ସହିତ ରହି, ଅଭିଯାନରେ ଗୀତ ଗାଉଥିଲେ, ଭାଇ ଜ୍ୟାକ୍ ଏବଂ ମୁଁ କଥାବାର୍ତ୍ତା କରୁଥିଲୁ, ସେହି ଝିଅମାନେ ଅତି ସାନ ସାନ ଝିଅ ଥିଲେ, କେବଳ ସାନ ଷୋହଳ ବର୍ଷୀୟା, ସେହିପରି କିଛି ଗୋଟାଏ, ଝିଅମାନେ ଥିଲେ । ତେବେ, ମୁଁ ଭାବୁଛି, ଭଉଣୀ ଆନ୍ନା ଜିନ୍‌ଙ୍କର ପାଞ୍ଚୋଟି ସନ୍ତାନ ଅଛନ୍ତି, ଏବଂ ଭଉଣୀ ଜୁଆନିତାଙ୍କର—ଙ୍କର...ଦୁଇଟି ସନ୍ତାନର ମାତା ଅଟନ୍ତି । ଏବଂ ହେ ସ୍ତ୍ରୀଲୋକମାନେ, ଆମେମାନେ ପ୍ରକୃତରେ ସେହି ସୂର୍ଯ୍ୟାସ୍ତର ଅଧିକ ନିକଟବର୍ତ୍ତୀ ଅଟୁ, ଯେତିକି ଆମେ ସେତେବେଳେ ଥିଲୁ, ପ୍ରାୟଃ ଷୋହଳ ବର୍ଷର ପାର୍ଥକ୍ୟ ଅଟେ । ଅଧିକ ସମୟ ନାହିଁ, ଆମେ ସେହି ମହିମାମୟ ସମୟକୁ, ଅତିକ୍ରମ କରିଯିବା ।

4 ବର୍ତ୍ତମାନ ଆମୋଷ ତାର 3ୟ ପର୍ବରେ, ଆସନ୍ତୁ ପାଠ କରିବା ।

*ହେ ଇସ୍ରାଏଲର ସନ୍ତାନଗଣ ତୁମ୍ଭେମାନେ ଏହି ବାକ୍ୟ ଶୁଣ, ଏହା ସଦାପ୍ରଭୁ ତୁମ୍ଭମାନଙ୍କ ବିରୁଦ୍ଧରେ,...ଯେଉଁ ସମୁଦାୟ ଗୋଷ୍ଠୀକି ଆମ୍ଭେ ମିସର ଦେଶରୁ ବାହାର କରି ଆଣିଲୁ, ସେମାନଙ୍କ ବିରୁଦ୍ଧରେ କହିଅଛନ୍ତି,*

*ପୃଥିବୀର ଯାବତୀୟ ଗୋଷ୍ଠୀ ମଧ୍ୟରେ...କେବଳ ତୁମ୍ଭମାନଙ୍କର ପରିଚୟ ଆମ୍ଭେ ନେଇଅଛୁ: ଏଥିପାଇଁ ତୁମ୍ଭମାନର ସକଳ ଅଧର୍ମର ପ୍ରତିଫଳ...ଆମ୍ଭେ ତୁମ୍ଭମାନଙ୍କୁ ଦେବା ।*

*ଏକ ପରାମର୍ଶ ନୋହିଲେ, କି ଦୁଇଜଣ ଏକତ୍ର ଗମନ କରିବେ?*

*ଶିକାର ନ ପାଇଲେ, କି ସିଂହ ବନ ମଧ୍ୟରେ ଗର୍ଜ୍ଜନ କରିବ? କୋଣସି ପଶୁ ନ ଧରିଲେ, କି ଯୁବାସିଂହ ଆପଣା ଗର୍ତ୍ତରେ ହୁଙ୍କାର କରିବ?*

*ଫାନ୍ଦ ପତା ନ ଗଲେ, ପକ୍ଷୀ କି ଜାଲରେ ଧରାଯାଇ ଭୂମିରେ ପଡ଼ିବ? କିଛି ନ ଧରିଲେ, ଜାଲ କି ଭୂମିରୁ ଛିଟିକି ଉଠିବ?*

*ନଗର ମଧ୍ୟରେ ତୂରୀ ବଜାଗଲେ, ଲୋକମାନେ କି ଭୀତ ନୋହିବେ? ସଦାପ୍ରଭୁ ନ ଘଟାଇଲେ, ନଗର ମଧ୍ୟରେ କି ଅମଙ୍ଗଳ ଘଟିବ?*

*ନିଶ୍ଚୟ ପ୍ରଭୁ ସଦାପ୍ରଭୁ…ନିଜ ଗୁପ୍ତ ବିଷୟ ଆପଣା ଦାସ ଭବିଷ୍ୟଦ୍‌ବକ୍ତାଗଣ ପ୍ରତି ପ୍ରକାଶ ନ କଲେ କିଛି କରିବେ ନାହିଁ।*

*ସିଂହ ଗର୍ଜ୍ଜନ କରିଅଛି, କିଏ ଭୟ ନ କରିବ? ପ୍ରଭୁ…କଥା କହିଅଛନ୍ତି, କିଏ ଭବିଷ୍ୟଦ୍‌ବାକ୍ୟ ପ୍ରଚାର ନ କରିବ?*

ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା।

5 ପ୍ରଭୁ ଯୀଶୁ, ଏହା ହେଉ ଯେ, ତୁମର ବାକ୍ୟ, ହେ ପ୍ରଭୁ, ଆଜି ରାତି ଆମେମାନେ ଏହି ଅଂଶର ଚାରିପାଖରେ ସହଭାଗିତା କରୁ। ପ୍ରଭୁ, ଆମେମାନେ ପ୍ରାର୍ଥନା କରୁଛୁ, ଯେ ତୁମେ ଆମକୁ ମୂଳପାଠ ପାଇଁ ଏକ ପ୍ରସଙ୍ଗ ଦେବ, ଯାହା ଆମେମାନେ ଏଠାରୁ ନେବୁ, ଏବଂ ହେଉ ଯେ ଏହା ତୁମକୁ ସମ୍ମାନ ଆଣି ଦେଉ। ପ୍ରଭୁ, ଆଜି ରାତିରେ, ତୁମର ବାକ୍ୟ ଉପରେ ଅପେକ୍ଷା କରୁଥିବାବେଳେ ଆମମାନଙ୍କୁ ଆଶୀର୍ବାଦ କର। ରୋଗୀ ଓ ପୀଡ଼ିତମାନଙ୍କୁ ସୁସ୍ଥ କର। ହଜିଯାଇଥିବା ଲୋକମାନଙ୍କୁ ଉଦ୍ଧାର କର। ପ୍ରଭୁ, ଦୁର୍ବଳମାନଙ୍କୁ ଶକ୍ତି ଦିଅ, ଯେଉଁମାନେକି ଉଭୟ ଶାରୀରିକ ଏବଂ ଆତ୍ମିକ ଭାବରେ ଦୁର୍ବଳ ହେଉଅଛନ୍ତି। ଏବଂ ତୁମର ଉପସ୍ଥିତିର ଏକ ବଡ଼ ପ୍ରବାହ ଆମ ଉପରେ ଢାଳି ଦିଅ, କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

6 ଆଜି ରାତି, ମୁଁ ଏଥିରୁ, ଏକ ମୂଳପାଠ ନେବାକୁ ଇଚ୍ଛା କରେ: *ଆତ୍ମିକ ବିସ୍ମୃତି।*

7 ଭୁଲନ୍ତୁ ନାହିଁ, ଆସନ୍ତାକାଲି, ଏହା ରୋଗୀମାନଙ୍କ ପାଇଁ ଆସନ୍ତାକାଲି ପ୍ରାର୍ଥନା ହେବ। ଆମେମାନେ ଆଶା କରୁଛୁ ଯେ ପ୍ରଭୁ ଅତ୍ୟଧିକ ମହାନ କାର୍ଯ୍ୟଗୁଡିକୁ କରିବେ, ଆସନ୍ତାକାଲି ଅପରାହ୍ନ ଦୁଇଟା ଘଟିକାରେ, ଯେଉଁଠାରେକି ଆମେ…ଯେତେବେଳେ ଆମେମାନେ ଆମର ସେବାଗୁଡିକ ଆରମ୍ଭ କରୁ। ପ୍ରାର୍ଥନା କାର୍ଡ ଦେବା ପାଇଁ ପିଲା ଏଠାରେ ରହିବ। ଏବଂ ପ୍ରତ୍ୟେକ ଜଣଙ୍କ ପାଇଁ ପ୍ରାର୍ଥନା କରାଯିବ ଯେଉଁମାନେକି ପ୍ରାର୍ଥନା କରାଇବାକୁ ଚାହୁଁଛନ୍ତି। ଏବଂ ଆମେମାନେ ଆସନ୍ତାକାଲି, ପ୍ରଭୁଙ୍କଠାରେ, ଏକ ମହାନ ସମୟକୁ ଆଶା କରୁଅଛୁ।

8 ବର୍ତ୍ତମାନ ଆପଣ ଲୋକମାନେ ଏଠାରେ, ସହର ବାହାରୁ ଆସିଅଛନ୍ତି। ମନେରଖନ୍ତୁ, ସମଗ୍ର ସହରରେ ଉତ୍ତମ, ପୂର୍ଣ୍ଣ ସୁସମାଚାର ମଣ୍ଡଳୀମାନ ରହିଛି। ଆପଣଙ୍କୁ ସେଠାରେ ସମସ୍ତଙ୍କଠାରେ ସ୍ୱାଗତ ଅଛି।

9 ମୁଁ ଠିକ ଆସିବା ପୂର୍ବରୁ, ବାହାରେ, ମୋର ଜଣେ ସହଯୋଗୀ ପାଳକ, ଭାଇ ଜ୍ୟାକସନ୍‌ଙ୍କ ସହ କେବଳ କଥା ହେଉଥିଲି, ପୂର୍ବେ ଏକ ମେଥୋଡିଷ୍ଟ ମଣ୍ଡଳୀରୁ ଥିଲେ,

ଯାହାକି ଆମ ସହରରୁ ଗୋଟିଏ ସହର କିମ୍ବା ଦୁଇଟି ତଳେ ଥିଲା।

10 ଏବଂ ଏଠାରେ କେତେଜଣ ଅଛନ୍ତି ଯେଉଁମାନେକି ଆରାଧନାଳୟ ସହିତ ଜଡିତ ଅଟନ୍ତି, ଆସନ୍ତୁ ସବୁଆଡେ, ଆପଣମାନଙ୍କର ହାତଗୁଡିକୁ ଦେଖିବା। ମୋର ପ୍ରଭୁ, ମୁଁ ନିଶ୍ଚିତରେ—ନିଶ୍ଚିତରେ ଆପଣଙ୍କୁ ଏଠାରେ ପାଇ ଆନନ୍ଦିତ ଅଟେ। ଏହା ସବୁଠାରୁ ନିକଟବର୍ତ୍ତୀ ସଭା ଅଟେ ଯାହାକି ମୁଁ କିଛି ଦିନର ଅନ୍ତରାଳରେ ଇଣ୍ଡିୟାନାରେ ପାଇଅଛି। ମୁଁ ଖୁବ୍ ଶୀଘ୍ର, ଫେରି ଆସିବା ପାଇଁ ଚିନ୍ତା କରୁଛି, ଏବଂ ପ୍ରଭୁ ଇଚ୍ଛା କଲେ, ଏକ ତମ୍ବୁ ସ୍ଥାପନ କରି ସେହି ସପ୍ତ ଶେଷ ତୂରୀ ବିଷୟ ନେବାକୁ ଚିନ୍ତା କରୁଛି।

11 ତେଣୁକରି, ତେବେ, ମାତ୍ର ଆସନ୍ତାକାଲି ମନେରଖନ୍ତୁ। ଏହାକୁ ଭୁଲନ୍ତୁ ନାହିଁ, ଆସନ୍ତାକାଲି ଦୁଇ ଘଟିକାରେ। ଏବଂ, ବର୍ତ୍ତମାନ, ଆମର ପରବର୍ତ୍ତୀ ସେବା, ଫ୍ଲୋରିଡାର, ଟାମ୍ପାରେ ଆସନ୍ତା ସପ୍ତାହ ଆରମ୍ଭ ହେବ।

12 ତେବେ ମୁଁ ସେହି ବିଷୟ ଉପରେ କହିବାକୁ ଚାହେଁ: *ଆତ୍ମିକ ବିସ୍ମୃ-... ବିସ୍ମୃତି।*

13 ତେବେ, ଏହି ସାନ ବ୍ୟକ୍ତି ଯାହା ବିଷୟରେ ଆମେମାନେ କଥାବାର୍ତ୍ତା କରୁଅଛୁ, ଆମୋଷ, କେବଳ ଅଳ୍ପ କିଛି କ୍ଷଣ ପାଇଁ, ମୂଳପାଠକୁ ଯିବା ପୂର୍ବରୁ ଆମର ପୃଷ୍ଠଭୂମି ପାଇବା ନିମନ୍ତେ ଦେଖୁ। ଏହା ଶମିରୋଣର ସେହି ମହାନ ସମୃଦ୍ଧତାର ସମୟରେ ଥିଲା। ଇସ୍ରାଏଲ ସମୃଦ୍ଧଶାଳୀ ହୋଇ ସାରିଥିଲା। ସେମାନେ ପ୍ରକୃତରେ ଜଗତକୁ ଅନୁଗମନ କରି ସମୃଦ୍ଧଶାଳୀ ହୋଇଥିଲେ।

14 ସମୃଦ୍ଧଶାଳୀ ହେବା ସର୍ବଦା ଏକ ଆତ୍ମିକ ଆଶୀର୍ବାଦର ସଙ୍କେତ ନୁହେଁ, ମାତ୍ର ବେଳେବେଳେ ବିପରୀତାର୍ଥକ ହୋଇଥାଏ। ଲୋକମାନେ ଭାବନ୍ତି ଯେ ବୋଧହୁଏ ଆପଣଙ୍କୁ ଅନେକ ସାଂସାରିକ ବିଷୟବସ୍ତୁର ଅଧିକାରୀ ହେବା କଥା, ଏବଂ ତାହା ଏହା ଦର୍ଶାଉ ଥାଏ ଯେ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରୁଛନ୍ତି। ତାହା ସତ ନୁହେଁ। ବେଳେବେଳେ ଏହା ଅନ୍ୟ ପ୍ରକାରେ ଅଟେ।

15 କିନ୍ତୁ ଆମେମାନେ ପାଉ ଯେ, ସେ, ଆମେ ଏହି ସାନ ବ୍ୟକ୍ତି ବିଷୟରେ ଅଧିକ କିଛି ଜାଣି ନାହୁଁ। ସେ, ଆମ ପାଖରେ କୌଣସି ଇତିହାସ ନାହିଁ, ଯେ ସେ କେଉଁଠାରୁ ଆସିଥିଲେ। ଆମେ ଜାଣୁ ଯେ ସେ, ଏଠାରେ ଥିବା ଶାସ୍ତ୍ର ଅନୁଯାୟୀ, ସେ ଜଣେ ପଶୁପାଳକ ଥିଲେ, ମାତ୍ର ପରମେଶ୍ୱର ତାଙ୍କୁ ଉଠାଇଥିଲେ।

16 ମୁଁ ଏହା ଦେଖିବାର କଳ୍ପନା କରିପାରେ ଯେ, ସେଠାରେ ଶମିରୋଣରେ ଗୋଟିଏ ଗରମ ଦିନରେ, ଯାହାକି ସେହି ଦିନମାନଙ୍କରେ ଜଗତର ଏକ ମହାନ ପର୍ଯ୍ୟଟନ ସହରଗୁଡିକ ମଧ୍ୟରୁ ଅନ୍ୟତମ ଥିଲା। ଆମେମାନେ କହିପାରୁ, ଯେ ତାହା ଏହି କ୍ରମରେ କିଛି ଗୋଟାଏ ଏପ୍ରକାର, ମାୟାମି, କିମ୍ବା—କିମ୍ବା ହଲିଉଡ୍, ଲସ୍ ଆଞ୍ଜେଲସ୍ ପରି ଥିଲା, ସେମାନଙ୍କ ମଧ୍ୟରୁ କେତେକ ତାହା ପରି, କିଛି ଗୋଟାଏ ପର୍ଯ୍ୟଟକମାନଙ୍କ ନିମନ୍ତେ ଉତ୍ତମ ସ୍ଥାନ ରହିଥିଲା। ଏବଂ ଆମେ ତାଙ୍କୁ ଦେଖିବାର କଳ୍ପନା କରିପାରୁ। ସେ କେବେ ବି ଏହିପରି ନଗରରେ

ରହି ନ ଥିଲେ। ମାତ୍ର, ତାଙ୍କ ପାଖରେ ପ୍ରଭୁଙ୍କର ବାକ୍ୟ ଥିଲା, ସେ ଏହି ମହାନ ନଗରକୁ ଆସୁଥିଲେ ଯେଉଁଠାରେକି ସବୁଆଡେ ପାପ ଗଦା ହୋଇ ରହିଥିଲା। ସେବକମାନେ ସମସ୍ତେ ପରମେଶ୍ଵରଙ୍କ ବାକ୍ୟରୁ ଦୂରେଇ ଯାଇଥିଲେ, ଏବଂ ସେମାନଙ୍କର ଦୀର୍ଘ ବର୍ଷ ଧରି କୌଣସି ଭବିଷ୍ୟଦ୍‌ବକ୍ତା ହୋଇ ନ ଥିଲେ।

17 ଏବଂ ତେଣୁକରି ଏହି ସାନ ବ୍ୟକ୍ତିଟି, ଯେତେବେଳେ ସେ ଏକ ପ୍ରକାର, ଶମିରୋଣର ଉତ୍ତରରେ ଏକ ପାହାଡ ଉପରକୁ ଚଢିଲେ, ମୁଁ ତାଙ୍କୁ ଦେଖିବାଟା କଳ୍ପନା କରିପାରେ, ଉତ୍ତପ୍ତ ସୂର୍ଯ୍ୟ ଝଲସୁଥାଏ, ଏବଂ ତାଙ୍କ ମୁଖମଣ୍ଡଳ ଉପରେ ଧୂସର ଦାଢୀ ରହିଥାଏ, ଏବଂ ତାଙ୍କ ସାନ ସାନ ଆଖି ସଂକୀର୍ଣ୍ଣ ହେଉଥାଏ, ଏବଂ ତାଙ୍କର ସାନ, ଚନ୍ଦା ମୁଣ୍ଡ ଚମକୁଥାଏ, ଯେତେବେଳେ ସେ ତଳେ ସେହି ନଗରକୁ ଅନାଇ ଥିଲେ। ଏବଂ ତାଙ୍କ ଆଖି ସଂକୀର୍ଣ୍ଣ ହୋଇ ଯାଇଥିଲା। ସେ ତାହା ଦେଖୁ ନ ଥିଲେ ଯାହାକି ପର୍ଯ୍ୟଟକମାନେ ସାଧାରଣତଃ, ଏକ ନଗରକୁ ଯାଇ ଏହାର ସୌନ୍ଦର୍ଯ୍ୟର ସମସ୍ତ ମନ୍ତ୍ରମୁଗ୍ଧ ବିଷୟଗୁଡିକୁ ଦେଖିଥାନ୍ତି। ସେ ଅନାଇ ଥିଲେ ଏବଂ ଦେଖିଲେ ଯେ ସେହି ନଗରଟି କି ଏକ ଦୃଶ୍ୟ ହୋଇ ଯାଇଥିଲା, ଯେଉଁ ସହରକି ଏକଦା ପରମେଶ୍ଵରଙ୍କ ନଗର ଥିଲା, ଏବଂ ସେପରି ଭାବରେ ଏକ ନୈତିକ ପତନ ମଧ୍ୟକୁ ଚାଲି ଯାଇଥିଲା। କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ...

18 ଏହି ସାନ, ଅଜଣା ବ୍ୟକ୍ତିଟି ଆମୋଷ ଭବିଷ୍ୟଦ୍‌ବକ୍ତା ଥିଲେ। ଏବଂ ବର୍ତ୍ତମାନ ଆମେମାନେ ତାଙ୍କ ବିଷୟରେ ବହୁତ କିଛି ଜାଣି ନାହୁଁ। ଆମେ ଜାଣି ନାହୁଁ ଯେ ସେ କେଉଁଠାରୁ ଆସିଥିଲେ। ଭବିଷ୍ୟଦ୍‌ବକ୍ତାମାନେ ସାଧାରଣତଃ ଦୃଶ୍ୟପଟ୍ଟକୁ ଅଜ୍ଞାତ ଭାବରେ, ଆସିଥାଆନ୍ତି, ସମାନ ଭାବରେ ଚାଲିଯାଆନ୍ତି। ଆମେ ଜାଣି ନାହୁଁ ଯେ ସେମାନେ କେଉଁଠାରୁ ଆସନ୍ତି, ସେମାନେ କେଉଁଠାକୁ ଯାଆନ୍ତି, ସେମାନଙ୍କର ପୃଷ୍ଠଭୂମି ବିଷୟରେ ଜାଣି ନାହୁଁ। ପାରମେଶ୍ଵର କେବଳ ସେମାନଙ୍କୁ ଉଠାଇଥାନ୍ତି। ସେ ଦେଖିବା ପାଇଁ ବହୁତ କିଛି ଏପରି ନ ଥିଲେ, କିନ୍ତୁ ତାଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ଥିଲା। ତାହା ହେଉଛି ମୁଖ୍ୟ ବିଷୟ ଯାହା ମୁଁ ଦେଖେ। ଅବଶ୍ୟ, ସେ ନିଜର ଅଭିଯାନକୁ ଆରମ୍ଭ କରିବା ନିମନ୍ତେ ଶମିରୋଣକୁ ଆସିଥିଲେ। ମୁଁ ସୁନିଶ୍ଚିତ ଯେ ତାଙ୍କର କୌଣସିଠାରୁ କାହାରି ସହ-ଯୋଗ ନ ଥିଲା। ତାଙ୍କ ପାଖରେ କୌଣସି ନାମଧାରୀ ସଂସ୍ଥାରୁ କୌଣସି ସହଭାଗିତା କାର୍ଡ ନ ଥିଲା। ସେ କେଉଁ ଗୋଷ୍ଠୀରୁ ଆସିଛନ୍ତି ତାହା ଦେଖାଇବା ପାଇଁ ତାଙ୍କ ପାଖରେ କୌଣସି ପ୍ରମାଣପତ୍ର ନ ଥିଲା। ଏବଂ, ମାତ୍ର, ତାଙ୍କ ପାଖରେ ଗୋଟିଏ ଜିନିଷ ଥିଲା, ତାଙ୍କ ପାଖରେ ସେହି ସହର ପାଇଁ ପ୍ରଭୁଙ୍କର ବାକ୍ୟ ଥିଲା।

19 ଏବଂ ମୁଁ ଆଶ୍ଚର୍ଯ୍ୟ କରେ, ଯଦି ଆମେମାନେ ଆମୋଷକୁ, ଆଜି, ଆମ ସମୟକୁ ସ୍ଥାନାନ୍ତରିତ କରିପାରିବା, ମୁଁ ଆଶ୍ଚର୍ଯ୍ୟ କରେ ଯଦି ସେ ଆଜି ଆମ ନଗରରେ ସ୍ଵାଗତ କରାଯିବେ କି? ମୁଁ ଆଶ୍ଚର୍ଯ୍ୟ କରେ ଯଦି ଆମେ ତାଙ୍କୁ ଗ୍ରହଣ କରିବା, ନା ଆମେମାନେ ମଧ୍ୟ ସେହିପରି କରିବା ଯେପରିକି ସେମାନେ କରିଥିଲେ। ଆମେ ଆମର ସହରଗୁଡ଼ିକୁ ଠିକ ସେହି ସମାନ ଅଧୋପତନରେ ପାଇଥାଉ। ଏବଂ ଆମେମାନେ ପାଉ ଯେ ପାପ ଲୋକମାନଙ୍କ

ମଧ୍ୟରେ ଠିକ ସେତିକି ବଢି ଯାଇଅଛି, ଯେତିକି ତାହା ସେଦିନ ଥିଲା । ଏବଂ ମୁଁ ଆଶ୍ଚର୍ଯ୍ୟ କରେ, ଯଦି ଏହି ଛୋଟ, ଅଜ୍ଞାତ ବ୍ୟକ୍ତି, ସେ କିପରି ଭାବରେ ଏହି ଅଭିଯାନକୁ ଆରମ୍ଭ କରିବାକୁ ଯାଉଛନ୍ତି? ସେ କିପରି ଭାବରେ, କେଉଁଠାରୁ ଆରମ୍ଭ କରିବାକୁ ଯାଉଅଛନ୍ତି? ସେ କେଉଁ ମଣ୍ଡଳୀକୁ ଯାଉଛନ୍ତି, କିମ୍ବା କିଏ ତାଙ୍କ ସହ ସହ-ଯୋଗ କରିବାକୁ ଯାଉଅଛି? ସେ କେଉଁଠାରୁ ଆସିଛନ୍ତି ତାହା ଦେଖାଇବା ନିମନ୍ତେ ତାଙ୍କ ପାଖରେ କିଛି ନ ଥିଲା, ତାଙ୍କ ପାଖରେ ସେହି ସହର ପାଇଁ **ସଦାପ୍ରଭୁ ଏହି କଥା କହିଛନ୍ତି** ବ୍ୟତୀତ ଅନ୍ୟ କୌଣସି କିଛି ବିଷୟ ନ ଥିଲା ।

20 ସେ ସେମାନଙ୍କୁ ଅତ୍ୟଧିକ କ୍ଷୟପ୍ରାପ୍ତ ଏବଂ ନୈତିକ ଭାବରେ ଭ୍ରଷ୍ଟ ହୋଇଥିବାର ପାଇଥିଲେ, ଏହା ଏକ ମହାନ ସମୟ ଥିଲା । ସେହି ନଗରର ମହିଳାମାନେ ପ୍ରାୟଃ ସେହିପରି ହୋଇଯାଇଥିଲେ ଯେପରିକି ସେମାନେ ଆମେରିକାରେ ରହିଛନ୍ତି । ସେମାନେ ଭ୍ରଷ୍ଟ ହୋଇଯାଇଥିଲେ । ପରମେଶ୍ୱର ସେମାନଙ୍କଠାରୁ ଯାହାସବୁ ଆଶା କରିଥିଲେ, ସେମାନେ ଠିକ ତାହାର ଅନ୍ୟ ମାର୍ଗରେ ଚାଲି ଯାଇଥିଲେ । ଏବଂ—ଏବଂ ଆମେମାନେ ପାଉ ଯେ ଏହା ଏକ ଅତ୍ୟୁତ୍ତମ ସ୍ଥାନ ଥିଲା ଯେଉଁଠାରେକି ସେମାନେ ରାସ୍ତାରେ ନାଚୁଥିଲେ, ମହିଳାମାନେ ଅନୈତିକ ଭାବରେ ସେମାନଙ୍କର ପୋଷାକଗୁଡିକୁ ଉଲଗ୍ନ କରିଥିଲେ, ଓ ପ୍ରଭୃତିସବୁ କରିଥିଲେ, ନଗ୍ନ ନାଚୁଥିବା ସ୍ତ୍ରୀଲୋକ ପରି । ଅବଶ୍ୟ, ତାହା ସେହି ଦିନମାନଙ୍କରେ ଏକ ସର୍ବସାଧାରଣ ମନୋରଞ୍ଜନ ବିଷୟ ଥିଲା, ବର୍ତ୍ତମାନ ଏହା ପ୍ରତ୍ୟେକ ଦିନର ବିଷୟ ଅଟେ । କେବଳ ପାଗ ଗରମ ହେବାକୁ ଦିଅନ୍ତୁ, ଏବଂ ଆପଣଙ୍କୁ କୌଣସି ପରିଦର୍ଶନକୁ ଯିବାର ଆବଶ୍ୟକତା ନାହିଁ । ସେମାନେ ସମସ୍ତେ ରାସ୍ତାରେ, ଯେକୌଣସିଠାରେ, ଯେକୌଣସି ପ୍ରକାରେ ବି ରହିଥାନ୍ତି । ଆପଣ ମହିଳାମାନଙ୍କୁ, ସେହିପରି କିଛି ଏକ ବିଷୟ କରିବା ହେତୁ ଲଜ୍ଜା ଲାଗିବା କଥା! କଅଣ ଆପଣ ନିଜ ପାଇଁ ଲଜ୍ଜିତ ନୁହଁନ୍ତି କି?

21 ଆଉ ତାହାପରେ—ଆଉ ତାହାପରେ ମୁଁ ଏଠାରେ କିଛି ଦିନ ପୂର୍ବରୁ, ଜଣେ ମହିଳାଙ୍କୁ ତାହା କହିଥିଲି, ଏବଂ ସେ କହିଲେ, "କାହିଁକି," ସେ କହିଲେ, "ଭାଇ ବ୍ରାନହାମ୍," କହିଲେ, "ତାହା, ତାହା ତ—ତାହା ତ ଅନ୍ୟ ଯେକୌଣସି ସ୍ତ୍ରୀଲୋକମାନଙ୍କ ପରି ଅଟେ ।"

22 ମୁଁ କହିଲି, "ମାତ୍ର ଆମକୁ ତ ଅବଶିଷ୍ଟ ଅନ୍ୟମାନଙ୍କ ପରି ଆଚରଣ କରିବା ଉଚିତ୍ ନୁହେଁ । ଆମେମାନେ ତ ଅଲଗା ଅଟୁ । ଆମେ ଏକ—ଏକ ଭିନ୍ନ ଚରିତ୍ର ଅଟୁ ।"

23 ମୋତେ ଜଣେ ମହିଳାଙ୍କ ବିଷୟରେ ମନେ ପକାଇଦିଏ, କହିଥିଲେ, "ତେବେ, ଭାଇ ବ୍ରାନହାମ୍," ଆଉ ଜଣେ କହିଥିଲେ, "ମୁଁ—ମୁଁ—ମୁଁ ସେହି ଛୋଟ ଛୋଟ ଜାମା ସର୍ଟସ୍ଗୁଡିକ ପିନ୍ଧି ନ ଥାଏ ।" କହିଲେ, "ମୁଁ ଚିପା ଜାମା ସ୍ଲାକ ପିନ୍ଧିଥାଏ ।"

24 ମୁଁ କହିଲି, "ତାହା ତ ଆହୁରି ମନ୍ଦ ଅଟେ ।" ଉଃ! "ପରମେଶ୍ୱର କହିଲେ, 'ଏହା ତାହାଙ୍କ ଦୃଷ୍ଟିରେ, ଏକ ଘୃଣ୍ୟ ବିଷୟ ଅଟେ,' 'ଜଣେ ସ୍ତ୍ରୀଲୋକ ପାଇଁ ଏକ ପୁରୁଷର ବସ୍ତ୍ର ପିନ୍ଧିବା ।'" ତାହା ଅବିକଳ ଠିକ୍ ଅଟେ ।

ଜଣେ କହିଲେ, "ତେବେ, ସେମାନେ ଅନ୍ୟ କୌଣସି ପୋଷାକ ତିଆରି କରନ୍ତି ନାହିଁ ।"

"ସେମାନେ ତଥାପି ସିଲେଇ ମେସିନ୍ ତିଆରି କରନ୍ତି ଏବଂ ସାମଗ୍ରୀଗୁଡିକ ରହିଛି ।"

25 ସେଠାରେ କୌଣସି ବାହାନା ନାହିଁ। ଏହା ତ କେବଳ ତାହା ଯାହାକି ଆପଣଙ୍କ ହୃଦୟରେ ଅଛି । ତାହା ହିଁ ଅଟେ ଯାହାକି ବାହ୍ୟ ରୂପରେ ଦିଶିଥାଏ । ଏହା—ଏହା ନିଜକୁ ପରିଚିତ କରାଇଥାଏ ।

26 ଏବଂ ବର୍ତ୍ତମାନ ଆମେମାନେ ପାଉ ଯେ, ଏହି ନଗରରେ, ଏହା ନୈତିକ ଭାବରେ କ୍ଷୟପ୍ରାପ୍ତ ହୋଇ ଯାଇଥିଲା। ପ୍ରଚାରକମାନେ ଏହା ବିଷୟରେ କିଛି କହିବା ପାଇଁ ଡରୁଥିଲେ । ଏବଂ, ମାତ୍ର ସେମାନଙ୍କଠାରେ ଜଣେ ସାନ ବ୍ୟକ୍ତି ରହିଥିଲେ, ଏହି ସାନ ବୃଦ୍ଧ ବ୍ୟକ୍ତିଜଣକ ପାହାଡ ଉପରୁ ଆସୁଥିଲେ, **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ସେମାନଙ୍କୁ କହିବା ପାଇଁ ଆସୁଥିଲେ, "ଏହି ବିଷୟକୁ ପରିଷ୍କାର କର, ନଚେତ ତୁମେମାନେ ବନ୍ଦୀତ୍ୱ ଅବସ୍ଥାକୁ ଯିବା ପାଇଁ ଯାଉଅଛ ।" ଏବଂ ସେ ତାଙ୍କର ଭବିଷ୍ୟତ୍‌ବାଣୀର ଦିନଗୁଡ଼ିକ ସଫଳ ହେଉଥିବାର ଦେଖିବା ପାଇଁ ବଞ୍ଚି ରହିଥିଲେ । ସେ ଯାରବିୟାମ ଦ୍ୱିତୀୟର ଦିନଗୁଡିକରେ ଭବିଷ୍ୟତ୍‌ବାଣୀ କରିଥିଲେ, ଯିଏକି ଯେକୌଣସି ପ୍ରକାରେ, ଜଣେ ବହିଷ୍କୃତ ବ୍ୟକ୍ତି ମାତ୍ର ଥିଲେ; ସେ—ସେ ଅନ୍ୟ ରାଷ୍ଟ୍ରଗୁଡିକର ସପକ୍ଷବାଦୀ ଥିଲେ । ଏବଂ—ଏବଂ ଏହି ସାନ ଆମୋଷ ଭବିଷ୍ୟତ୍‌ବାଣୀ କରି ସେମାନଙ୍କୁ କହିଲେ, ସେ କହିଥିଲେ, "ଯେଉଁ ପରମେଶ୍ୱରଙ୍କୁ ତୁମେ ସେବା କରିବାର ଦାବି କରିଥାଅ, ସେ ତୁମକୁ ବିନାଶ କରିବେ ।" ଏବଂ ସେ ତାହା କଲେ ।

27 ଏବଂ ଯଦି ତାଙ୍କ ସ୍ୱର ଆଜି ରାତିରେ ଏଠାରେ, ବର୍ମିଂଘାମ୍‌ରେ…ରେ ରହିଥାଆନ୍ତା, ଏହା ମଣ୍ଡଳୀଗୁଡିକୁ ସେହି ସମାନ ବିଷୟ ଦାବି କରାଇଥାନ୍ତା । "ଯେଉଁ ପରମେଶ୍ୱରଙ୍କୁ ତୁମେ ସେବା କରିଅଛ ବୋଲି ଦାବି କର, ସେ କୌଣସି ଦିନେ ତୁମକୁ ବିନାଶ କରିଦେବେ ।" ମୁଁ ଏଠାରେ ଏହି ଦର୍ଶକବୃନ୍ଦଙ୍କୁ କଥା କହୁନାହିଁ। ଏହି ଟେପ୍‌ଗୁଡ଼ିକ ସମଗ୍ର ବିଶ୍ୱକୁ ଯାଇଥାଏ । ବର୍ତ୍ତମାନ, ମନେରଖନ୍ତୁ, ତାହା ସତ ଅଟେ ।

28 ତାହାପରେ ସେ ଜାଣିବାକୁ ପାଇଲେ, ଯେତେବେଳେ ସେ ନଗରକୁ ଆସିଲେ, ଯେ ସେ…ଏହି ସମସ୍ତ ବିଷୟବସ୍ତୁ, ମୁଁ ଆଶ୍ଚର୍ଯ୍ୟ କରୁଛି ଯେ ସେ କିପରି ଅନୁଭବ କରିଥିବେ, ପରମେଶ୍ୱରଙ୍କ ଲୋକମାନଙ୍କର ସେହି କ୍ଷୟକୁ ଦେଖିବା ଏବଂ ଦୃଷ୍ଟିପାତ କରିବା, ଯାହାଙ୍କ ନିକଟକୁ ତାଙ୍କୁ ପଠାଯାଇଥିଲା ।

29 ମୁଁ ଆଶ୍ଚର୍ଯ୍ୟ କରୁଛି ଯେ କଅଣ ଆମେ ତାଙ୍କୁ ବର୍ତ୍ତମାନ ଗ୍ରହଣ କରିବା କି? ଯଦି ସେ ଭିତରକୁ ଆସିବେ, ତେବେ କଅଣ ଆମେ—ଆମେ ତାଙ୍କ ସହିତ ସହ-ଯୋଗ କରିବା କି? କଅଣ ଆମେ ତାଙ୍କୁ ଆମର—ଆମର ସର୍ବୋତ୍ତମ ଦେବା କି? କଅଣ ଆମେ ତାଙ୍କୁ ଆମର ଧ୍ୟାନ ଦେବା କି? କଅଣ ଆମେ ମନ ଫେରଣ କରିବା କି ଯଦି ସେ ଆମକୁ କହିବେ ଯେ ଆମେ ପ୍ରଭୁଙ୍କ ବାକ୍ୟକୁ ଫେରିଯିବା ଉଚିତ୍ ଏବଂ ପ୍ରଭୁ କହିଥିବା ଅନୁଯାୟୀ କାର୍ଯ୍ୟ କରିବା ଉଚିତ୍?

30 ମୁଁ ଆଶ୍ଚର୍ଯ୍ୟ କରୁଛି ଯେ ଆମର ଭଉଣୀମାନେ ସେମାନଙ୍କର ଛୋଟ ଛୋଟ କରି କାଟିଥିବା କେଶ ବିଷୟରେ କଅଣ କରିବେ? ଯଦି ଆମୋଷ ଆସିବେ, ତେବେ କଅଣ ସେମାନେ ସେମାନଙ୍କର କେଶକୁ ପୁନର୍ବାର ବଢିବାକୁ ଦେବେ କି? ସେ ଏହା ପ୍ରଚାର କରିବେ, ଏବଂ ମୁଁ ଆପଣମାନଙ୍କୁ ତାହା କହୁଅଛି, କାରଣ ତାହା ପ୍ରଭୁଙ୍କର ବାକ୍ୟ ଅଟେ।

31 ମୁଁ—ମୁଁ ଆଶ୍ଚର୍ଯ୍ୟ କରୁଛି ଯେ କଅଣ ଆମର—କଅଣ ଆମର ବୋର୍ଡ ଯିଏକି ଦୀକନ୍‌ମାନଙ୍କୁ ନିଯୁକ୍ତ କରନ୍ତି, ତିନି କିମ୍ବା ଚାରିଥର ବିବାହିତ ହୋଇଥାନ୍ତି, ଏବଂ—ଏବଂ ସେହିପରି ବିଷୟ ପ୍ରଭୃତି କରିଥାନ୍ତି, ଏବଂ ଦୀକନ୍ ହେବାକୁ ଚେଷ୍ଟା କରିଥାନ୍ତି, ମୁଁ ଆଶ୍ଚର୍ଯ୍ୟ କରେ ଯଦି ଏହି ସବୁ ବିଷୟ, ମୁଁ ଆଶ୍ଚର୍ଯ୍ୟ କରୁଛି ସେ ସେହି ପୁରୁଷ ସହିତ କଅଣ କରିବେ ଯିଏକି ନିଜର ପତ୍ନୀଙ୍କୁ ଛୋଟ ଛୋଟ ଜାମା ସର୍ଟ ପିନ୍ଧିବାକୁ ଦିଅନ୍ତି ଏବଂ ସେଠାରେ ରାସ୍ତାରେ ବାହାରି ଯିବାକୁ ଦିଅନ୍ତି, ଏବଂ ପ୍ରାଙ୍ଗଣରେ, ବାହାରେ ଅଗଣାରେ ଘାସ କାଟିବାକୁ ଦିଅନ୍ତି, ଯେତେବେଳେକି ଲୋକ ସେହି ବାଟ ଦେଇ ଯାଉଥାଏ? ମୁଁ ଆଶ୍ଚର୍ଯ୍ୟ କରୁଛି ଯେ ସେ ସେହିପରି ଜଣେ ବ୍ୟକ୍ତିଙ୍କୁ କଅଣ କହିବେ?

32 ସେ ନିଶ୍ଚିତ ଭାବରେ ତାଙ୍କ ଭିତରେ ଥିବା ସେହି ସମସ୍ତକିଛି ବିଷୟ ସହିତ ଏହାକୁ ଚିତ୍କାର କରି କହିବେ, କାରଣ ତାଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ରହିଥିଲା, ଏବଂ ସେ ତାହା ବ୍ୟତୀତ ଆଉ ଅନ୍ୟ କିଛି କରିପାରିବେ ନାହିଁ। ସେହି ଦିନରେ ସେ ସେମାନଙ୍କୁ ଏକ ରୋଗର ଖରାପ ମାମଲାରେ, ଆତ୍ମିକ ବିସ୍ମୃତିରେ ଆକ୍ରାନ୍ତ ଥିବାର ପାଇଥିଲେ, ଏବଂ ଠିକ ତାହାହିଁ ଅଟେ ଯାହାକି ଆଜି ଆମର ରହିଅଛି।

33 ତେବେ, ସେ କିପରି ଜାଣିଲେ ଯେ କଅଣ ଘଟିବାକୁ ଯାଉଥିଲା? ଆମୋଷ କିପରି ଜାଣିବେ? ପ୍ରଥମେ, ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ଏବଂ ପରବର୍ତ୍ତୀ ବିଷୟ, ସେ ରୋଗ ଦ୍ୱାରା ଜାଣୁଥିଲେ ଯେ ରୋଗ ନିର୍ଣ୍ଣୟ କଅଣ ଥିଲା, ଏବଂ ସେ ଜାଣୁଥିଲେ ଯେ ଫଳାଫଳ କଅଣ ଥିଲା।

34 ଯଦି ଜଣେ ଡାକ୍ତର ଏକ ଘାତକ ରୋଗକୁ ଦେଖନ୍ତି ଏବଂ ଦେଖନ୍ତି ଯେ ସେହି ଘାତକ ରୋଗଟି ବଢି ଯାଇଅଛି, ସେ ଜାଣିଯାଆନ୍ତି ଯେ ସେଠାରେ ମୃତ୍ୟୁ ଛଡା ଆଉ କିଛି ବାକି ନାହିଁ। ତାହାହିଁ ସବୁ କିଛି ଅଟେ, ଯେପର୍ଯ୍ୟନ୍ତକି ପରମେଶ୍ୱର ଏହା ବିଷୟରେ କିଛି ନ କରନ୍ତି।

35 ତେବେ, ଯେତେବେଳେ ଆପଣ ଏକ ନଗରକୁ ଦେଖନ୍ତି, ଏବଂ ଆପଣ ଏକ ଲୋକମାନଙ୍କୁ ଦେଖନ୍ତି, ଆପଣ ଏକ ମଣ୍ଡଳୀକୁ ଦେଖନ୍ତି, ଏବଂ ସେହି ଲୋକମାନଙ୍କୁ ଦେଖନ୍ତି ଯେଉଁମାନେକି ପରମେଶ୍ୱରଙ୍କଠାରୁ ବହୁତ ଦୂରରେ ଅଟନ୍ତି, ତେବେ ସେଠାରେ ରୋଗ ନିର୍ଣ୍ଣୟ ବ୍ୟତୀତ ଆଉ କିଛି ବାକି ନ ଥାଏ, ମାତ୍ର, "ପାପ! 'ଏବଂ ପାପର ବେତନ ହେଉଛି ମୃତ୍ୟୁ।' ଏହା ମରୁଥାଏ।" ରୋଗ ନିର୍ଣ୍ଣୟ ଏହା ପ୍ରମାଣ କରେ ଯେ ତାହା କଅଣ ଅଟେ। ଆପଣ ଦେଖନ୍ତୁ, ଯେତେବେଳେ ଲୋକମାନେ ପରମେଶ୍ୱରଙ୍କଠାରୁ ଦୂରେଇ ଯାଆନ୍ତି ଏବଂ ବାକ୍ୟକୁ ଶୁଣନ୍ତି ନାହିଁ, ବାକ୍ୟ ପାଇଁ ଆଉ ଅଧିକ ଇଚ୍ଛା ରହେ ନାହିଁ, ତାହାହେଲେ ସେଠାରେ

ଏହାର ଗୋଟିଏ ମାତ୍ର ରୋଗ ନିର୍ଣ୍ଣୟ ଅଛି, "'ଯେଉଁ ପ୍ରାଣ ପାପ କରେ, ସେହି ପ୍ରାଣ ମରିବ।' ଅବିଶ୍ୱାସ ତୁମକୁ ପରମେଶ୍ୱରଙ୍କଠାରୁ ପୃଥକ କରିବ।" ତାହା ଅବିକଳ ଠିକ୍ ଅଟେ।

36 ତାହା, ସେ ଜାଣିଥିଲେ ଯେ ଏହି ରୋଗଟି କଅଣ ଅଟେ, ଫଳାଫଳ କଅଣ ଅଟେ, ଯେତେବେଳେ ସେ ସେହି ନଗରରେ ପାପର ଏହି ରୋଗକୁ—କୁ ଦେଖିଥିଲେ।

37 ତେବେ, ଏହି ବିସ୍ମୃତି, ଆମମାନଙ୍କୁ କୁହାଯାଇଅଛି ଯେ ତାହା ଏକ—ଏକ—ଏକ… ଆପଣଙ୍କୁ ଏପରି ଏକ ସ୍ଥାନରେ ରଖିଦିଏ ଯେଉଁଠାରେକି ଆପଣ ନିଜକୁ ଚିହ୍ନିପାରନ୍ତି ନାହିଁ। ତେବେ, ଏହା ଏକ ଅସାଧାରଣ ବିଷୟ ଅଟେ। ଏହା ପ୍ରାୟତଃ ଘଟିତ ହୁଏ ନାହିଁ, ମାତ୍ର ଏହା ହଠାତ ଧକ୍କା ବା ଆଘାତ ଯୋଗୁଁ ହୋଇଥାଏ। ଏହା ଏପରି କେହି ଅଟନ୍ତି ଯିଏକି ଜାଣନ୍ତି ନାହିଁ ଯେ ସେମାନେ କିଏ ଅଟନ୍ତି। ଆପଣ ଏହାକୁ ଯୁଦ୍ଧ ସମୟରୁ ପାଆନ୍ତି, ବେଳେ ବେଳେ, ସୈନିକମାନେ ଏଥିରେ ଆକ୍ରାନ୍ତ ହୋଇଥାଆନ୍ତି। ବେଳେବେଳେ ଲୋକମାନେ ଏଥିରେ ଆକ୍ରାନ୍ତ ହୋଇଥାଆନ୍ତି। ଅନ୍ୟ ଏକ ବିଷୟ ଯାହାକି ଏହାର କାରଣ ଅଟେ, ତାହା ହେଉଛି ଚିନ୍ତା। ଚିନ୍ତା ଯୋଗୁଁ ଏହା ହୋଇଥାଏ।

38 ଚିନ୍ତାର କୌଣସି ସଦ୍‌ଗୁଣ ନାହିଁ, ଆଦୌ ନାହିଁ। ହଁ, ତେବେ କେବଳ—କେବଳ—କେବଳ ଚିନ୍ତାକୁ ଛାଡି ଦିଅନ୍ତୁ, ଏବଂ ବିଶ୍ୱାସକୁ ଗ୍ରହଣ କରନ୍ତୁ।

39 କେହି ଜଣେ କହିଲେ, "ତେବେ, ବର୍ତ୍ତମାନ, କଅଣ ହେବ ଯଦି ଆଜି ସକାଳେ ଆପଣଙ୍କୁ ଗୁଳି କରାଯିବାକୁ ଯାଉଅଛି, କଅଣ ଆପଣ ଚିନ୍ତା କରିବେ ନାହିଁ କି?"

ମୁଁ କହିଲି, "ନା, ସେହିପରି ଭାବନ୍ତୁ ନାହିଁ।"

"କାହିଁକି?"

ମୁଁ କହିଲି, "ଚିନ୍ତା ମୋହର ଅବସ୍ଥାକୁ ଖରାପ କରିବା ଛଡା ଆଉ କିଛି କରିପାରିବ ନାହିଁ।"

"ତେବେ, ବିଶ୍ୱାସ ରଖିବାଟା ତାହାହେଲେ ଆମ ପାଇଁ କଅଣ ଭଲ କରିବାକୁ ଯାଉଅଛି?"

ମୁଁ କହିଲି, "ଏହା ମୋତେ ଉଦ୍ଧାର କରିପାରେ।" ଏବଂ ତାହା ଠିକ୍ ଅଟେ, ଦେଖନ୍ତୁ।

40 ତେଣୁକରି ଚିନ୍ତାରେ କୌଣସି ସଦ୍‌ଗୁଣ ନାହିଁ, ଆଦୌ ନୁହେଁ, ମାତ୍ର ବିଶ୍ୱାସରେ ସମସ୍ତ ସଦ୍‌ଗୁଣ ଅଛି। ବିଶ୍ୱାସ କରନ୍ତୁ!

ତେବେ ବେଳେ ବେଳେ ଚିନ୍ତା ଯୋଗୁ ତାହା ହୋଇଥାଏ।

41 ଏବଂ ଆଉ ଏକ କାରଣ ଯାହା ଯୋଗୁ ଏହାକୁ ଲୋକମାନଙ୍କ ମଧ୍ୟରେ ହୋଇଥିଲା, ତାହା ହେଉଛି ଦୁଇଟି ମତ ମଧ୍ୟରେ ରହିବା। ତାହା ବିସ୍ମୃତିର କାରଣ ହେବ। ଏବଂ ଏହା ଆପଣଙ୍କୁ ଏପରି ଏକ ସ୍ଥାନକୁ ନେଇଯାଏ ଯେଉଁଠାରେକି ଆପଣ—ଆପଣ, ପ୍ରକୃତରେ, ଯାହା ଆପଣ କରିଥାନ୍ତି, ଆପଣ ନିଜର ଯୁକ୍ତି ତର୍କର ବିଚାରଗୁଡିକୁ ହରାଇଥାନ୍ତି। ଆପଣ ନିଜର ମସ୍ତିଷ୍କ ହରାଇଥାନ୍ତି। ଆପଣ କରିପାରନ୍ତି ନାହିଁ…ଆପଣ ଜାଣନ୍ତି ନାହିଁ ଯେ ଆପଣ

କିଏ ଅଟନ୍ତି? ଆପଣ ନିଜକୁ ଚିହ୍ନିପାରନ୍ତି ନାହିଁ । ଆପଣ ଆଖପାଖରେ ଚଲାବୁଲା କରିପାରନ୍ତି, ଖାଇପାରନ୍ତି ଏବଂ ସବୁକିଛି କରିପାରନ୍ତି, ମାତ୍ର, ଆପଣ, ତଥାପି ଆପଣ ନିଜକୁ ଚିହ୍ନିପାରନ୍ତି ନାହିଁ । ଆପଣ ନିଜର ବିଦ୍ୱାନ ଶିକ୍ଷା ପାଇଥାଆନ୍ତି, ଆପଣ ପାରନ୍ତି...ସମାନ ଶିକ୍ଷା ଯାହାକି ଆପଣଙ୍କର ରହିଥିଲା, ମାତ୍ର ଆପଣ ଜାଣନ୍ତି ନାହଁ ଯେ ତାହା କେଉଁଠାରୁ ଆସିଥିଲା, ଆପଣ ଜାଣନ୍ତି ନାହିଁ ଯେ ଆପଣ କିଏ, ଆପଣ କେଉଁଠାରୁ ଅଟନ୍ତି । ତାହା ବିସ୍ମୃତି ଅଟେ, ସେହିପରି ଭାବରେ ଆମକୁ କୁହାଯାଇଅଛି ।

42 ଆମେମାନେ ଏହି ମାନବ ଜୀବନରେ, ଆମର ପରିବାର ସହିତ, ବିବାହ ଦ୍ୱାରା ପରିଚିତ ହୋଇଥାଉ । ଏବଂ ଆମ ପତ୍ନୀମାନଙ୍କ ସହିତ, ଆମେ ବିବାହ କରିଥାଉ, ଏବଂ ଆମ ପରିବାରଟି ଆମର—ଆମର—ଆମର ବିବାହର ମିଳନ ଦ୍ୱାରା ଚିହ୍ନିତ ହୋଇଥାଏ । ଏବଂ ତାହାପରେ, ଆମେମାନେ କଅଣ ଚିନ୍ତା କରିବା, କଅଣ ହେବ ଯଦି ଏହି ଭୟାନକ ବିଷୟ ଆପଣଙ୍କ ସହିତ ଘଟିତ ହୁଏ ଏବଂ ଆପଣ ମନେ ରଖିବାକୁ ସମର୍ଥ ହୁଅନ୍ତି ନାହିଁ ଯେ ଆପଣ କାହାକୁ ବିବାହ କଲେ, ଆପଣଙ୍କର ପତ୍ନୀ କିଏ, ଆପଣଙ୍କର ସନ୍ତାନମାନେ କିଏ, ଆପଣଙ୍କର ପିତା ଏବଂ ମାତା କିଏ, ଆପଣଙ୍କର ପଡ଼ୋଶୀ କିଏ ଅଟନ୍ତି? ତାହା ଏକ—ଏକ ଭୟଙ୍କର ବିଷୟ ହେବ ।

43 ତାହାପରେ ଆମେମାନେ ପୁନର୍ବାର, ଚିହ୍ନିତ ହୋଇଥାଉ, ବୁଦ୍ଧିମାନ ହେବା ଦ୍ୱାରା, ଏବଂ—ଏବଂ ପଶୁ ଜୀବନଠାରୁ ଭିନ୍ନ ହେବା ଦ୍ୱାରା ନିଜକୁ ମାନବ ଜାତିରେ ପରିଚିତ କରାଇପାରୁ । ପଶୁ ଚିନ୍ତା କରିପାରେ ନାହିଁ, ସେ କେବଳ ଧ୍ୱନି ଦ୍ୱାରା ଗତି କରେ । ତାହାର କୌଣସି ପ୍ରାଣ ନ ଥାଏ । ଏବଂ, ମାତ୍ର, ଆମେ ତ ପଶୁ ଜୀବନ ଅଟୁ । ଯାହା ଆମକୁ ଭିନ୍ନ କରିଥାଏ...ଆମେମାନେ ଏକ ସ୍ତନ୍ୟପାୟୀ ପ୍ରାଣୀ ଅଟୁ, ମାତ୍ର ଯାହା...ସେହି ସ୍ତନ୍ୟପାୟୀ ଉଷ୍ମ-ରକ୍ତ ପ୍ରାଣୀ ଅଟେ, ଏବଂ ଆମେମାନେ ପଶୁମାନଙ୍କର ବୈଶିଷ୍ଟ୍ୟତାରେ ଅଛୁ । ମାତ୍ର ଯାହା ଆମକୁ ଭିନ୍ନ କରିଥାଏ ତାହା ହେଉଛି, ଆମମାନଙ୍କ ପାଖରେ ଏକ ପ୍ରାଣ, ଏକ ବିବେକ ରହିଅଛି ଯାହା ଦ୍ୱାରା ଆମେମାନେ ଚିହ୍ନିତ ହୋଇଥାଉ ଯାହାକି ଆମକୁ କୁହେ ଯେ କଅଣ ଠିକ୍ ଏବଂ କଅଣ ଭୁଲ୍ ଅଟେ ।

44 ତେବେ ସେଠାରେ ଏକ ସ୍ଥାନ ଅଛି, ଯେତେବେଳେ ଆପଣ ଏହି ବିସ୍ମୃତିରେ ଆକ୍ରାନ୍ତ ହୁଅନ୍ତି, ହୋଇପାରେ ଯେ ଆପଣ ନବୂଖଦ୍ନିତ୍ସରଙ୍କ ପରି ହୋଇଯାଆନ୍ତି, ତାହା ଥିଲା, ଯିଏ ନିଜକୁ ଥରେ ଉନ୍ନତ କରିଥିଲା, ଏବଂ ପରମେଶ୍ୱର ତାଙ୍କୁ ଏହା ଭାବିବା ପାଇଁ ଦେଲେ ଯେ ସେ ଜଣେ ପଶୁ ଅଟନ୍ତି । ଏବଂ ସେ ପ୍ରାନ୍ତରରେ ବାସ କରିଥିଲେ ଏବଂ—ଏବଂ ଏକ ବଳଦ ପରି ଘାସ ଖାଇଥିଲେ । ଏବଂ—ଏବଂ ତାଙ୍କର—ତାଙ୍କର କେଶଗୁଡ଼ିକ ଉତ୍କ୍ରୋଶ ପକ୍ଷୀର ପରଗୁଡିକ ପରି, ଦେହରେ ବଢି ଯାଇଥିଲା, ଏବଂ ସେ ତାଙ୍କ ଭିତରେ ଏକ ପଶୁର ହୃଦୟ ହୋଇ ଯାଇଥିଲେ । ବୁଝିଲେ? ତାହା ବିସ୍ମୃତି ଥିଲା, କାରଣ ସେ ଭୁଲି ଯାଇଥିଲେ ଯେ ସେ ଜଣେ ରାଜା ଥିଲେ । ସେ ଭୁଲି ଯାଇଥିଲେ ଯେ ସେ ଜଣେ ମଣିଷ ଥିଲେ । ଏବଂ ସେ ଭାବିଥିଲେ

ଯେ ସେ ଜଣେ ପଶୁ ଅଟନ୍ତି, ତେଣୁ ସେ ଏକ ପଶୁ ପରି ଆଚରଣ କରିଥିଲେ, କାରଣ ସେ ଭୁଲି ଯାଇଥିଲେ ଯେ ସେ ଜଣେ ମଣିଷ ଅଟନ୍ତି।

45 ଆଜି, ତାହା ବହୁତ ସହଜ ଅଟେ। ଏବଂ ଆମେ ବେଳେ ବେଳେ, ଭୁଲି ଯାଇଥାଉ, ଯେ ଖ୍ରୀଷ୍ଟିଆନ ମଣ୍ଡଳୀଟି କଅଣ। ଆମେ ଜଗତ ପରି ଆଚରଣ କରିଥାଉ। ତାହା ଏହା ଦର୍ଶାଇଥାଏ ଯେ ଆମେମାନେ ଆତ୍ମିକ ବିସ୍ମୃତିରେ ଆକ୍ରାନ୍ତ ଅଟୁ, କାରଣ ଯେ ଆପଣ ଖ୍ରୀଷ୍ଟିଆନ ପରି ଆଚରଣ କରନ୍ତି ନାହିଁ। ଆପଣ ଜଗତ ପରି ଆଚରଣ କରନ୍ତି। ଆପଣ ଜଗତର ହୃଦୟ ପାଇଥାନ୍ତି, ଏବଂ ଏହା ଯୋଗୁଁ ତାହା ହୋଇଥାଏ।

46 ଏଠାରେ ଆମେମାନେ—ଆମେମାନେ ପାଉ ଯେ ଇସ୍ରାଏଲ୍ ମିଶିଥିଲା, ଜଗତ ସହିତ ମିଶିଥିଲା, ଏବଂ ଏହି ପତିତ ଅବସ୍ଥାରେ ପଡିଯାଇଥିଲା। ଏବଂ ଏହି ଭବିଷ୍ୟଦ୍‌ବକ୍ତାଙ୍କୁ, ଯଦି ସମ୍ଭବ ହୁଏ, ସେମାନଙ୍କୁ ସେଥିରୁ କାଢି ଆଣିବା ପାଇଁ ଓ ସେମାନଙ୍କୁ କଥା କହିବା ପାଇଁ ପଠା ଯାଇଥିଲା। ପରମେଶ୍ୱର, ତାହାଙ୍କ ଅନୁଗ୍ରହରେ, ପୃଥିବୀର ଅନ୍ୟ ସମସ୍ତ ପରିବାର ଠାରୁ ଇସ୍ରାଏଲକୁ ବାଛିଥିଲେ। ଅନୁଗ୍ରହ ତାହା କରିଥିଲା। ସେ ସେମାନଙ୍କୁ ପସନ୍ଦ ଭୂମି ଦେଇଥିଲେ। ସେ ସେମାନଙ୍କୁ ଘର ଦେଇଥିଲେ ଯାହା ସେମାନଙ୍କୁ କେବେ ନିର୍ମାଣ କରିବାକୁ ପଡି ନ ଥିଲା। ପରମେଶ୍ୱର ତାହା କରିଥିଲେ, ସେମାନଙ୍କୁ ବାଛିଥିଲେ। ସେ ସେମାନଙ୍କୁ ଚାଷଜମି ଦେଇଥିଲେ ଯାହାକି ସେମାନେ କେବେ ବି କିଣି ନ ଥିଲେ। ସେ—ସେ ସେମାନଙ୍କୁ ଦେଇଥିଲେ, ସେ ସେମାନଙ୍କୁ ଭୋଜନ ଦେଇଥିଲେ ଯାହା ସେମାନେ କେବେ ବି ରୋପଣ କରି ନ ଥିଲେ। ସେ ସେମାନଙ୍କୁ କୂଅଗୁଡିକ ଦେଇଥିଲେ ଯାହା ସେମାନେ କେବେ ବି ଖୋଳି ନ ଥିଲେ। ସେ ସେମାନଙ୍କୁ ବିଜୟ ପ୍ରଦାନ କରିଥିଲେ ଯାହା ସେମାନେ କେବେ ବି ଜିତି ନ ଥିଲେ। ସେ ସେମାନଙ୍କୁ ଅନୁଗ୍ରହ ପ୍ରଦାନ କରିଥିଲେ ଯାହାର ସେମାନେ କେବେ ବି ଯୋଗ୍ୟ ନ ଥିଲେ। ପରମେଶ୍ୱର ଏହି ଲୋକମାନଙ୍କ ପାଇଁ, ଇସ୍ରାଏଲ୍, ତାହାଙ୍କର ମନୋନୀତ, ତାହାଙ୍କର ପ୍ରିୟ ଲୋକମାନଙ୍କ ପାଇଁ, ନିଜ ଅନୁଗ୍ରହ ଦ୍ୱାରା ତାହା କରିଥିଲେ।

47 ଏବଂ ସେ ବାଇବଲରେ, କହିଥିଲେ, "ସେ ତାଙ୍କୁ କ୍ଷେତରେ ଏକ ଛୋଟ କନ୍ୟା ରୂପରେ, ନିଜ ରକ୍ତରେ ଜୁଡୁବୁଡୁ ଥିବାର ପାଇଥିଲେ, ଆଉ ସେ ତାଙ୍କୁ ଧୋଇ ପରିଷ୍କାର କରିଥିଲେ, ଏବଂ ଯାହା ସେ କରିଥିଲେ। ମାତ୍ର ପରେମଶ୍ୱର ତାଙ୍କୁ ଏହି ସମସ୍ତ ଦୟା ଦେଖାଇବା ପରେ, ଏବଂ ସେ ଧନୀ ହୋଇ ଯାଇଥିଲା" ତାହାର ବିସ୍ମୃତି, ବିସ୍ମୃତିରେ ଆକ୍ରାନ୍ତ ହୋଇଥିଲା, "ଏବଂ ସେ ସେହିସବୁ ଜିନିଷ ଭୁଲିଗଲା ଯେ ଏହି ବିଷୟଗୁଡିକ କେଉଁଠାରୁ ଆସିଅଛି।"

48 ମୁଁ ଭାବୁଛି ଯେ ତାହା 1964 ର, ଯୁକ୍ତରାଷ୍ଟ୍ର ଆମେରିକାର ଏକ ଚିତ୍ର ଅଟେ। ଏହା ସେହି ସମାନ ରୋଗରେ ପୀଡିତ ହୋଇଅଛି। ଆମେମାନେ ଏକ ମହାନ ଶକ୍ତିଶାଳୀ ମଣ୍ଡଳୀ ଅଟୁ। ଆମେମାନେ ଏକ ମହାନ, ଶକ୍ତିଶାଳୀ ଜନସମୂହ ଅଟୁ। ଆମେମାନେ ସଂଖ୍ୟାରେ ଲକ୍ଷ ଲକ୍ଷ ଅଟୁ, ଏବଂ ଆମେମାନେ ଭୁଲି ଯାଇଛୁ ଯେ ଏହି ବିଷୟସବୁ କେଉଁଠାରୁ ଆସିଅଛି।

49 ସେମାନଙ୍କର ଏଥିର ଏକ ଖରାପ ମାମଲା ରହିଥିଲା। ପରେମଶ୍ୱର ସେମାନଙ୍କ

ପ୍ରତି ମଙ୍ଗଳମୟ ରହିଥିଲେ, ଏବଂ ସେମାନଙ୍କୁ ସମସ୍ତ ପ୍ରତିମାପୂଜକ ଦେଶରୁ ବାହାର କରି ଆଣିଥିଲେ। ଏବଂ ସେମାନଙ୍କୁ ଏକ ପୃଥକୀକୃତ ଲୋକ କରିଥିଲେ, ସେମାନଙ୍କୁ ନିଜ ପ୍ରତି ପୃଥକୀକୃତ କରିଥିଲେ। ସେ କହିଥିଲେ, "ସେ ଅନ୍ୟ ଦେଶରୁ ଏକ ଦ୍ରାକ୍ଷାଲତାକୁ ବାହାର କଲେ ଓ ତାକୁ ଅନ୍ୟ ଦେଶରେ ରୋପଣ କଲେ, ଏବଂ ସେ ଏହାକୁ କିପରି ଭାବରେ ଚାରିପାଖରେ ଦେଖାଶୁଣା କଲେ ଯେ ତାହା ଫଳ ଉତ୍ପାଦନ କରିବ ଓ ଫଳପ୍ରଦ ହେବ, ମାତ୍ର ସେହି ଦ୍ରାକ୍ଷାଲତା ତାହା ଭୁଲିଗଲା ଯେ ତାହାର ଆଶୀର୍ବାଦଗୁଡିକ କେଉଁଠାରୁ ଆସୁଅଛି।"

50 ଠିକ ସେହିପରି ପରମେଶ୍ୱରଙ୍କ ଲୋକମାନେ ମଧ୍ୟ, ଏହି ଶେଷ ଦିନମାନଙ୍କରେ, ଭୁଲି ଯାଇଛନ୍ତି ଯେ ଜଣେ ଖ୍ରୀଷ୍ଟିଆନ ହେବାର ସାକ୍ଷ୍ୟର ଅର୍ଥ କଅଣ ଅଟେ। ଏହା ପୁଣି ଥରେ, ଏହି ବିସ୍ମୃତି ଲୋକମାନଙ୍କ ଉପରେ ଆସିଯାଇଅଛି। ସେମାନେ ନିଜକୁ ଚିହ୍ନିପାରୁ ନାହାଁନ୍ତି।

51 ସେମାନେ, ସେମାନେ ଏହା ବିଷୟରେ ସବୁକିଛି ଭୁଲି ଯାଇଥିଲେ। ସେମାନେ ତାହାଙ୍କର ପବିତ୍ରତା ବିଷୟ ଭୁଲି ଯାଇଥିଲେ। ସେମାନେ ତାହାଙ୍କ ନିୟମ ଭୁଲି ଯାଇଥିଲେ। ସେହି ସ୍ତ୍ରୀଲୋକମାନେ ଅନ୍ୟ ସ୍ତ୍ରୀମାନଙ୍କ ପରି ଜୀବନଯାପନ କରୁଥିଲେ।

52 ପରମେଶ୍ୱରଙ୍କ ମଣ୍ଡଳୀ ଏବଂ ତାହାଙ୍କର ଲୋକମାନେ ସର୍ବଦା, "ଏକ ପୃଥକୀକୃତ ଲୋକ, ଏକ—ଏକ ଆହ୍ୱାନପ୍ରାପ୍ତ ଲୋକ, ଏକ ବିଚିତ୍ର ଲୋକ, ଏକ ପବିତ୍ର ରାଷ୍ଟ୍ର, ଏକ ରାଜକୀୟ ପୁରୋହିତ ହୋଇ ରହି ଆସିଥାନ୍ତି; ପରମେଶ୍ୱରଙ୍କୁ ଆତ୍ମିକ ବଳିଦାନ, ସେମାନଙ୍କ ଓଷ୍ଠାଧରର ଫଳ ଉତ୍ସର୍ଗ କରିଥାନ୍ତି, ତାହାଙ୍କର ନାମକୁ ପ୍ରଶଂସା କରିଥାଆନ୍ତି।" ପରମେଶ୍ୱର ତାହାଙ୍କର ମଣ୍ଡଳୀକୁ ଡାକିଲେ ଏବଂ ଏହାକୁ ଠିକ ସେହି ସମାନ ଉଦ୍ଦେଶ୍ୟ ପାଇଁ, ଜଗତରୁ ପୃଥକୀକୃତ କରିଥିଲେ। ଏବଂ ସେ ଏହା ପାଇଁ ଏକ ନିୟମ ଦିଅନ୍ତି, ଏବଂ ସେ, ଏହାକୁ, ପବିତ୍ର ହେବାକୁ ଅଛି। ସେ କହିଲେ, "ମୁଁ ପବିତ୍ର ଅଟେ, ଏବଂ ତୁମେମାନେ ପବିତ୍ର ହେବା ଉଚିତ୍, ଏବଂ ପବିତ୍ରତା ବିନା କୌଣସି ମନୁଷ୍ୟ କେବେ ପ୍ରଭୁଙ୍କୁ ଦେଖିବ ନାହିଁ।" ପରମେଶ୍ୱର ନିଜେ, ଏହା କହିଥିଲେ।

53 ଏବଂ ସେ ଏହି ଲୋକମାନଙ୍କୁ ଏହି ପ୍ରକାରର ଲୋକ ହେବା ନିମନ୍ତେ ଡାକିଥିଲେ, ମାତ୍ର ସେମାନେ ଏହା ବିଷୟରେ ଭୁଲି ଯାଇଥିଲେ। ସେମାନେ ତାହାଙ୍କର ନିୟମସକଳ ଭୁଲି ଯାଇଥିଲେ, ଏବଂ ସେମାନେ ନିଜର ନୈତିକତାଗୁଡିକୁ ଭୁଲି ଯାଇଥିଲେ। ରାସ୍ତାରେ ଥିବା ସ୍ତ୍ରୀଲୋକମାନେ, ସେଠାରେ ବାହାରେ ଥିବା ଇସ୍ରାଏଲୀୟ ସ୍ତ୍ରୀଲୋକମାନେ, ପ୍ରତ୍ୟେକେ ଜଣ ପବିତ୍ରଆତ୍ମାଙ୍କ ଦ୍ୱାରା ଗର୍ଭବତୀ ହେବାର—ର ଆଶା କରୁଥିଲେ, ଯେପରିକି ଖ୍ରୀଷ୍ଟଙ୍କୁ ଜନ୍ମ ଦିଅନ୍ତି, ଏବଂ ତାହାପରେ ସେହିପରି ଭାବରେ ଆଚରଣ କରିବା। ସେମାନଙ୍କର ଚରିତ୍ର ଭୟଙ୍କର ଥିଲା।

54 ମୁଁ ଏଠାରେ ଗୋଟିଏ ମିନିଟ୍ ପାଇଁ, ଏହା କହିବା ହେତୁ ଅଟକିବାକୁ ଚାହେଁ ଯେ ଏହା ଆଜି, ଆମ ଲୋକମାନଙ୍କ ମଧ୍ୟରେ ସେହି ସମାନ ବିଷୟ ଅଟେ, ଯେଉଁମାନେକି ନିଜକୁ ଖ୍ରୀଷ୍ଟିଆନ ବୋଲି କୁହନ୍ତି। ସେମାନଙ୍କର ଚରିତ୍ର, ଯଦି ଆପଣ କେବଳ ଅନୁଭବ କରିବେ!

55 ଥରେ, ଦକ୍ଷିଣ ପ୍ରାନ୍ତରେ। ମୁଁ ଏଠାରେ ତଳେ ଏକ କାହାଣୀ ପଢୁଥିଲି, ଯେଉଁଠାରେକି ଯେତେବେଳେ ସେମାନଙ୍କର ଦାସତ୍ୱ ପ୍ରଥା ରହିଥିଲା। ସେମାନେ ସେହି ଲୋକମାନଙ୍କୁ ନେଇ ବଜାରରେ ବିକ୍ରୟ କରୁଥିଲେ, ଠିକ ଯେପରିକି ଆପଣ ଏକ ବ୍ୟବହୃତ କାରକୁ କରିଥାଆନ୍ତି। ଏବଂ ତାହାପରେ ସେଠାରେ ଜଣେ କ୍ରେତା, ଦଲାଲ୍ ରହୁଥିଲା ଯିଏକି ଆସନ୍ତି ଏବଂ ଏହି କ୍ରୀତଦାସମାନଙ୍କୁ ନେଇ ସେମାନଙ୍କୁ କିଣା ବିକା କରନ୍ତି, ଏବଂ ଯେପରିକି ଆପଣ ଏକ କାର୍ କିମ୍ବା କିଛି ଗୋଟାଏ ସହ କରିଥାଆନ୍ତି।

56 ଏବଂ ସେହି କ୍ରୀତଦାସମାନେ ସେମାନଙ୍କର ନିଜ ଦେଶଠାରୁ ଦୂରରେ ରହିଥିଲେ। ସେମାନେ ଆଫ୍ରିକାରୁ ଥିଲେ। ସେହି ବୋଇର୍ସ ସେମାନଙ୍କୁ ଅପହରଣ କରି, ସେମାନଙ୍କୁ ଏଠାରେ ଏହି ଦ୍ୱୀପପୁଞ୍ଜକୁ ଆଣୁଥିଲେ, ଏବଂ ତାହାପରେ ସେମାନଙ୍କୁ ଆମେରିକା ଭିତରକୁ ଚୋରା ଚାଲାଣ କରି ନେଇ ଆସୁଥିଲେ, ଏବଂ ଜାମାଇକାରେ ଏବଂ ଏହାର ଆଖପାଖ ଅଞ୍ଚଳରେ କ୍ରୀତଦାସ କରି ବିକ୍ରି କରି ଦେଉଥିଲେ।

57 ବର୍ତ୍ତମାନ ଆମେମାନେ ପାଉ ଯେ ସେହି ଲୋକମାନେ ଦୁଃଖରେ ମ୍ରିୟମାଣ ହୋଇ ରହୁଥିଲେ। ସେମାନଙ୍କୁ ନିଜ ଘରୁ ଅପହରଣ କରି ନିଆଯାଇଥିଲା। ସେମାନଙ୍କୁ ଏକ ଶତ୍ରୁ ଦ୍ୱାରା ବାହାର କରି ନିଆ ଯାଇଥିଲା, ଏବଂ ସେମାନେ ଦୁଃଖରେ ରହୁଥିଲେ। ସେମାନେ ନିଜର ସ୍ୱାମୀଙ୍କୁ କଦାପି ଆଉ ଅଧିକ ଦେଖିବେ ନାହିଁ, କିମ୍ବା ସେମାନଙ୍କର ପତ୍ନୀଙ୍କୁ ଆଉ ଦେଖିବେ ନାହିଁ, ସେମାନଙ୍କର ପିତା ଏବଂ ମାତାଙ୍କୁ, ସେମାନଙ୍କର ପିଲାମାନଙ୍କୁ କଦାପି ଆଉ ଅଧିକ ଦେଖିବେ ନାହିଁ। ସେମାନେ ସଂପୂର୍ଣ୍ଣ ଭାବରେ...ସେମାନଙ୍କୁ କାମ କରାଇବା ହେତୁ, ଚାବୁକ ଦ୍ୱାରା, କୋରଡା ପ୍ରହାର କରିବାକୁ ପଡୁଥିଲା, କାରଣ ସେମାନେ ଦୁଃଖରେ ମ୍ରିୟମାଣ ହୋଇ ରହୁଥିଲେ।

58 ଏବଂ ଦିନେ, ଜଣେ ଦଲାଲ୍ ଏକ ନିର୍ଦ୍ଦିଷ୍ଟ କୃଷି କ୍ଷେତ୍ରକୁ ଆସିଲେ, ସେ ସେଠାରେ ଦାସମାନଙ୍କର ଏକ ସମୂହକୁ କାମ କରୁଥିବାର ଦେଖିଲେ। ଏବଂ ସେ—ସେ ଭିତରକୁ ଗଲେ ଏବଂ ମାଲିକଙ୍କୁ ପଚାରିଲେ, "ଆପଣଙ୍କର କେତେ ଦାସ ଅଛନ୍ତି?"

କହିଲେ, "ପ୍ରାୟଃ ଶହେ।"

ପଚାରିଲେ, "କଅଣ ଆପଣଙ୍କ ପାଖରେ ଏପରି କେହି ଅଛି ଯାହାକୁ ଆପଣ ଅଦଳବଦଳ କିମ୍ବା ବିକ୍ରୟ କରିବେ?"

ସେ କହିଲେ, "ହଁ।"

କହିଲେ, "ମୋତେ ସେମାନଙ୍କୁ ଦେଖିବାକୁ ଦିଅନ୍ତୁ।"

59 ଏବଂ ସେ କ୍ଷେତକୁ ଯାଇ ସେମାନଙ୍କୁ ଅନାଇଲେ, ଏବଂ ସେ ଦେଖିଲେ ଯେ ସେମାନଙ୍କୁ ଚାରିଆଡେ ଚାବୁକ ମାରିବାକୁ ପଡୁଅଛି। ଆଉ କିଛି ସମୟ ପରେ, ସେ ଜଣେ ଯୁବା ଲୋକକୁ ଦେଖିଲେ ଯାହାକୁ ସେମାନଙ୍କୁ ଚାବୁକ ମାରିବାକୁ ପଡୁ ନ ଥିଲା। ସେ ତାର ଛାତି ବାହାର କରି

ମୁଖକୁ ଉପର କରି ରହିଥିଲା; ତାକୁ ଚାବୁକ ମରାଯିବାକୁ ପଡୁ ନ ଥିଲା । ତେଣୁ ସେହି ଦଲାଲ କହିଲେ, "ମୁଁ ସେହି କ୍ରୀତଦାସକୁ କିଣିବାକୁ ପସନ୍ଦ କରିବି ।"

ତେବେ ସେହି ମାଲିକ କହିଲେ, "ମାତ୍ର ସେ ବିକ୍ରୟ କରାଯିବା ହେତୁ ନୁହେଁ ।"

60 ସେ ପଚାରିଲେ, "ତେବେ, ସେହି ଦାସଠାରେ କି ପାର୍ଥକ୍ୟ ଅଛି?" କହିଲେ, "ସେହି ଦାସ କଅଣ ଅବଶିଷ୍ଟ ଅନ୍ୟମାନଙ୍କ ଉପରେ କର୍ତ୍ତୃତ୍ୱକାରୀ ମୁନିବ କି?"

ସେ କହିଲେ, "ନା, ସେ କେବଳ ଜଣେ କ୍ରୀତଦାସ ହିଁ ଅଟେ ।"

ସେ କହିଲେ, "ତେବେ, ବୋଧହୁଏ ଆପଣ ତାକୁ ଅଲଗା ଖାଇବାକୁ ଦିଅନ୍ତି ।"

ସେ କହିଲେ, "ନା, ସେ ଅନ୍ୟ କ୍ରୀତଦାସମାନଙ୍କ ସହିତ ରୋଷେଇଶାଳାରେ ଖାଇଥାଏ ।"

61 ସେ କହିଲେ, "ତେବେ, ତାହାହେଲେ କେଉଁ ବିଷୟ ତାକୁ ଅନ୍ୟ କ୍ରୀତଦାସମାନଙ୍କଠାରୁ ଏତେ ଭିନ୍ନ କରେ?"

62 ସେ କହିଲେ, "ତେବେ, ମୁଁ ମଧ୍ୟ, ଦୀର୍ଘ ସମୟ ଧରି, ଏହି ବିଷୟରେ ଆଶ୍ଚର୍ଯ୍ୟ କରିଥିଲି । ମାତ୍ର ଦିନେ ମୁଁ ଜାଣିଲି, ଯେ, ସେଠାରେ ସେହି ଦେଶରେ ଯେଉଁଠାରୁ ସେ ଆସିଅଛି, ତାର ପିତା ସମଗ୍ର ଜନଜାତିର ରାଜା ଅଟନ୍ତି । ଏବଂ ଯଦିଓ ସେ ଜଣେ ବିଦେଶୀ, ଏବଂ ଘରଠାରୁ ଦୂରରେ ଅଟେ, ତଥାପି ସେ ଜାଣେ ଯେ ସେ ଜଣେ ରାଜାଙ୍କର ପୁତ୍ର ଅଟେ, ଏବଂ ସେ—ସେ ନିଜକୁ ଜଣେ ରାଜାଙ୍କ ପୁତ୍ର ପରି ଆଚରଣ କରିଥାଏ ।"

63 ମୁଁ ଭାବିଲି, "ମାତ୍ର, ତାହା, ଯଦି ଆଫ୍ରିକାରୁ ଆସିଥିବା ଜଣେ ନିଗ୍ରୋକୁ, ଏବଂ ଯିଏ ଜାଣିଥିଲା ଯେ ତାହାର ପିତା ଜଣେ ଜନଜାତି ଲୋକ ଥିଲେ ଏବଂ ଏକ ଜାତି ଉପରେ ରାଜା ଥିଲେ, ତାହାହେଲେ ଏହା ନୂତନ ଜନ୍ମ ପାଇଥିବା ଜଣେ ଖ୍ରୀଷ୍ଟିଆନଙ୍କୁ କଅଣ କରି ଦେବା ଉଚିତ୍, ଜଣେ ପୁରୁଷ କିମ୍ବା ଜଣେ ସ୍ତ୍ରୀକୁ, ଯେ ଆମର ପିତା ମହିମାରେ ସ୍ୱର୍ଗର ରାଜା ଅଟନ୍ତି!" ଆମେମାନେ ନିଜକୁ ଖ୍ରୀଷ୍ଟିଆନ ପୁରୁଷ ଏବଂ ମହିଳା ଭାବରେ ଆଚରଣ କରିବା ଉଚିତ୍ । ଆମେମାନେ ସେହିପରି ଭାବରେ କାର୍ଯ୍ୟ କରିବା ଉଚିତ୍, ସେହିପରି ଭାବରେ ପରିଧାନ କରିବା ଉଚିତ୍, ସେହିପରି ଭାବରେ କଥାବାର୍ତ୍ତା କରିବା ଉଚିତ୍, ସେହିପରି ଭାବରେ ଜୀବନ ଯାପନ କରିବା ଉଚିତ୍ । ଯଦିଓ ଆମେ ଜଣେ ବିଦେଶୀ ଅଟୁ, ତଥାପି ଆମେମାନେ ରାଜାଙ୍କର ସନ୍ତାନ ଅଟୁ । ଆମେନ୍ ।

64 ଆମର ଚରିତ୍ର, ଆମର ନୈତିକ ହ୍ରାସ ଏହି ଦିନମାନଙ୍କରେ ଯେଉଁ ଦିନରେ କି ଆମେମାନେ ବର୍ତ୍ତମାନ ବସବାସ କରୁଅଛୁ! ଇସ୍ରାଏଲ ଠିକ ସେହି ସମାନ ମନ୍ଦ ଅଭ୍ୟାସରେ ପଡ଼ିଯାଇଥିଲା ଏବଂ ଅନୈତିକ ମଧ୍ୟ ଥିଲା । ସେମାନେ ପରମେଶ୍ୱରଙ୍କ ନିୟମାବଳୀ ଭୁଲି ଯାଇଥିଲେ, "ତୁମ୍ଭେ ବ୍ୟଭିଚାର କରିବ ନାହିଁ, ଓ ତୁମ୍ଭେ ଆପଣା ପ୍ରତିବାସୀର ସ୍ତ୍ରୀକୁ ଲୋଭ କରିବ ନାହିଁ," ଏବଂ ଉତ୍ୟାଦି ସବୁ । ସେମାନେ ସେହି ନିୟମଗୁଡ଼ିକୁ ଭୁଲି ଯାଇଥିଲେ ।

ସେମାନେ—ସେମାନେ—ସେମାନେ ଏହାକୁ ଆଉ ଅଧିକ ଚାହିଁ ନ ଥିଲେ। ଏବଂ ସେମାନେ—ସେମାନେ ଅବଶିଷ୍ଟ ଜଗତ ପରିକା—ପରିକା ହେବାକୁ ଚାହୁଁଥିଲେ, ଠିକ ଯେପରିକି ମଣ୍ଡଳୀ ଆଜି ହୋଇ ଯାଇଅଛି।

65 ଥରେ, ଇସ୍ରାଏଲ୍, ଯେତେବେଳେ ସେମାନେ ଆରମ୍ଭ କରିଥିଲେ, ସେମାନେ ଏହା ଉପରେ ଏକ ରାଜା କରିବାକୁ ଚାହିଁଥିଲେ। ଶାମୁୟେଲ, ସେହି ଭବିଷ୍ୟଦ୍‌ବକ୍ତା ଯାହାକୁ ସେମାନଙ୍କ ନିକଟକୁ ପଠା ଯାଇଥିଲା, ସେ କହିଲେ, "କଅଣ ମୁଁ କେବେ ପ୍ରଭୁଙ୍କ ନାମରେ ଏପରି କିଛି କହିଅଛି ଯାହା ସଫଳ ହୋଇନାହିଁ?"

ସେମାନେ କହିଲେ, "ନା, ତୁମେ ସେପରି କେବେ କରି ନାହଁ।"

66 "କଅଣ ମୁଁ କେବେ ମୋର ନିଜର ଜୀବନଯାପନ ନିମନ୍ତେ, ତୁମକୁ ମୋର ଭୋଜନ ଏବଂ ଟଙ୍କା ନିମନ୍ତେ ମଧ୍ୟ, ତୁମର ଟଙ୍କାକୁ ମାଗିଥିଲି କି?"

67 "ନା, ତୁମେ ତାହା କରି ନାହଁ। ଶାମୁୟେଲ, ତୁମେ କଦାପି ଆମକୁ ଏପରି କିଛି କହି ନାହଁ, ଯାହାକି ସଫଳ ହୋଇ ନାହିଁ। ଏବଂ ତୁମେ କେବେ ହେଲେ ଆମକୁ ତୁମର ଜୀବନ ଯାପନ ନିମନ୍ତେ, ଆମକୁ ଟଙ୍କା ମାଗି ନାହଁ। ମାତ୍ର, ତଥାପି, ଯାହା ବି ହେଉ, ଆମେମାନେ ରାଜା ଚାହୁଁଅଛୁ।"

68 ପରମେଶ୍ୱର ଶାମୁୟେଲଙ୍କୁ କହିଲେ, "ସେମାନଙ୍କୁ ତାହା କରିବାକୁ ଦିଅ। ସେମାନେ ତୁମକୁ ପ୍ରତ୍ୟାଖ୍ୟାନ କରି ନାହାଁନ୍ତି; ସେମାନେ ମୋତେ ପ୍ରତ୍ୟାଖ୍ୟାନ କରିଅଛନ୍ତି।"

69 ଇସ୍ରାଏଲ୍ ବର୍ତ୍ତମାନ ଠିକ ସେହି ସମାନ ଅବସ୍ଥାକୁ ଆସିଯାଇଥିଲା। ସେମାନେ ଆଉ ଅଧିକ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତାମାନଙ୍କୁ ଚାହୁଁ ନ ଥିଲେ। ସେମାନଙ୍କୁ ଆଉ ସେମାନଙ୍କର ଆବଶ୍ୟକତା ନ ଥିଲା। ଏବଂ ଯଦି କେହି ଜଣେ ଆସନ୍ତି, ଏବଂ ସେମାନଙ୍କ ପାଇଁ ବାକ୍ୟ ଆଣନ୍ତି, ଏବଂ ସେମାନଙ୍କୁ ପୁନର୍ବାର ବାକ୍ୟ ନିକଟକୁ ଫେରାଇ ଆଣିବାକୁ ଚେଷ୍ଟା କରନ୍ତି, ସେମାନେ ତାହାକୁ ପ୍ରତ୍ୟାଖ୍ୟାନ କରି ଦେଇଥାଆନ୍ତି। ସେମାନେ ସେହି ପ୍ରକାର ଦୁର୍ନୀତିରେ, ସର୍ବଦା ତାହା କରିଥାଆନ୍ତି।

70 ଯେତେବେଳେ ଜଗତ ଏବଂ ମଣ୍ଡଳୀ ନିଜକୁ ଏକତ୍ର ଯୋଗ କରନ୍ତି, ସେତେବେଳେ ସେମାନେ ଆଉ କିଛି କୌଣସି ଆତ୍ମିକ ବିଷୟ ଚାହାଁନ୍ତି ନାହିଁ। ସେମାନେ **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଚାହାଁନ୍ତି ନାହିଁ। ସେମାନେ ତାହା ଚାହାଁନ୍ତି ଯାହା ସେମାନଙ୍କର ଇଚ୍ଛା ହୁଏ। ସେମାନେ ଜଗତକୁ ଚାହାଁନ୍ତି, ଏବଂ ଏହା କୁହାଇବାକୁ ଚାହାଁନ୍ତି ଯେ ସେମାନେ ଖ୍ରୀଷ୍ଟିଆନ ଅଟନ୍ତି; ଏବଂ ଜଗତରେ ରୁହନ୍ତି, ଏବଂ ଜଗତ ସହିତ ଜୀବନ ଯାପନ କରନ୍ତି, ଏବଂ ଜଗତ ପରି ବଞ୍ଚି ରହିବାକୁ ଚାହାଁନ୍ତି, ଏବଂ ତଥାପି ସୁଦ୍ଧା ଜଣେ ଖ୍ରୀଷ୍ଟିଆନ ହେବାର ନିଜର ସ୍ୱୀକାରୋକ୍ତିକୁ ବଜାୟ ରଖିଥାଆନ୍ତି। ଆପଣ ଜାଣନ୍ତି, ଏହାର ବିଷୟ ହେଉଛି, ଏହା ଆତ୍ମିକ ବିସ୍ମୃତି ଅଟେ। ତାହା ଅବିକଳ ଠିକ୍ ଏହାହିଁ ଅଟେ। ସେମାନେ ଜାଣନ୍ତି ନାହିଁ ଯେ ସେମାନେ କିଏ ଅଟନ୍ତି। ସେମାନେ ଭୁଲି ଯାଇଛନ୍ତି ଯେ ସେମାନେ କଅଣ କରିବା ଉଚିତ୍।

71 ଯଦି କେହି ଜଣେ ଆଜି, ସେହିପରି ଭାବରେ ଆସନ୍ତି, ତେବେ ତାହାଙ୍କୁ ମଧ୍ୟ ଠିକ ସେହି ସମାନ ଭାବରେ ପ୍ରତ୍ୟାଖ୍ୟାନ କରାଯିବ । ସେମାନଙ୍କଠାରେ ଏହା ବିଷୟରେ ଏକ ଖରାପ ମାମଲା ରହିଥିଲା, ଏବଂ ଆଜି ମଧ୍ୟ ସେମାନଙ୍କର ସେହିପରି ରହିଅଛି । ସେମାନେ ଆଉ ଅଧିକ ନିଜକୁ, ଅଲୌକିକ ବିଷୟ ସହିତ ଚିହ୍ନିତ କରିପାରି ନ ଥିଲେ, କାରଣ ସେମାନେ ଏହାକୁ ଚାହିଁ ନ ଥିଲେ । ସେହି ବାକ୍ୟ, ସେହି ସୁସମାଚାର, ସେମାନେ ଏହାକୁ ଚାହିଁ ନ ଥିଲେ । ପାପ ରୋଗ ସେମାନଙ୍କୁ ଆକ୍ରାନ୍ତ କରି ଦେଇଥିଲା, ଏବଂ ସେମାନେ ତାହାକୁ ଭଲ ପାଇଥିଲେ ।

72 ଅପରିବର୍ତ୍ତିତ ହୃଦୟ ପାଇଁ ପାପ ଆନନ୍ଦଦାୟକ ଅଟେ । ଏହା ଅପରିବର୍ତ୍ତିତ ମନକୁ ଭଲ ଦେଖାଯାଏ, ମାତ୍ର ଏହା ମୃତ୍ୟୁର ସେହି ପଥ ଅଟେ । ମୃତ୍ୟୁ ବ୍ୟତୀତ ଆଉ କିଛି ବାକି ନ ଥାଏ । "ପାପର ବେତନ ହେଉଛି ମୃତ୍ୟୁ," ଏବଂ ଆପଣଙ୍କୁ ସେହି ବେତନ ଅମଳ କରିବାକୁ ଅଛି । ଆପଣ ପବନରେ ବୁଣି ଅଛନ୍ତି, ଏବଂ ବର୍ତ୍ତମାନ ଘୂର୍ଣ୍ଣିବାତ୍ୟା ଅମଳ କରୁଅଛନ୍ତି ।

73 ସେହି ଆତ୍ମିକ ଚିହ୍ନମାନ ଏବଂ ପରମେଶ୍ୱରଙ୍କଠାରୁ ନିଯୁକ୍ତ ବାର୍ତ୍ତାବହଙ୍କ ପ୍ରଚାର, ସେମାନଙ୍କୁ ଆଉ କେବେ ବି ଉତ୍ସାହିତ କଲା ନାହିଁ । ସ୍ତ୍ରୀଲୋକମାନେ ଠିକ ସେମାନଙ୍କ ମୁହଁରେ ହସି ପାରୁଥିଲେ, ଏବଂ କହି ପାରୁଥିଲେ, "ମୋତେ ସେହିପରି ଏକ ବିଷୟ ଶୁଣିବାକୁ ଯିବା ପାଇଁ ଦରକାର ନାହିଁ ।" ଯଦି ତାହା ପୁନରାବୃତ୍ତି ହୋଇନାହିଁ କି! ଏହା କଅଣ ଅଟେ? ଆତ୍ମିକ ବିସ୍ମୃତି, ଅବିକଳ ଠିକ୍ ତାହା ହିଁ ଅଟେ । ସେମାନେ ଭୁଲି ଯାଇଛନ୍ତି ଯେ ପରମେଶ୍ୱର ଏବଂ ତାହାଙ୍କର ବାକ୍ୟ ସମାନ ଅଟେ, ଏବଂ ସେ ଏହାକୁ ପରିବର୍ତ୍ତନ କରିପାରନ୍ତି ନାହିଁ ।

74 ଯଦି ସେହି ଦିନମାନଙ୍କରେ ଦୃଶ୍ୟପଟ୍ଟରେ ଜଣେ ଭବିଷ୍ୟଦ୍‌ବକ୍ତା ଉଠିଥିଲେ ଏବଂ ଏକ ଆତ୍ମିକ ଚିହ୍ନ ଦେଇଥିଲେ, ଏକ ଆତ୍ମିକ ସ୍ୱର ଦେଇଥିଲେ, ଏବଂ ଏହା ପଛରେ ପରମେଶ୍ୱରଙ୍କ ସ୍ୱର ଦେଇଥିଲେ, ତାହାହେଲେ ସେମାନେ କେବଳ ଏହା ଉପରେ ପରିହାସ କରିଥିଲେ ଏବଂ ଏହାର ଥଟ୍ଟା ମଜା କରିଥିଲେ ।

75 ଆପଣ ସେହି ପୁରାତନ ପ୍ରବାଦକୁ ଜାଣିଛନ୍ତି, "ଯେଉଁଠାରେ ସ୍ୱର୍ଗଦୂତମାନେ ପାଦ ଦେବାକୁ ଭୟ କରନ୍ତି ମୂର୍ଖମାନେ ସେଠାରେ କଣ୍ଟକ ଜୋତା ପିନ୍ଧି ଚାଲିବେ ।" ତାହା ହିଁ ଅଟେ ଯାହାକି ଏହି ଆତ୍ମିକ ବିସ୍ମୃତି କରିଥାଏ । ଏହା ଲୋକମାନଙ୍କୁ ଏପରି ଏକ ସ୍ଥାନକୁ ନେଇ ଆସିଥାଏ ଯେଉଁଠାରେକି ସେମାନଙ୍କର ନିଜ ଭିତରେ କୌଣସି ଅନୁଭୂତି ରହେ ନାହିଁ । ସେମାନେ ଆଉ କୌଣସି ହେଲେ କିଛି ଆତ୍ମିକ ବିଷୟ ଚାହାଁନ୍ତି ନାହିଁ ।

76 ଏକ ପ୍ରକୃତ ଆତ୍ମିକ ସଭାକୁ ନିଅନ୍ତୁ, ଯେଉଁଠାରେକି ପବିତ୍ରଆତ୍ମା ରୋଗୀମାନଙ୍କୁ ସୁସ୍ଥ କରୁଅଛନ୍ତି ଏବଂ ହୃଦୟରେ ଥିବା ଚିନ୍ତାଗୁଡିକୁ ଜାଣୁଅଛନ୍ତି, ଆଉ ଏହାକୁ ସମସ୍ତ ମଣ୍ଡଳୀ ମଧ୍ୟରେ ରଖି ଦିଅନ୍ତୁ, ଏଠାରେ ଏହି ଷ୍ଟାଡିୟମରେ କେବଳ ଏକ ବିଶାଳ ସମାବେଶ ମଧ୍ୟରେ, ଏବଂ ଦେଖନ୍ତୁ ଯେ କଅଣ ଘଟିତ ହେବ । କିଛି ମିନିଟ ମଧ୍ୟରେ, ସମସ୍ତେ ଉଠି ପଡିବେ ଓ ଚାଲିବାକୁ ଆରମ୍ଭ କରିବେ । ସେମାନଙ୍କର ଏହା ସହିତ କୌଣସି କିଛି କାରବାର ନାହିଁ । ସେମାନେ ଏହା ସହିତ କିଛି ହେଲେ କରିବାକୁ ଚାହାଁନ୍ତି ନାହିଁ । ସେମାନେ କୌଣସି

ବୌଦ୍ଧିକ କଥାବାର୍ତ୍ତାକୁ ଶୁଣିବେ ।

77 ମାତ୍ର ଯେତେବେଳେ ଏହା ଯୀଶୁ ଖ୍ରୀଷ୍ଟଙ୍କ ଶକ୍ତି, ଏବଂ ତାହାଙ୍କର ପୁନରୁତ୍ଥାନ, ଏବଂ ପବିତ୍ରଆତ୍ମା ବିଷୟରେ କଥା ଆସେ, ସେମାନେ ଏହା ସହିତ କିଛି ହେଲେ କରିବାକୁ ଚାହାଁନ୍ତି ନାହିଁ, କାରଣ ଏହା ସେମାନଙ୍କୁ ନିନ୍ଦା କରିଥାଏ । ଏହା ସେମାନଙ୍କୁ ସେହି ବିଷୟର ନିଆଁରେ ଦଗ୍ଧ କରିଥାଏ ଯାହା ସେମାନଙ୍କୁ ଜାଣିବା ଉଚିତ୍ । ଅବଶ୍ୟ, କୌଣସି ସମୟରେ, ତାଡନା ସୁଖକର ନୁହେଁ । ମାତ୍ର, ଏହା, ଯଦି ଆପଣ ଏହା ପ୍ରତି ସମର୍ପି ଦେବେ, ତେବେ ଏହା—ଏହା ଅନୁତାପର ଫଳଗୁଡିକୁ ଉତ୍ପନ୍ନ କରିବ । ତେଣୁକରି ଆମେମାନେ ପାଇଲୁ ଯେ, ଯେତେବେଳେ ଏହି ଆତ୍ମିକ ବିସ୍ମୃତି ଲୋକମାନଙ୍କୁ ଆକ୍ରାନ୍ତ କରିଥାଏ, ସେତେବେଳେ ସେମାନେ—ସେମାନେ ଏକ ଖରାପ ଅବସ୍ଥାରେ ରହିଥାଆନ୍ତି । ତେବେ ଆମେମାନେ ବର୍ତ୍ତମାନ ସେହି ସମାନ ବିଷୟକୁ ପାଉଅଛୁ । ବର୍ତ୍ତମାନ ମୁଁ ଚାହେଁ ଯେ...

78 ଆପଣ ଚିହ୍ନିତ କରାଯିବା ଉଚିତ୍ । କୌଣସି ସ୍ଥାନରେ, ଆପଣ ଦେଖାଯିବା ଜରୁରୀ । ଆପଣଙ୍କର ଜୀବନ, ଆଜି ରାତିରେ ଦେଖାଏ, ଯେ ଆପଣ କେଉଁଠାରେ ଚିହ୍ନିତ ଅଟନ୍ତି । ଆପଣ ଖ୍ରୀଷ୍ଟଙ୍କଠାରେ କିମ୍ବା ଖ୍ରୀଷ୍ଟଙ୍କ ବାହାରେ ଚିହ୍ନିତ ଅଟନ୍ତି । ଆପଣ ଅଧା ବାଟରେ ନୁହଁନ୍ତି । ଜଣେ ମଦ୍ୟପ ଭଦ୍ର ବ୍ୟକ୍ତି ଭଳି କୌଣସି ବିଷୟ ନାହିଁ । କୌଣସି କଳା ଧଳା ପକ୍ଷୀ ନାହିଁ । ଆପଣ ଉଦ୍ଧାରପ୍ରାପ୍ତ ଅଟନ୍ତି କିମ୍ବା ଆପଣ ଉଦ୍ଧାରପ୍ରାପ୍ତ ନୁହଁନ୍ତି । ଆପଣ ଜଣେ ସାଧୁ କିଅବା ଜଣେ ପାପୀ ଅଟନ୍ତି, ଜଣେ ଅବା ଅନ୍ୟଟି ଅଟନ୍ତି, ଏବଂ ପରମେଶ୍ୱରଙ୍କ ବାକ୍ୟ ପ୍ରତି ଆପଣଙ୍କର ଆତ୍ମିକ ମନୋଭାବ ଅବିକଳ ଭାବେ ଆପଣଙ୍କୁ ଏହା ଚିହ୍ନିତ କରାଏ ଯେ ଆପଣ କେଉଁଠାରେ ଛିଡା ହୋଇଅଛନ୍ତି । ଠିକ୍!

79 ପରମେଶ୍ୱରଙ୍କ, ସୁପ୍ରମାଣିତ ବାକ୍ୟ, ଏହା ସିଦ୍ଧ କରେ ଯେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଠିକ ସେହି ସମାନ ଭାବରେ ହିଁ ଅଟେ ଯେପରିକି ତାହା ପେଣ୍ଟିକଷ୍ଟ ଦିନରେ କିମ୍ବା ଅନ୍ୟ କୌଣସି ସମୟରେ କେବେ ରହିଥିଲା । ଏବଂ ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । ଏବଂ ତାହା ପ୍ରତି ଆପଣଙ୍କର ମନୋଭାବ ହିଁ ଏହା ଚିହ୍ନିତ କରିଥାଏ ଯେ ଆପଣଙ୍କର ଆତ୍ମିକ ବିସ୍ମୃତି ଅଛି କି ନାହିଁ । ତାହା ଠିକ୍ ଅଟେ । ଏଥିରେ କିଛି ଯାଏ ଆସେ ନାହିଁ ଯେ ଯଦି ଆପଣ ଜଣେ ଦୀକନ୍ ଅଟନ୍ତି, କିମ୍ବା ଆପଣ ଜଣେ ପ୍ରଚାରକ ସୁଦ୍ଧା ଅଟନ୍ତି, ଏହା କରେ ନାହିଁ... ହଁ, ସେମାନେ ମଧ୍ୟ, ଏଥିରେ ଆକ୍ରାନ୍ତ ହୋଇଥାନ୍ତି । ତେଣୁକରି ଆମେମାନେ ପାଉ ଯେ, ଏହା ସଂକ୍ରାମକ ଅଟେ ଏବଂ ସମଗ୍ର ବିଷୟକୁ ଆକ୍ରାନ୍ତ କରି ଦେଇଥାଏ । ତେବେ ଆମେମାନେ ଧ୍ୟାନ ଦେଉ ।

80 ତେବେ, ଜଣେ ଆମେରିକୀୟ ହେବାକୁ ହେଲେ । ଆମେରିକୀୟ ହେବାକୁ ହେଲେ, ମୋତେ ମୋ ଦେଶ ସହିତରେ ନିଶ୍ଚିତ ଭାବରେ ଚିହ୍ନିତ ହେବାକୁ ଅଛି । ତେବେ ଧ୍ୟାନ ସହକାରେ ଶୁଣନ୍ତୁ । ଜଣେ ଆମେରିକୀୟ ହେବା ପାଇଁ, ଯେତେବେଳେ ମୁଁ ଏଠାରେ ଏହି ଦେଶରେ ଜନ୍ମ ହୋଇଥାଏ, ମୁଁ ଜଣେ ନାଗରିକ ହୋଇଥାଏ, ଏବଂ ମୁଁ ଏହି ରାଷ୍ଟ୍ର ସହିତ ଚିହ୍ନିତ

ହୋଇଥାଏ । ଏହା ସବୁକିଛି ଅଟେ, ତାହା ମୁଁ ଅଟେ । ଏହା ଯାହା ସବୁକିଛି ରହି ଆସିଛି, ତାହା ମୁଁ ଅଟେ । ଯେହେତୁ ମୁଁ ଜଣେ ଆମେରିକୀୟ ଭାବରେ ଚିହ୍ନିତ ଅଟେ, ତାହେଲେ ମୋତେ ଏହାର ସମସ୍ତ ଲଜ୍ଜା, ଏହାର ସମସ୍ତ ଗୌରବକୁ ଗ୍ରହଣ କରିବାକୁ ଅଛି । ଏହା ଯାହାକିଛି ବି ଅଟେ, ମୁଁ ଅଟେ, କାରଣ ମୁଁ ଏଥି ସହିତ ଚିହ୍ନିତ ଅଟେ । ଆମେନ୍ । ମୁଁ ଚାହେଁ ଯେ ଆପଣ ଏହାକୁ ବୁଝନ୍ତୁ । ମୁଁ ଜଣେ ଆମେରିକୀୟ ନାଗରିକ ଭାବରେ ପରିଚିତ, ତେବେ ଏହା ଯାହାକିଛି ବି ଥିଲା, ତାହା ମୁଁ ଅଟେ । ଏହା ଯାହାକିଛି ବି ଅଟେ, ତାହା ମୁଁ ଅଟେ । ମୋତେ ଏହାର ଅଂଶ ହେବା ଜରୁରୀ । ମୁଁ ପାଇଅଛି...ଯଦି ମୁଁ ଜଣେ ଆମେରିକୀୟ ନାଗରିକ ଅଟେ, ତାହାହେଲେ ମୁଁ ଆମେରିକାର ଅଂଶ ଅଟେ । ଏବଂ ସମସ୍ତ କିଛି ଯାହା ଏହା ଅଟେ, ତାହା ମୁଁ ଅଟେ ।

81 ମୁଁ ଏହା କେବେବି ଭୁଲିବା ଉଚିତ୍ ନୁହେଁ । ଯଦି ମୁଁ ଜଣେ ପ୍ରକୃତ ଆମେରିକୀୟ ନାଗରିକ ହୋଇ ରହିବାକୁ ଚାହେଁ, ତେବେ ମୋତେ ଏହା ମନେ ରଖିବା ଉଚିତ୍ ଯେ ମୁଁ ତାହା ଅଟେ ଯାହା ମୋର ରାଷ୍ଟ୍ର ଅଟେ, କାରଣ ମୁଁ ମୋର ରାଷ୍ଟ୍ର ସହିତ ଚିହ୍ନିତ ଅଟେ । ତାକୁ ଭୁଲିଯିବା, କିମ୍ବା—କିମ୍ବା...ତାହା ପାଇଁ ଲଢିବା, କିମ୍ବା ତାହା ପାଇଁ ମରିବା, କିଅବା ସେହି ସମସ୍ତ ବିଷୟ ପାଇଁ ଛିଡା ହେବା ଯାହା ପାଇଁ ସେ ଛିଡା ହୋଇଅଛି, ମୋତେ ତାହା ପାଇଁ ନିଶ୍ଚିତ ଭାବରେ ଛିଡା ହେବା ଉଚିତ୍ । ମୋର ରାଷ୍ଟ୍ର ଯାହା ଅଟେ, ମୁଁ ତାହା ଅଟେ । ଏହା ଯାହା ପାଇଁ ଛିଡା ହୋଇଅଛି, ମୁଁ ତାହା ପାଇଁ ଛିଡା ଅଟେ । ଜଣେ ବିଶ୍ୱସ୍ତ ଆମେରିକୀୟ ହେବାକୁ ହେଲେ, ମୋତେ ଏଥି ପାଇଁ ମରିବାକୁ, ଏହା ପାଇଁ ଲଢିବାକୁ, ଏହା ପାଇଁ ଛିଡା ହେବାକୁ, ସେଠାରେ ଥିବା କିଛି ବି ବିଷୟକୁ କରିବା ନିମନ୍ତେ ପ୍ରସ୍ତୁତ ହେବାକୁ ହେବ । ମୁଁ ଏହାର ଅଂଶ ଅଟେ । ଆପଣ ମୋତେ ନ ନେଇ ଏହାକୁ ନେଇପାରନ୍ତି ନାହିଁ । ଯେତେବେଳେ ଆପଣ ଏହା ବିରୁଦ୍ଧରେ କିଛି କୁହନ୍ତି, ଆପଣ ତାହା ମୋ ବିରୁଦ୍ଧରେ କୁହନ୍ତି, କାରଣ ମୁଁ ଜଣେ ଆମେରିକୀୟ ଅଟେ । ଆମେରିକୀୟ ଭାବରେ, ଆପଣଙ୍କ ବିରୁଦ୍ଧରେ ଏହା କହିବା, ଏବଂ ସେମାନେ ଏହି ଦେଶ ବିରୁଦ୍ଧରେ ଯାହା କିଛି କୁହନ୍ତି, ସେମାନେ ଆପଣଙ୍କ ବିରୁଦ୍ଧରେ କୁହନ୍ତି, କାରଣ ଆପଣ ଏହାର ଏକ ଅଂଶ ଅଟନ୍ତି । ଆପଣ ଏହାକୁ କେବେ ବି ଭୁଲନ୍ତୁ ନାହିଁ; ଯେତେବେଳେ ଆପଣ ଭୁଲିଯାଆନ୍ତି, ସେତେବେଳେ ଆପଣ ବିସ୍ମୃତିରେ ଗ୍ରସିତ ହୋଇଥାଅନ୍ତି, ନିଶ୍ଚିତ ଭାବରେ ।

82 ଏବଂ, ମନେରଖନ୍ତୁ, ଆପଣ ସେତେବେଳେ ଆଉ ଅଧିକ ଆମେରିକୀୟ ନାଗରିକ ନୁହଁନ୍ତି ଯେତେବେଳେ ଆପଣ ଏହାର ଅଂଶ ହୋଇପାରନ୍ତି ନାହିଁ । ଆପଣଙ୍କୁ ନିଶ୍ଚିତରେ, ଯାହା ଆମେରିକା ଅଟେ, ଆପଣଙ୍କୁ ମଧ୍ୟ ନିଶ୍ଚିତରେ ତାହା ହେବା ଉଚିତ୍ । ମୋତେ ନିଶ୍ଚିତରେ ତାହାର ସହଭାଗୀ ହେବା ଉଚିତ୍ । ଏହା ମୋର ରାଷ୍ଟ୍ର ଅଟେ, ମୋତେ ନିଶ୍ଚିତ ଭାବରେ ତାହାର ସହଭାଗୀ ହେବା ଉଚିତ୍ । ସେ ଯାହାକିଛି ଅଟେ, ମୋତେ ତାହା ହେବାକୁ ଅଛି । ଦେଖନ୍ତୁ, ଯାହା ସେ ଥିଲା, ତାହା ମୁଁ ଅଟେ । ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ କଅଣ ଥିଲା, ମୁଁ ତଥାପି ସୁଦ୍ଧା ତାହା ଅଟେ ଯାହା ସେ ଥିଲା ।

83 ଜଣେ ଆମେରିକୀୟ ହେବା ନିମନ୍ତେ, ମୁଁ ତାହା ସହିତରେ, ପୂର୍ବପୁରୁଷମାନଙ୍କ ସହିତ,

ପ୍ଲାଇମାଉଥ୍ ରକ୍ ଉପରେ ଅବତରଣ କରିଥିଲି । ମୋତେ କରିବାକୁ ପଡିଥିଲା; ମୁଁ ତାହାର ଅଂଶ ଅଟେ । ମୁଁ ପଲ୍ ରେଭେରଙ୍କ ସହିତ, ତାକୁ ତାର ବିପଦ ବିଷୟରେ ଚେତାଇବା ପାଇଁ ଯାତ୍ରା କରିଥିଲି । ଯଦି ମୁଁ ଜଣେ ପ୍ରକୃତ ଆମେରିକୀୟ ନାଗରିକ ଅଟେ, ତାହାହେଲେ ମୁଁ ପ୍ଲାଇମାଉଥ୍ ରକ୍ ଉପରେ ଅବତରଣ କରିଥିଲି । ମୁଁ ପଲ୍ ରେଭେରଙ୍କ ସହିତ, ତାକୁ ତାର ବିପଦ ବିଷୟରେ ଚେତାଇବା ପାଇଁ ଯାତ୍ରା କରିଥିଲି । କଅଣ ଆପଣମାନେ ଜାଣୁଛନ୍ତି ଯେ ବର୍ତ୍ତମାନ ମୋର କି ଅଭିପ୍ରାୟ ଅଟେ?

84 ମୁଁ ଜର୍ଜ ୱାଶିଂଟନ୍‌ଙ୍କ ସହ, ତାଙ୍କର ଖାଲି ପାଦରେ ଥିବା ସୈନିକମାନଙ୍କ ସହ, ବରଫ ଆଚ୍ଛାଦିତ ଡେଲାୱେରକୁ ଅତିକ୍ରମ କରିଥିଲି । ମୁଁ ସେଠାରେ ଥିଲି, କାରଣ ମୁଁ ଏହି ରାଷ୍ଟ୍ର ସହିତ ଚିହ୍ନିତ କରାଯାଏ । ସେ ସେଠାରେ ଯାହା କରିଥିଲେ ତାହା ମୋର ଏକ ଅଂଶ ଥିଲା, ଯାହା ମୁଁ ବର୍ତ୍ତମାନ କରୁଅଛି ତାହା ତାହାର ଏକ ଅଂଶ ଅଟେ । ମୁଁ ୱାଶିଂଟନ୍ ସହିତ, ଡେଲାୱେରରେ ଚିହ୍ନିତ କରା ଯାଇଥିଲି ।

85 ମୁଁ ଷ୍ଟୋନ୍‌ୱାଲ୍ ଜ୍ୟାକସନ୍‌ଙ୍କ ସହ ଛିଡା ହୋଇଥିଲି, ଯେତେବେଳେ ତାଙ୍କ ବିପକ୍ଷରେ ପ୍ରତିକୂଳ ପରିସ୍ଥିତିମାନ ବହୁତ ଥିଲା, ଏବଂ ସେମାନେ ପଚାରି ଥିଲେ, "ଯେତେବେଳେ ଆପଣଙ୍କ ବିରୁଦ୍ଧରେ ପ୍ରତିକୂଳ ପରିସ୍ଥିତିମାନ ବହୁତ ଅଛି, ଆପଣ କିପରି ଭାବରେ ପଥର କାନ୍ଥ ପରି ଛିଡା ହୋଇପାରନ୍ତି?" ସେହି ଛୋଟ ଲଜ୍ଜାଜନକ ନୀଳ-ଆଖି ଥିବା ବ୍ୟକ୍ତିଟି ନିଜ ଜୋତାରେ ଧୂଳିକୁ ଛାଟିଲେ, ସେ କହିଲେ, "ମୁଁ ସର୍ବଶକ୍ତିମାନ ପରମେଶ୍ୱରଙ୍କୁ ଧନ୍ୟବାଦ ନ ଦେବା ଯାଏଁ କଦାପି ଗିଲାସେ ପାଣିଟିଏ ସୁଦ୍ଧା ପିଏ ନାହିଁ ।" ମୋତେ ତାଙ୍କ ସହିତ ପଥର କାନ୍ଥ ପରି ଛିଡା ହେବାକୁ ଅଛି । ମୁଁ ସେଠାରେ ଷ୍ଟୋନ୍‌ୱାଲ୍ ଜ୍ୟାକସନ୍‌ଙ୍କ ସହିତ ଛିଡା ହୋଇଥିଲି । ଆମେରିକୀୟ ହେବାକୁ ହେଲେ, ମୁଁ ତାଙ୍କ ସହିତ ଏବଂ ତାଙ୍କ ମତ ସହିତ ଚିହ୍ନିତ ଅଟେ । ଡ଼େଲାୱେର୍ ଅତିକ୍ରମ କରିଥିଲି! ଯୁଦ୍ଧମାନ ଲଢୁଥିଲି!

86 ମୁଁ ପତାକା ଉତ୍ତୋଳନ କରିଥିଲି । ମୁଁ ସେମାନଙ୍କ ସହିତରେ ଥିଲି ଯେତେବେଳେ ସେମାନେ ଗୁଆମ୍‌ରେ ପତାକା ଉତ୍ତୋଳନ କରିଥିଲେ । ହଜାର ହଜାର ଆମେରିକୀୟ ସୈନିକ ସେମାନଙ୍କର ଜୀବନ ଦେବା ପରେ, ଏବଂ ଯେତେବେଳେ ସେହି ସାନ ଦଳ ସେଠାରେ ଦୌଡ଼ି ପତାକା ଉପରକୁ ଉତ୍ତୋଳନ ଦେଇଥିଲେ, ସେତେବେଳେ ମୁଁ ସେହି ପତାକା ଉତ୍ତୋଳନ ସମୟରେ ଚିହ୍ନିତ କରାଯାଇଥିଲି; ଆମେମାନେ ସମସ୍ତେ ଚିହ୍ନିତ କରାଯାଇଥିଲୁ । ସମସ୍ତ ଆମେରିକୀୟ ନାଗରିକମାନେ ଗୁଆମ୍ ଉପରେ ସେହି ପତାକାର ଉତ୍ତୋଳନ ସହିତ ଚିହ୍ନିତ କରାଯାଇଥିଲେ । ଯେତେବେଳେ ମୁଁ ଶୁଣିଲି ଯେ ସେମାନେ ସେହି ପତାକାକୁ ସେଠାରେ ରଖିଛନ୍ତି, ସେତେବେଳେ ମୋ ଗାଲରୁ ଲୁହ ଝରି ଗଲା । ତାହା ମୁଁ ଥିଲି । ତାହା ଆପଣ ଥିଲେ । ତାହାର ଅଭିପ୍ରାୟ ଆମ ସମସ୍ତେ ଥିଲୁ, ଯେତେବେଳେ ଆମେ ସେଠାରେ ସେହି ବିଷୟ ସହିତ ଚିହ୍ନିତ ହୋଇଥିଲୁ ।

87 ଯାହା ସବୁ ସେ ଅଟେ, ତାହା ମୁଁ ଅଟେ । ତାହାର ସମସ୍ତ ଗୌରବ ମୋର ଗୌରବ

ଅଟେ । ତାହାର ସମସ୍ତ ଲଜ୍ଜା ମୋର ଲଜ୍ଜା ଅଟେ । ଯଦି ସେ ଲଜ୍ଜାଜନକ ବିଷୟମାନ କରିଅଛି, ତାହାହେଲେ ମୋତେ ତାହାକୁ ଚାହିଁବାକୁ ପଡିବ...ତାହାର ଅପମାନକୁ ସହ୍ୟ କରିବାକୁ ପଡ଼ିବ । ଯଦି ସେ ଗୌରବର ଅଧିକାରୀ ହୁଏ, ତେବେ ତାହା ସହିତ ମୁଁ ଗୌରବର ଅଧିକାରୀ ହୋଇଥାଏ, କାରଣ ମୁଁ ତାହା ସହିତ ଚିହ୍ନିତ କରାଯାଇଅଛି । ତେବେ, ଚିହ୍ନିତ ହେବା ପାଇଁ, ଆମେରିକାର ସମସ୍ତ ଲଜ୍ଜା, ଆମେରିକାର ସମସ୍ତ ଗୌରବ, ଯାହା ସବୁ ସେ କେବେ ରହିଥିଲା ଆମେରିକୀୟଙ୍କୁ ତାହାସବୁ ସହ୍ୟ କରିବାକୁ ପଡ଼ିବ । ଯାହା ସବୁ ସେ ଅଟେ, କିମ୍ବା ଯାହା ସେ ରହିବ, ଆପଣ ଏହା ସହିତ ଚିହ୍ନିତ ଅଟନ୍ତି ।

88 ତେବେ, ଜଣେ ପ୍ରକୃତ ଖ୍ରୀଷ୍ଟିଆନ ହେବାକୁ ହେଲେ, ଆପଣଙ୍କୁ ସେହି ସମାନ ହେବାକୁ ପଡିବ । ଆମେମାନେ ତାହା ଭୁଲିଯିବାକୁ ଚାହୁଁନାହୁଁ । ଯାହା ସବୁ ସେ ଥିଲେ, ମୁଁ ତାହାଙ୍କ ସହିତ ଚିହ୍ନିତ ଅଟେ । ମୁଁ ତାହାଙ୍କ ସହିତ ପରିଚିତ ଅଟେ ।

89 ଧ୍ୟାନ ଦିଅନ୍ତୁ, ଏବଂ ସେ ମୋ ଭିତରେ ଅଛନ୍ତି, ଏବଂ ମୁଁ ତାହାଙ୍କ ଭିତରେ ଅଛି । ଧ୍ୟାନ ଦିଅନ୍ତୁ, ତେବେ, ପ୍ରତ୍ୟେକ ଖ୍ରୀଷ୍ଟିଆନ ଯିଏକି ଜଣେ ପ୍ରକୃତ ବାସ୍ତବ ଖ୍ରୀଷ୍ଟିଆନ—ଖ୍ରୀଷ୍ଟିଆନ ଅଟେ, ତାହାଙ୍କ ସହିତରେ ରହିଥିଲେ, "ଯେତେବେଳେ ପ୍ରତ୍ୟୁଷର ତାରାଗଣ ଏକାଠି ଗୀତଗାନ କରିଥିଲେ ଏବଂ ପରମେଶ୍ୱରଙ୍କ ପୁତ୍ରମାନେ ଆନନ୍ଦରେ ଜୟଧ୍ୱନି କରିଥିଲେ, ଏହାପୂର୍ବେକି ଜଗତର ମୂଳଦୁଆ ସ୍ଥାପନ କରା ଯାଇଥାଆନ୍ତା ।" ଜଗତ ସୃଷ୍ଟି ହେବାର ଏକ କୋଟି ବର୍ଷ ପୂର୍ବରୁ, ଆମେମାନେ ପରମେଶ୍ୱରଙ୍କ ସହିତରେ ଅମରତାର ପରିସରରେ ଚିହ୍ନିତ କରା ହୋଇଥିଲୁ । ମୁଁ ସେଠାରେ ପଶ୍ଚାତ ସମୟରେ ତାହାଙ୍କ ସହିତରେ ରହିଥିଲି । ଯଦି ମୋ ପାଖରେ ଅନନ୍ତ ଜୀବନ ଅଛି, ତେବେ ମୁଁ ସେଠାରେ ତାହାଙ୍କ ସହିତରେ ରହିଥିଲି । ମୁଁ ତାହାଙ୍କ ସହିତରେ ଚିହ୍ନିତ କରା ଯାଇଥିଲି, "ଯେତେବେଳେ ପ୍ରତ୍ୟୁଷର ତାରାଗଣ ଏକାଠି ଗୀତଗାନ କରିଥିଲେ ଏବଂ ପରମେଶ୍ୱରଙ୍କ ପୁତ୍ରମାନେ ଆନନ୍ଦରେ ଜୟଧ୍ୱନି କରିଥିଲେ ।"

90 ମୁଁ ତାହାଙ୍କ ସହିତରେ ଥିଲି, ଯେତେବେଳେ ସେ ଅବ୍ରହାମଙ୍କୁ ପଞ୍ଚ-ସତୁରି ବର୍ଷ ବୟସରେ—ରେ, ଏବଂ ତାଙ୍କ ପତ୍ନୀଙ୍କୁ ପଇଁ-ଷଠି ବର୍ଷ ବୟସରେ ଡାକିଥିଲେ, ଏବଂ ତାଙ୍କୁ କହିଥିଲେ ଯେ ସେମାନେ ଏକ ସନ୍ତାନ ପ୍ରାପ୍ତ କରିବାକୁ ଯାଉଛନ୍ତି । ମୁଁ ଅବ୍ରହାମଙ୍କ ସହିତରେ ଥିଲି ଯେତେବେଳେ ସେ **ସଦାପ୍ରଭୁ ଏହି କଥା କୁହନ୍ତି** ଉପରେ ତାଙ୍କର ପକ୍ଷକୁ ନେଇଥିଲେ, "ମୁଁ ସନ୍ତାନ ପ୍ରାପ୍ତ କରିବାକୁ ଯାଉଅଛି ।" ମୁଁ ତାଙ୍କ ସହିତରେ ଛିଡା ହୋଇଥିଲି । ଅନ୍ୟ ସମସ୍ତ ଖ୍ରୀଷ୍ଟିଆନ ତାଙ୍କ ସହିତ ଛିଡା ହୋଇଥିଲେ । ଯେତେବେଳେ ତାଙ୍କର ପରୀକ୍ଷାମାନ ଆସିଥିଲା ସେତେବେଳେ ମୁଁ ତାଙ୍କ ସହିତରେ ଥିଲି । ଯେତେବେଳେ ସେ ଇସ୍‌ହାକଙ୍କୁ ଉତ୍ସର୍ଗ କରିବା ପାଇଁ ପର୍ବତ ଉପରକୁ ଯାଇଥିଲେ, ମୁଁ ତାଙ୍କ ସହିତରେ ଥିଲି । ଯେତେବେଳେ ସେହି ମେଷ ଦେଖା ଦେଇଥିଲା ସେତେବେଳେ ମୁଁ ତାଙ୍କ ସହିତରେ ଥିଲି ।

91 ଯେତେବେଳେ ଯୋଷେଫଙ୍କୁ ତାଙ୍କର ଭାଇମାନଙ୍କ ଦ୍ୱାରା ଅଗ୍ରାହ୍ୟ କରା ଯାଇଥିଲା ସେତେବେଳେ ମୁଁ ତାଙ୍କ ସହିତରେ ଥିଲି, କାରଣ ସେ ଆତ୍ମିକ ଥିଲେ ଏବଂ ଅନ୍ୟମାନେ

ସମସ୍ତେ ଶାରୀରିକ ମନା ଥିଲେ । ମୁଁ ତାଙ୍କ ସହିତରେ ଥିଲି ଯେତେବେଳେ ସେ ସେହି ନିନ୍ଦା ବିଷୟକୁ ସହ୍ୟ କରିବାର ଜାଣିଲେ ଯାହାକି ତାଙ୍କୁ ତାଙ୍କର ନିଜ ଭାଇମାନଙ୍କ ଦ୍ୱାରା ଦିଆ ଯାଇଥିଲା । ଯାହା ସେ ଥିଲେ, ତାହା ମୁଁ ଅଟେ । ଯାହା ମୁଁ ଅଟେ, ସେ ଥିଲେ । "କାରଣ ଆମେ ସମସ୍ତେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଏକ ଅଟୁ ।" ମୁଁ ଯୋଷେଫଙ୍କ ସହିତ ତାଙ୍କ ଗୁମ୍ଫା, କବରରେ ଥିଲି । ଯେତେବେଳେ ସେ ଫାରୋଙ୍କ ଡାହାଣ ପଟକୁ ଉନ୍ନତ କରାଗଲେ ମୁଁ ତାଙ୍କ ସହିତରେ ଥିଲି । ଆପଣଙ୍କୁ ତାଙ୍କ ସହିତରେ ଚିହ୍ନିତ ହେବାକୁ ପଡିବ ।

92 ମୁଁ ସେଦିନ ରାତି ଯାକୁବଙ୍କ ସହିତରେ ଥିଲି ଯେତେବେଳେ ସେ ରାତିସାରା ସେହି ସ୍ୱର୍ଗଦୂତ ସହିତ ସଂଘର୍ଷ କରିଥିଲେ । ମୁଁ ନିଜେ, ସଂଘର୍ଷ କରିଅଛି । ମୁଁ ଜାଣେ ଯେ ସେ କଅଣ ଦେଇ ଗତି କରିଥିଲେ । ତେଣୁକରି ମୁଁ ଯାକୁବଙ୍କ ସହିତ ଠିକ ସେହି ସମାନ ସମୟରେ ସଂଘର୍ଷ କରିଥିଲି ଯେଉଁ ସମୟରେ ସେ କରିଥିଲେ, କାରଣ ମୁଁ ତାଙ୍କର ଭାଇ ଅଟେ ।

93 ମୁଁ ମୋଶାଙ୍କ ସହିତରେ ଥିଲି ଯେତେବେଳେ ସେ ମିସରକୁ ଯାଇଥିଲେ । ମୁଁ ଜଳୁଥିବା ବୁଦା ନିକଟରେ ମୋଶାଙ୍କ ସହିତରେ ଥିଲି। ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି, ତାହାହେଲେ ଆପଣ ସେହି ବାଇବଲର ଚରିତ୍ରଗୁଡ଼ିକ ସହିତରେ ଚିହ୍ନିତ କରାଯାଆନ୍ତି । ଏହାକୁ ଭୁଲନ୍ତୁ ନାହିଁ! ମୁଁ ସେତେବେଳେ ମୋଶାଙ୍କ ସହିତରେ ଥିଲି ଯେତେବେଳେ ସମସ୍ତ ଲୋକମାନେ ତାଙ୍କ ବିରୁଦ୍ଧରେ ହୋଇଯାଇଥିଲେ । ଯେତେବେଳେ ମୋଶା ସୂଫ ସାଗର ପାର ହେଲେ ସେତେବେଳେ ମୁଁ ତାଙ୍କ ସହିତରେ ଥିଲି । ଯେତେବେଳେ ସେ ନିଜର ହସ୍ତ ଉତ୍ତୋଳନ କରି ଆଗକୁ ଗଲେ, ଏବଂ ସୂଫ ସାଗର ଖୋଲି ଗଲା, ମୁଁ ଠିକ ସେତେବେଳେ ଖ୍ରୀଷ୍ଟଙ୍କଠାରେ ଚିହ୍ନିତ ହୋଇଥିଲି, ଏବଂ ମୁଁ ସେହି ସମୟରେ ମୋଶାଙ୍କ ସହିତରେ ଥିଲି ।

94 ଯାହାକିଛି ଖ୍ରୀଷ୍ଟିଆନମାନେ ରହି ଆସିଛନ୍ତି, ଯାହାକିଛି ବିଶ୍ୱାସୀମାନେ ରହି ଆସିଛନ୍ତି, ପ୍ରତ୍ୟେକ ବିଶ୍ୱାସୀ ବର୍ତ୍ତମାନ ସେହି ସମାନ ବ୍ୟକ୍ତିଙ୍କ ସହିତ ଚିହ୍ନିତ ଅଟେ । ଏହା ଯାହାକିଛି ବି ଅଟେ, ଆପଣଙ୍କୁ ଚିହ୍ନିତ ହେବା ଜରୁରୀ ଅଟେ । ତାହାକୁ ଭୁଲନ୍ତୁ ନାହିଁ । ଯେତେବେଳେ ଆପଣ ତାହା କରନ୍ତି, ସେତେବେଳେ ଆପଣଙ୍କର ଆତ୍ମିକ ବିସ୍ମୃତି ରହିଥାଏ; ଆପଣ ଭୁଲି ଯାଇଅଛନ୍ତି ଯେ ଆପଣ କିଏ ଅଟନ୍ତି ।

95 ତେବେ ତାଙ୍କ ସହିତ, ମୋଶାଙ୍କ ସହିତ ଚିହ୍ନିତ ହୋଇଥିଲି, ଯେତେବେଳେ ସେ ସାଗର ପାର ହୋଇଥିଲେ ।

96 ଆହାବଙ୍କ ସମୟରେ ମୁଁ ଏଲିୟଙ୍କ ସହିତରେ ଥିଲି, ଯେତେବେଳେ ସେମାନଙ୍କୁ ଏକ ମନୋନୟନ କରିବାର ବିଷୟ ରହିଥିଲା ଯେ ସେମାନେ କାହାର ସେବା କରିବେ, ପରେମେଶ୍ୱରଙ୍କର ନା ବିଲିୟାମ୍‌ଙ୍କର । ଆମେ ତାଙ୍କ ସହିତ କାର୍ମେଲ ପର୍ବତ ଉପରେ ଥିଲୁ, ଯେତେବେଳେ ତାଙ୍କୁ ଏହି ମନୋନୟନ କରିବାକୁ ପଡିଥିଲା, କାରଣ ଆମେମାନେ ସେହି ସମାନ ପରମେଶ୍ୱରଙ୍କ ଦେହରେ ଚିହ୍ନିତ କରା ହୋଇଅଛୁ ଯେଉଁଥିରେ ସେ ଚିହ୍ନିତ କରା ହୋଇଥିଲେ । ତେଣୁକରି ଯଦି ଆମେ ସେହି ଦେହରେ ଚିହ୍ନିତ କରା ହୋଇଅଛୁ, ତାହାହେଲେ

ଆମେମାନେ ନିଶ୍ଚିତ ମନେ ରଖିବା ଉଚିତ୍ ଯେ ଆମେମାନେ ସେଠାରେ ତାଙ୍କ ସହିତରେ ଥିଲୁ। ତାହା ଠିକ୍ ଅଟେ।

97 ତେବେ, ମୁଁ ଦାଉଦଙ୍କ ସହିତରେ ଥିଲି, ଯେତେବେଳେ ସେ ନିଜ ଭାଇମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରା ଯାଇଥିଲେ। ମୁଁ ଦାଉଦଙ୍କ ସହିତରେ ଥିଲି; ଆପଣମାନେ, ମଧ୍ୟ ଥିଲେ, ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି। ଆପଣଙ୍କୁ ତାଙ୍କର ପ୍ରତ୍ୟାଖ୍ୟାନ ସହିତରେ ଚିହ୍ନିତ ହେବାକୁ ଅଛି।

98 ମୁଁ ଏବ୍ରୀ ବାଳକମାନଙ୍କ ସହିତରେ, ସେହି ନିଆଁ ଭାଟିରେ ଥିଲି, ଯେତେବେଳେ ସେହି ଚତୁର୍ଥ ମନୁଷ୍ୟର ଉପସ୍ଥିତି ଯୋଗୁଁ ସେହି—ସେହି ଅଗ୍ନି ସେମାନଙ୍କୁ ଜଳାଇ ପାରି ନ ଥିଲା।

99 ମୁଁ ଦାନିୟେଲଙ୍କ ସହିତ, ସେହି ସିଂହମାନଙ୍କ ଗୁମ୍ଫାରେ ଥିଲି। ମୁଁ ସେଠାରେ ଚିହ୍ନିତ କରାଯାଇଥିଲି, ଯେତେବେଳେ ପ୍ରଭୁଙ୍କର ସେହି ସ୍ୱର୍ଗଦୂତ ତାଙ୍କୁ ସେଠାରେ ଚିହ୍ନିତ କରିଥିଲେ।

100 ମୁଁ ନିଶ୍ଚିତ ଭାବରେ ତାହାଙ୍କ ସହିତ କାଲଵରୀରେ ଥିଲି। ମୋତେ ନିଶ୍ଚିତ ଭାବରେ ତାହାଙ୍କ ସହିତ କାଲଵରୀରେ ଚିହ୍ନିତ ହେବା ଉଚିତ୍ ଅଟେ। ମୋତେ ନିଶ୍ଚିତ ଭାବରେ ସେଠାରେ ଏପରି ଏକ ସ୍ଥାନରେ ରହିବା ଉଚିତ୍ ଅଟେ, ଯେ, ଯେଉଁଠାରେକି ମୁଁ ତାହାଙ୍କ ସହିତ କାଲଵରୀରେ କେବଳ ଚିହ୍ନିତ କରାଯାଇ ନ ଥିଲି, ବରଂ ମୁଁ ତାହାଙ୍କ ସହିତ କାଲଵରୀରେ ମୃତ୍ୟୁବରଣ ମଧ୍ୟ କରିଥିଲି। ପ୍ରତ୍ୟେକ ଖ୍ରୀଷ୍ଟିଆନଙ୍କୁ ତାହାଙ୍କ ସହିତ କାଲଵରୀରେ ମରିବା ଉଚିତ୍। ଯଦି ଆପଣ ତାହାଙ୍କ ସହିତ କାଲଵରୀରେ ମରନ୍ତି ନାହିଁ, ତାହାହେଲେ ଆପଣ ତାହାଙ୍କର କେହି ବି ହୋଇପାରନ୍ତି ନାହିଁ। ଯେତେବେଳେ ସେ ମୃତ୍ୟୁବରଣ କଲେ ସେତେବେଳେ ମୁଁ ସେଠାରେ ଥିଲି। ମୁଁ ତାହାଙ୍କ ସହିତ ମରି ଥିଲି। ଆଉ ତାହାପରେ ଯେତେବେଳେ ସେ ମୃତ୍ୟୁରୁ ପୁନରୁତ୍ଥିତ ହେଲେ ମୁଁ ତାହାଙ୍କ ସହିତରେ ଥିଲି। ଇଷ୍ଟର ସକାଳେ, ପୁନରୁତ୍ଥାନରେ ମୁଁ ତାହାଙ୍କ ସହିତରେ ଉପରକୁ ଉଠି ଆସିଲି। ସେ ଯାହାକିଛି କଲେ, ମୁଁ ଠିକ ତାହାଙ୍କ ସହିତରେ ସେଠାରେ ଥିଲି; ପ୍ରତ୍ୟେକ ବିଶ୍ୱାସୀ ସେହି ସମାନ ଭାବରେ ରହିଥିଲେ।

101 ଏବଂ ବର୍ତ୍ତମାନ ମୁଁ ତାହାଙ୍କ ସହିତରେ ଖ୍ରୀଷ୍ଟ ଯୀଶୁଙ୍କଠାରେ ସ୍ୱର୍ଗୀୟ ସ୍ଥାନରେ ବସିଅଛି, ଏବଂ ନରକର ସମସ୍ତ ଶକ୍ତିକୁ, ତାହାଙ୍କ ଜରିଆରେ ଜୟ କରିଅଛି। ପ୍ରତ୍ୟେକ ଖ୍ରୀଷ୍ଟିଆନ ବିଶ୍ୱାସୀ ସେହି ସମାନ ଭାବରେ ବସିଥିଲେ, କାରଣ ଆପଣଙ୍କୁ ଚିହ୍ନିତ କରାଯିବାକୁ ଅଛି।

102 ତେବେ ଏହି ଶେଷ ଦିନରେ, ମୁଁ ନିଜକୁ, ଅନେକ ବିଶ୍ୱାସୀ ଖ୍ରୀଷ୍ଟିଆନଙ୍କ ସହିତରେ, ତାଙ୍କ ସେବାକାର୍ଯ୍ୟରେ ଚିହ୍ନିତ ହୋଇଥିବାର ପାଏ। "ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି।" ମୁଁ ନିଜକୁ, ଏହି ଦିନରେ, ତାହାଙ୍କ ସେବାକାର୍ଯ୍ୟରେ ଚିହ୍ନିତ ହୋଇଥିବାର ପାଏ। କଅଣ ଆପଣ ନିଜକୁ ସେହିପରି ଭାବରେ, ଏହାକୁ ବିଶ୍ୱାସ କରି, ଏହା ସହିତ ଚାଲୁଥିବାର ପାଆନ୍ତି କି? ଧ୍ୟାନ ଦିଅନ୍ତୁ, ଯେଉଁ କାର୍ଯ୍ୟଗୁଡିକ ସେ କରିଥିଲେ, ସେ କହିଥିଲେ ଯେ ବିଶ୍ୱାସୀ ମଧ୍ୟ ସେହି ସମାନ କାର୍ଯ୍ୟ କରିବ। "ଯେଉଁ କାର୍ଯ୍ୟଗୁଡିକ ମୁଁ କରେ ତୁମେମାନେ ମଧ୍ୟ ସେହି

କାର୍ଯ୍ୟଗୁଡ଼ିକ କରିବ।" ତାହାହେଲେ କଅଣ ଆପଣ ତାହାଙ୍କ ସହିତ ଚିହ୍ନିତ ହୋଇପାରନ୍ତି କି? ତେବେ ଯେତେବେଳେ ବାକ୍ୟ ଉପରେ ସେହି ନିନ୍ଦା ବିଷୟ ଆସେ, କଅଣ ଆପଣମାନେ ସେହିପରି ଭାବରେ ସେହି ନିନ୍ଦାକୁ ସହ୍ୟ କରିପାରିବେ କି ଯେପରି ସେ କରିଥିଲେ, ଦେଖନ୍ତୁ, ତାହାଙ୍କ ସହିତ ଚିହ୍ନିତ ହୋଇପାରିବେ କି? ମୁଁ ତାହାଙ୍କ ସହିତରେ ଚିହ୍ନିତ ହୋଇଥିଲି।

103 ପେଣ୍ଟିକଷ୍ଟ ଦିନରେ ମୁଁ ତାହାଙ୍କ ସହିତରେ ଥିଲି। ମୁଁ ସେଠାରେ ଉପରେ ସେହି ଶିଷ୍ୟମାନଙ୍କ ସହିତରେ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ବିଷୟରେ ସେମାନଙ୍କ ସହିତ ଚିହ୍ନିତ ହୋଇ ରହିଥିଲି।

104 ମୁଁ ଆଶ୍ଚର୍ଯ୍ୟ କରେ ଯଦି ମଣ୍ଡଳୀ ବର୍ତ୍ତମାନ ଏତେ ଅଧିକ ବିସ୍ମୃତିରେ ଗ୍ରସିତ ନୁହେଁ କି ଯେ ଏପରିକି ସେମାନେ ଜାଣନ୍ତି ନାହିଁ, ସେମାନଙ୍କ ମଧ୍ୟରୁ କେତେକ, ତ ଏପରିକି ଏହା ସୁଦ୍ଧା ବିଶ୍ୱାସ କରନ୍ତି ନାହିଁ ଯେ ପବିତ୍ରଆତ୍ମା ଭଳି ଏକ ବିଷୟ ଅଛି। ଦେଖନ୍ତୁ ଯେ ମଣ୍ଡଳୀ କେଉଁ ଅବସ୍ଥାରେ ପହଞ୍ଚିଅଛି? ବିସ୍ମୃତିର ଏକ ବହୁତ ଖରାପ ମାମଲା! ଦେଖନ୍ତୁ, ସେମାନେ ଏହା ଭୁଲି ଯାଇଛନ୍ତି ଯେ ସେଠାରେ ପଶ୍ଚାତ ସମୟରେ ତାହା ଯୀଶୁ ଖ୍ରୀଷ୍ଟ ଥିଲେ। ସେମାନେ ଭୁଲି ଯାଇଛନ୍ତି ଯେ ଯୀଶୁ ଖ୍ରୀଷ୍ଟ କଅଣ ଥିଲେ। ସେମାନେ ଭୁଲି ଯାଇଛନ୍ତି। ସେମାନେ ଭାବିଥିଲେ ଯେ ସେ ଜଣେ—ଜଣେ କେବଳ ବ୍ୟବସ୍ଥା-ନିର୍ମାତା ଅଟନ୍ତି, କିମ୍ଵା ଜଣେ ଭବିଷ୍ୟଦ୍‌ବକ୍ତା, କିଅବା ଜଣେ—ଜଣେ ଭଲ ମଣିଷ ଅଟନ୍ତି। ସେମାନେ ଭୁଲି ଯାଇଥିଲେ ଯେ ସେ ପରମେଶ୍ୱର ଅଟନ୍ତି। ସେମାନେ ଭୁଲି ଯାଇଥିଲେ ଯେ ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି। ଏବଂ ମଣ୍ଡଳୀ ଆତ୍ମିକ ବିସ୍ମୃତିର ଏକ ଖରାପ ମାମଲାରେ ଗ୍ରସିତ ହୋଇଅଛି। ସେମାନେ ଏହି ସବୁ ଜିନିଷ ଭୁଲି ଯାଇଛନ୍ତି। ସେମାନେ ଏହାକୁ ଆଉ ଅଧିକ ବୁଝନ୍ତି ନାହିଁ।

105 ଆମେମାନେ ନିଶ୍ଚିତ ଭାବରେ ପେଣ୍ଟିକଷ୍ଟରେ ଶିଷ୍ୟମାନଙ୍କ ସହିତ, ଚିହ୍ନିତ ହୋଇ ରହିବା ଉଚିତ। ପେଣ୍ଟିକଷ୍ଟ ଦିନରେ ପ୍ରେରିତ କ୍ରିୟା 2ୟ ପର୍ବରେ, ମୁଁ ପିତରଙ୍କ ଉପଦେଶ ସହିତ ଚିହ୍ନିତ କରାଯାଇଥିଲି। ସେ ଯାହା କହିଥିଲେ ମୁଁ ତାହା ଶୁଣିଥିଲି। ସେ ଯାହା କହିଥିଲେ ମୁଁ ତାହା ବିଶ୍ୱାସ କରିଥିଲି। ସେ ଯାହା କହିଥିଲେ ମୁଁ ତାହା ଆଜ୍ଞାପାଳନ କରିଥିଲି। ବର୍ତ୍ତମାନ ମୁଁ ସେହି ସମାନ ବିଷୟରେ ଚିହ୍ନିତ ହୋଇଅଛି।

106 ଆତ୍ମିକ ବିସ୍ମୃତିରେ ଗ୍ରସିତ ହୁଅନ୍ତୁ ନାହିଁ। କାରଣ, ଆପଣ ହୋଇଯିବେ, ଆପଣ ନିଜକୁ ଅନ୍ୟ କୌଣସି ବିଷୟ ସହିତରେ ଚିହ୍ନିତ କରି ପକାଇବେ। ସେହି ବାକ୍ୟ ସହିତ ଠିକ୍ ଲାଗି ରହିଥାନ୍ତୁ!

107 ପ୍ରେରିତ କ୍ରିୟା, ତାର 1ମ ପର୍ବରେ ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ମଣ୍ଡଳୀକୁ କାର୍ଯ୍ୟଭାର ଦିଆଗଲା, ସେତେବେଳେ ଆମେ ମଣ୍ଡଳୀ ସହିତରେ ଥିଲୁ। "ସମଗ୍ର ଜଗତକୁ ଯାଅ, ଏବଂ ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କର।" ମୁଁ ସେଠାରେ ଚିହ୍ନିତ ହେବାକୁ ଚାହେଁ, "ସମଗ୍ର ଜଗତ, ପ୍ରତ୍ୟେକ ପ୍ରାଣୀଙ୍କୁ।" "ଏହି ଚିହ୍ନଗୁଡିକ ଯେଉଁମାନେ ବିଶ୍ୱାସ କରନ୍ତି

ସେମାନଙ୍କର ଅନୁଗାମୀ ହେବ," ସେଥିରେ ଚିହ୍ନିତ ହୋଇପାରେ ।

108 ତେବେ, ବର୍ତ୍ତମାନ, କଅଣ ଆପଣ ସେଥି ସହିତ ଚିହ୍ନିତ ଅଟନ୍ତି, ନା ଆପଣ କୌଣସି ଆତ୍ମିକ ବିସ୍ମୃତିରେ ଗ୍ରସିତ ହୋଇଛନ୍ତି, ଯେ ଆପଣ ଏହା ପାଆନ୍ତି ଯେ ଆପଣ ଏହା ବିଶ୍ୱାସ କରନ୍ତି ନାହିଁ ଯେ ସେହି ଚିହ୍ନଗୁଡିକ ବିଶ୍ୱାସୀମାନଙ୍କର ଅନୁକାରୀ ହୋଇଥାଏ? ଦେଖନ୍ତୁ, ଯଦି ଆପଣ ଏହାକୁ ବିଶ୍ୱାସ କରନ୍ତି ନାହିଁ, ତାହାହେଲେ ଆପଣଙ୍କୁ ଆତ୍ମିକ ବିସ୍ମୃତି ହୋଇଅଛି, ଦେଖନ୍ତୁ, ଆପଣ ଭୁଲି ଯାଇଛନ୍ତି ଯେ ପରମେଶ୍ୱର ତାହା ପ୍ରତିଜ୍ଞା କରିଥିଲେ । ସେ କହିଥିଲେ, "ଏହି ଚିହ୍ନଗୁଡିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁଗାମୀ ହେବ ।" ଏହାକୁ ଭୁଲନ୍ତୁ ନାହିଁ । ଆପଣ ଏହାକୁ ଭୁଲି ଯାଇ ଜଣେ ଖ୍ରୀଷ୍ଟିଆନ ହୋଇପାରନ୍ତି ନାହିଁ । ଆପଣଙ୍କୁ ତ ଏହା ସହିତରେ ଚିହ୍ନିତ ହେବାକୁ ଅଛି ।

109 ଆପଣଙ୍କୁ ସାଧୁ ଯୋହନ ତାର 14ଶ ପର୍ବ, 12ଶ ପଦ ସହିତ ଚିହ୍ନିତ ହେବା ଉଚିତ୍ । "ଯିଏ ମୋ ସହିତ ବିଶ୍ୱାସ କରେ, ମୁଁ ଯେଉଁ କାର୍ଯ୍ୟଗୁଡିକ କରେ ସେ ମଧ୍ୟ ତାହା କରିବ ।" ଏହାକୁ ଭୁଲନ୍ତୁ ନାହିଁ । ଯଦି ଆପଣ କରିବେ, ତାହାହେଲେ ଆପଣ ଆତ୍ମିକ ବିସ୍ମୃତିରେ ଗ୍ରସିତ ଅଟନ୍ତି । ଆପଣ ଭୁଲି ଯାଇଛନ୍ତି ଯେ ଆପଣ କିଏ ଅଟନ୍ତି । ଆପଣ ଭୁଲି ଯାଇଛନ୍ତି ଯେ ଆପଣଙ୍କର ସାକ୍ଷ୍ୟର ଅର୍ଥ କଅଣ ।

110 ଏହା ବିଷୟରେ କଅଣ, ଯେତେବେଳେ ସେ କହିଥିଲେ, "ଯଦି ତୁମେ ମୋ ଠାରେ ରୁହ, ଏବଂ ମୋର ବାକ୍ୟ ତୁମ ଠାରେ ରହେ, ତାହାହେଲେ ତୁମର ଯାହା ଇଚ୍ଛା ତାହା ମାଗ ଆଉ ତାହା ତୁମ ପାଇଁ କରି ଦିଆଯିବ"? ତାହା ସତ୍ୟ ବୋଲି ବିଶ୍ୱାସ କରିବା ନିମନ୍ତେ, କଅଣ ଆପଣ ସେଠାରେ ଚିହ୍ନିତ କରାଯାଇଛନ୍ତି କି? ମାର୍କ 11, ଯେତେବେଳେ ସେ କହିଥିଲେ, "ଯଦି ତୁମେ ଏହି ପର୍ବତକୁ କୁହ, 'ଘୁଞ୍ଚିଯା,' ଏବଂ ଆପଣା ହୃଦୟରେ ସନ୍ଦେହ ନ କର, ମାତ୍ର ବିଶ୍ୱାସ କର ଯେ ଯାହା ତୁମେ କହିଛ ତାହା ସଫଳ ହେବ, ତେବେ ତୁମେ ତାହା ପାଇପାର ଯାହା ତୁମେ କହିଛ ।" ତାହା ସତ୍ୟ ବୋଲି ବିଶ୍ୱାସ କରିବା ପାଇଁ, କଅଣ ଆପଣ ସେଠାରେ ଚିହ୍ନିତ ହୋଇପାରନ୍ତି କି? ଯଦି ତାହା ହେଉନାହିଁ, ତେବେ ଆପଣ ଆତ୍ମିକ ବିସ୍ମୃତିରେ ଗ୍ରସିତ ହେଉଛନ୍ତି ।

111 ଏବଂ—ଏବଂ ଆପଣ ଭୁଲିଯାଆନ୍ତି, ଆପଣ ନିଜର ଖ୍ରୀଷ୍ଟିଆନ ସନ୍ତୁଳନକୁ ହରାନ୍ତି । ଆପଣ କହିପାରନ୍ତି ନାହିଁ ଯେ ଆପଣ କେଉଁଠାରୁ ଅଟନ୍ତି । ଆପଣ କୁହନ୍ତି, "ମୁଁ ମେଥୋଡିଷ୍ଟ ଅଟେ । ମୁଁ ବାପ୍ଟିଷ୍ଟ ଅଟେ । ତାହାହିଁ ଅଟେ ଯାହାକି ମୁଁ ତାହା ବିଷୟରେ ଜାଣେ । ମୁଁ ପେଣ୍ଟିକଷ୍ଟାଲ୍ ଅଟେ । ମୁଁ *ଏହା, ତାହା,* କିମ୍ବା *ଅନ୍ୟକିଛି* ଅଟେ ।" ଧ୍ୟାନ ଦିଅନ୍ତୁ! ତାହାର ଅର୍ଥ ଏହା ହୋଇପାରେ ଯେ ସେହି ରୋଗର ଲକ୍ଷଣ ଆପଣଙ୍କଠାରେ ଦେଖାଉଅଛି, ଯେ ଆପଣ କୌଣସି ଆତ୍ମିକ ବିସ୍ମୃତିରେ ଗ୍ରସିତ ଅଟନ୍ତି ।

112 ଆପଣ କୁହନ୍ତି, "ତେବେ, ଭାଇ ବ୍ରାନହାମ୍, ମୁଁ—ମୁଁ *ଏହା* ବିଶ୍ୱାସ କରେ, ଏବଂ ମୁଁ—ମୁଁ ବଡ କଷ୍ଟରେ..." ତେବେ ମାତ୍ର ଗୋଟିଏ ମିନିଟ୍ ପାଇଁ ଅପେକ୍ଷା କରନ୍ତୁ । ଯଦି ପରମେଶ୍ୱର ଏହି ସବୁ କରିବା ପାଇଁ ପ୍ରତିଜ୍ଞା କରିଥିଲେ, ଏବଂ କହିଥିଲେ ଯେ ସେଗୁଡିକ ଶେଷ ଦିନରେ

ହେବ, ଏବଂ ଆପଣଙ୍କର ବିଶ୍ୱାସମତ ଆପଣଙ୍କୁ ଏଥିରୁ ବଞ୍ଚିତ କରିବ, ଏହା ଏକ ଭଲ ସଙ୍କେତ ଯେ ମୁଁ ଆପଣଙ୍କ ଉପରେ ସେହି ରୋଗର ଚିହ୍ନକୁ ଦେଖିପାରେ । ଏହା ଆତ୍ମିକ ବିସ୍ମୃତି ଅଟେ । ଆପଣ ନିଜକୁ ବାକ୍ୟ ସହିତ ଚିହ୍ନିତ କରିବାକୁ ଭୁଲି ଯାଇଛନ୍ତି ।

113 ଆପଣ କୁହନ୍ତି, "ମୁଁ ବିଶ୍ୱାସ କରେ ନାହିଁ ଯେ ରୋଗୀମାନେ ସୁସ୍ଥ ହୁଅନ୍ତି ।" ଆପଣ ଆତ୍ମିକ ବିସ୍ମୃତିରେ ଗ୍ରସିତ ଅଟନ୍ତି ।

114 ଆପଣ କୁହନ୍ତି, "ମୁଁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମରେ ବିଶ୍ୱସ କରେ ନାହିଁ ।" ଆତ୍ମିକ ବିସ୍ମୃତି!

115 ଆପଣ କୁହନ୍ତି, "ମୁଁ—ମୁଁ ବିଶ୍ୱାସ କରେ ନାହିଁ ଯେ ପରମେଶ୍ୱର ଶେଷ ଦିନରେ ଏହି ସବୁ ବିଷୟ କରିବା ପାଇଁ ପ୍ରତିଜ୍ଞା କରିଥିଲେ ।" ତାହାହେଲେ ଆପଣ ବାଇବଲ ପରିବର୍ତ୍ତେ, ଏକ ଧର୍ମମତକୁ, କିମ୍ବା କୌଣସି ଶିକ୍ଷା ସିଦ୍ଧାନ୍ତକୁ ଶୁଣି ଅଛନ୍ତି । ଆପଣ ଆତ୍ମିକ ବିସ୍ମୃତିରେ ଗ୍ରସିତ ଅଟନ୍ତି । ତେବେ ଆପଣ ଜାଣନ୍ତି ନାହିଁ ଯେ ଆପଣ କେଉଁଠାରୁ ଅଟନ୍ତି । ଆପଣ "ଜଣେ ଖ୍ରୀଷ୍ଟିଆନ" ବୋଲି ସ୍ୱୀକାର କରୁଛନ୍ତି, ଏବଂ ବାକ୍ୟକୁ ଅସ୍ୱୀକାର କରୁଛନ୍ତି । ଆପଣଙ୍କୁ ପୁନର୍ବାର ଠିକ ଆତ୍ମିକ ବିସ୍ମୃତି ନିକଟକୁ ଫେରାଇ ଆଣେ, ଦେଖନ୍ତୁ, ଆପଣ ଜାଣନ୍ତି ନାହିଁ ଯେ ଆପଣ କେଉଁଠାରେ ଛିଡା ହୋଇଛନ୍ତି । ଆପଣ ଆତ୍ମିକ ବିସ୍ମୃତିରେ ଗ୍ରସିତ ଅଟନ୍ତି । ଆପଣ ନିଜକୁ ଶାସ୍ତ୍ର ସହିତରେ ଚିହ୍ନିତ କରିପାରନ୍ତି ନାହିଁ ।

116 ଆପଣଙ୍କୁ ତ ଶିଷ୍ୟମାନଙ୍କ ସହିତ ରହିବାକୁ ଅଛି । ଆପଣଙ୍କୁ ତ ସମସ୍ତ ଶାସ୍ତ୍ର ସହିତ, ମଣ୍ଡଳୀ ସହିତ ଯେତେବେଳେ ଏହାକୁ କାର୍ଯ୍ୟଭାର ଦିଆ ହୁଏ ରହିବାକୁ ଅଛି । ମାତ୍ର, ବର୍ତ୍ତମାନ, ଯେତେବେଳେ ମଣ୍ଡଳୀକୁ କାର୍ଯ୍ୟଭାର ଦିଆ ଯାଇଥିଲା, "ସମଗ୍ର ଜଗତକୁ ଯାଅ ଏବଂ ସୁସମାଚାର ପ୍ରଚାର କର; ଏହି ଚିହ୍ନଗୁଡିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁଗାମୀ ହେବ," ତାହା ତାଙ୍କର କାର୍ଯ୍ୟଭାର ଥିଲା । ବର୍ତ୍ତମାନ ସେମାନେ ପାଇଛନ୍ତି…ତାହା ସେହି କାର୍ଯ୍ୟଭାର ଥିଲା ।

117 ମାତ୍ର ସେମାନେ ଏହି ଆତ୍ମିକ ବିସ୍ମୃତିର ଏକ ଖରାପ ମାମଲାରେ ଗ୍ରସିତ ଅଟନ୍ତି, ଠିକ୍ ଯେପରିକି ଦିନେ, ଉଦ୍ୟାନ ଦେଇ…ହବା ଉପରେ, ତାହା ହୋଇଥିଲା । ବର୍ତ୍ତମାନ ସେ ଇସ୍ରାଏଲ ପରି ଅଟେ, ଏହି ସମାନ ରୋଗରେ ପୀଡିତ, ଯାହାକି ଏକ ଈଶ୍ୱରତତ୍ତ୍ୱବିଦ ବିଦ୍ୟାଳୟ ଭୋଜନରୁ ଏକ ତିକ୍ତଭାବର ପୀଡା ଅଟେ ଯାହାକି ଆପଣଙ୍କୁ ଆତ୍ମିକ ବିସ୍ମୃତିରେ ଗ୍ରସିତ କରି ଦେବ । କୌଣସି ଈଶ୍ୱରତତ୍ତ୍ୱବିଦ ବିଦ୍ୟାଳୟର ଭୋଜନ ଗ୍ରହଣ କରନ୍ତୁ, ଏବଂ ଆପଣ ଏକ ତିକ୍ତଭାବରୁ ଗ୍ରସିତ ହେବେ, ଏବଂ ତାହାପରେ, ପ୍ରଥମ ବିଷୟ ଆପଣ ଜାଣନ୍ତି, ଆପଣଙ୍କୁ ବହୁତ ଖରାପ ଆତ୍ମିକ ବିସ୍ମୃତିର ରୋଗ ହେବ । ଆପଣ ବାଇବଲ କହୁଥିବା କୌଣସି ବି ବିଷୟକୁ ବିଶ୍ୱାସ କରିବେ ନାହିଁ ।

118 ଆଜି ତାହାହିଁ ମଣ୍ଡଳୀ ସହିତରେ ମାମଲା ଅଟେ । ସେହି କାରଣରୁ ଆଜି ଆମର ଉଦ୍ଦୀପନା ସଭା ହୋଇପାରୁ ନାହିଁ । ତାହାହିଁ ଆଜି ମଣ୍ଡଳୀ ସହିତରେ ମାମଲା ଅଟେ । ସେମାନେ ସବୁ ଜିନିଷର କୋଇଲା ଉପରେ ଏତେ ନିଶାଗ୍ରସ୍ତ ହୋଇ ଯାଇଛନ୍ତି, ଏବଂ

ପ୍ରତ୍ୟେକ ବାଦ ଯାହାକି ଉତ୍ପନ୍ନ ହୋଇପାରେ, ଏପରିକି ସେମାନେ ଜାଣନ୍ତି ନାହିଁ ଯେ କେଉଁଟା ଠିକ୍ ଏବଂ କେଉଁଟା ଭୁଲ୍ ଅଟେ । ଅବିକଳ ଠିକ୍ । ସେ ତାର ପ୍ରଭୁଙ୍କୁ ସ୍ମରଣ କରିପାରେ ନାହିଁ । ସେ ତାହାଙ୍କର ବାକ୍ୟକୁ ମନେ କରିପାରେ ନାହିଁ । ସେ ପ୍ରତିଜ୍ଞା ମନେ ରଖିପାରେ ନାହିଁ ।

119 ତାହାହିଁ ସେତେବେଳେ ଇସ୍ରାଏଲ ସହିତ ସେହି ମାମଲା ଥିଲା, ଯେତେବେଳେ ଯୀଶୁ ଦୃଶ୍ୟପଟ୍ଟକୁ ଆସିଥିଲେ । ସେମାନେ ଏହା ମନେ ରଖି ପାରି ନ ଥିଲେ ଯେ, "ଜଣେ କୁମାରୀ ଗର୍ଭବତୀ ହେବ ।" ସେମାନେ ଏହା ମନେ ରଖି ପାରି ନ ଥିଲେ ଯେ ମୋଶା କହିଥିଲେ, "ସଦାପ୍ରଭୁ ତୁମ୍ଭର ପରମେଶ୍ୱର ମୋ ପରି ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ ।" ସେମାନଙ୍କର ଆତ୍ମିକ ବିସ୍ମୃତି ରହିଥିଲା ।

120 ଅବିକଳ ଠିକ ତାହାହିଁ ଆଜି ମଣ୍ଡଳୀ ପାଇଅଛି । ସେ କହିଥିଲେ, "ଶେଷ ଦିନରେ ଏହା ଘଟିବ," ଯେ ଏହିସବୁ ବିଷୟ ଘଟିତ ହେବ, ଯାହା ଆମେ ଘଟୁଥିବାର ଦେଖୁଅଛୁ, ଏବଂ ମଣ୍ଡଳୀ ଘଡିରେ ବାର ଘଟିକା ବାଜି ଥିବା ପରି ମୃତ ଅଟେ । ଏହା କଅଣ ଅଟେ? ଆତ୍ମିକ ବିସ୍ମୃତି । ଆମେମାନେ ନିଜକୁ ପେଣ୍ଟିକଷ୍ଟ ବୋଲି କହିଥାଉ, ଏବଂ ଚିହ୍ନିତ କରିପାରି ନ ଥାଉ, ଏବଂ ନିଜକୁ ବାକ୍ୟ ମଧ୍ୟରେ ଚିହ୍ନିତ କରିପାରି ନ ଥାଉ ଯେତେବେଳେ ଏହା ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ଶକ୍ତିରେ ପ୍ରଚାର କରାଯାଇଥାଏ; ଏବଂ ସେ ଏଠାରେ ଆମ ମଧ୍ୟରେ ଥାଇ, ଏହାକୁ କାର୍ଯ୍ୟକାରୀ କରୁଥାନ୍ତି, ଏବଂ ଠିକ ତାହା କରୁଥାନ୍ତି ଯାହା ସେ କରିବେ ବୋଲି କହିଥିଲେ । ତାହାପରେ, ଧ୍ୟାନ ସହକାରେ ଦେଖନ୍ତୁ, ଆମର ନାମଧାରୀ ସଂସ୍ଥାର ବ୍ୟବସ୍ଥା ଆମକୁ ଆତ୍ମିକ ବିସ୍ମୃତିରେ ପକାଇ ଦେଇଅଛି । ଆମେମାନେ ପୀଡିତ ଅଟୁ । ଆମେମାନେ ଜାଣି ନାହୁଁ ଯେ ଆମେମାନେ କେଉଁଠାରୁ ଅଟୁ । ଜଣେ ବ୍ୟକ୍ତି ତାଙ୍କର କାଗଜପତ୍ରକୁ *ଏହି ମଣ୍ଡଳୀରୁ ସେହି ମଣ୍ଡଳୀକୁ* ନେଇ ଯାଆନ୍ତି, ଏବଂ *ଏହି* ମଣ୍ଡଳୀ, ଏବଂ *ଏହି* ବାଦ ଏବଂ *ସେହି* ବାଦ । ବୁଝିଲେ?

121 ଆମମାନଙ୍କୁ ଯାହା ପୁନର୍ବାର, ଦରକାର, ତାହା ହେଉଛି ଆଉ ଏକ ଆମୋଷ, **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ସହିତ ଦୃଶ୍ୟପଟ୍ଟକୁ ଆସନ୍ତୁ । କଅଣ ଆମେ ତାଙ୍କୁ ଗ୍ରହଣ କରିବା କି? ସେହିପରି ଭାବରେ ଯେପରିକି ସେମାନେ କରିଥିଲେ । ସେମାନେ ତାଙ୍କୁ କଦାପି ଗ୍ରହଣ କରି ନ ଥିଲେ । ସେମାନେ ଆଜି ବି ତାଙ୍କୁ ଗ୍ରହଣ କରିବେ ନାହିଁ । ସେ ବଡ କଷ୍ଟରେ, ପ୍ରଚାର କରିବା ନିମନ୍ତେ, ତାଙ୍କ ମୁଣ୍ଡ ରଖିବା ପାଇଁ ସ୍ଥାନ ପାଇ ପାରିଥିଲେ । ତେବେ, ତାହା ଅବିକଳ ଠିକ୍, କାରଣ ମଣ୍ଡଳୀ ଏହି ଆତ୍ମିକ ବିସ୍ମୃତିରେ ପୀଡିତ ଅଟେ ।

122 ତେବେ, କାହିଁକି? ପରମେଶ୍ୱର ଶେଷ ଦିନରେ ପ୍ରତିଜ୍ଞା କରିଥିଲେ, "ଯେତେବେଳେ ମନୁଷ୍ୟପୁତ୍ର ପ୍ରକାଶିତ କରାଯିବେ," ଲୂକ, 17ତମ ପର୍ବ ଅନୁଯାୟୀ, "ସଦୋମରେ ଘଟିଥିବା ସେହି ଚିହ୍ନଟି, ପୁନର୍ବାର ଘଟିବ ।" ଏବଂ ଲୋକମାନେ ଏହା କରା ଯାଉଥିବାର ଦେଖନ୍ତି, ଏବଂ ସେମାନଙ୍କ ମଧ୍ୟରୁ କେତେକ ତ ଏପରିକି ଏହାକୁ ବିଶ୍ୱାସ ସୁଦ୍ଧା କରନ୍ତି ନାହିଁ । ସେମାନେ ଭାବନ୍ତି ଯେ ଏହା ମନକୁ ପଢିବାର ବିଦ୍ୟା ଟେଲିପ୍ୟାଥୀ ଅଟେ । ସେମାନେ ଭାବନ୍ତି ଯେ ଏହା

ଏକ ଶୟତାନ ଆତ୍ମା ଅଟେ । ଏହା କଅଣ ଅଟେ? ସେମାନେ ଆତ୍ମିକ ବିସ୍ମୃତିରେ ପୀଡ଼ିତ ଅଟନ୍ତି । ତାହା ଅବିକଳ ଠିକ୍ । ସେମାନେ ପ୍ରଭୁଙ୍କୁ ବୁଝିପାରନ୍ତି ନାହିଁ । "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି ।" ସେ ସେତେବେଳେ ଯାହା ଥିଲେ, ବର୍ତ୍ତମାନ ସେ ତାହା ଅଟନ୍ତି ।

123 ମାତ୍ର, କଅଣ ଘଟିଥିଲା, ଆପଣାକୁ ଆଉ ଅଧିକ ବାକ୍ୟ ସହିତ ଚିହ୍ନିତ କରିପାରୁ ନାହୁଁ । କାହିଁକି? ସେ, ସେ ଜାଣେ ନାହିଁ ଯେ ସେ ଏକ ପାନ୍ଥଶାଳା ଅଟେ ନା ସେ ଏକ ମଣ୍ଡଳୀ ଅଟେ । ସେ ଏକ ପାନ୍ଥଶାଳା କୁହାଯିବାକୁ ଚାହେଁ ନାହିଁ, ଏବଂ ତାକୁ ଏକ ମଣ୍ଡଳୀ କୁହାଯାଇପାରେ ନାହିଁ; 'କାରଣ, ଏକ ମଣ୍ଡଳୀ କୁହାଯିବାକୁ ହେଲେ, ସେ ନିଜକୁ ଖ୍ରୀଷ୍ଟଙ୍କ ସହିତ ଚିହ୍ନିତ କରିବ । ତାହା ତ ତାକୁ ଆତ୍ମିକ ବିସ୍ମୃତିରେ ଗ୍ରସିତ କରି ଦେଇଥାଏ । ଏବଂ ସେ ଏକ ପାନ୍ଥଶାଳା କୁହାଯିବାକୁ ଚାହେଁ ନାହିଁ । ତେଣୁକରି ଏହା ସେହି ପେଣ୍ଟିକଷ୍ଟାଲ୍ ମଣ୍ଡଳୀ, ମେଥୋଡିଷ୍ଟ ମଣ୍ଡଳୀ, ବାପ୍‌ଟିଷ୍ଟ ମଣ୍ଡଳୀ ନୁହେଁ; ଏହା ତ ପେଣ୍ଟିକଷ୍ଟାଲ୍ ପାନ୍ଥଶାଳା, ମେଥୋଡିଷ୍ଟ ପାନ୍ଥଶାଳା, ଏବଂ ବାପ୍‌ଟିଷ୍ଟ ପାନ୍ଥଶାଳା ଅଟେ, କାରଣ ସେ ବାକ୍ୟ ସହିତ ଚିହ୍ନିତ କରା ଯାଇପାରେ ନାହିଁ । ଏବଂ ଯେତେବେଳେ ବାକ୍ୟ ପ୍ରକଟିତ କର ଯାଇଥାଏ, ସେମାନେ ତଥାପି ଏହାକୁ ବିଶ୍ୱାସ କରନ୍ତି ନାହିଁ । ଏହା ଏକ ରୋଗ, ଆତ୍ମିକ ବିସ୍ମୃତି ଅଟେ । ନିଜକୁ ଚିହ୍ନିତ କରିପାରେ ନାହିଁ; ସେମାନେ ଜାଣନ୍ତି ନାହିଁ ଯେ ସେମାନେ କେଉଁଠାରେ ଅଛନ୍ତି । ତାହା ଠିକ୍ ଅଟେ ।

124 ଏହା ଅବିକଳ ଠିକ୍ କିଛି ଗୋଟାଏ ସଂକରଣ କଲା ପରି ଅଟେ । ଯେପରିକି ମୁଁ ପ୍ରାୟତଃ କହିଥାଏ, "ମୁଁ ସବୁବେଳେ ଭାବିଅଛି ଯେ ସବୁଠୁ ନିକୃଷ୍ଟତମ ବିଷୟ ମଧ୍ୟରୁ ଗୋଟିଏ ଯାହାକି ଯେ ମୁଁ କେବେ ଦେଖିଅଛି ତାହା ହେଉଛି ଗୋଟିଏ ଖଚର ।" ଦେଖନ୍ତୁ, ସେ ଗୋଟିଏ ସଂକର ଅଟେ । ବୁଝିଲେ, ତାର ମାତା ଏକ ମାଈ ଘୋଡା, ଏବଂ ବାପା ଏକ ଗଧ ଥିଲା, ଏବଂ ସେ କେଉଁଠାରୁ ଅଟେ ତାହା ସୁଦ୍ଧା ସେ ଜାଣେ ନାହିଁ । ଏବଂ ପ୍ରଥମ ବିଷୟ ଯାହା ଆପଣ ଜାଣନ୍ତି, ଆପଣ—ଆପଣ—ଆପଣ—ଆପଣ ତାକୁ ପ୍ରଜନନ କରି ଗୋଟିଏ ଗଧ ପାଇପାରନ୍ତି, ଆଉ ତାହାପରେ…କିମ୍ୱା ଖଚର ପାଇପାରନ୍ତି, ମାତ୍ର ସେହି ଖଚର ନିଜକୁ ପୁଣି ଥରେ ପ୍ରଜନନ କରିପାରେ ନାହିଁ । ଦେଖନ୍ତୁ, ସେ କରେ ନାହିଁ । ଆପଣ ତାକୁ କିଛି ଶିଖାଇ ପାରନ୍ତି ନାହିଁ । ସେ କଠିନ-ବୁଦ୍ଧିର ଅଟେ । ଆପଣ କଦାପି କିଛି କହିବେ ନାହିଁ…ଆପଣ ସେହି ବଡ଼ ଲମ୍ୱା କାନଗୁଡିକୁ ବ୍ୟବସ୍ଥିତ କରିପାରନ୍ତି । ଏବଂ ସେ ଆପଣଙ୍କୁ ଗୋଇଠା ମାରିବା ପାଇଁ, ଠିକ ମରିବା ପୂର୍ବରୁ, ନିଜ ଜୀବନର ସବୁଠୁ ଦୀର୍ଘତମ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବ । ତାହାହିଁ ସବୁକିଛି ଅଟେ । ଯଦି ସେ ପାରେ, ତାହାହେଲେ ଆପଣଙ୍କ ଉପରେ କିଛି ପକାଇବା ପାଇଁ, ସେ ସବୁବେଳେ କିଛି ଗୋଟାଏ ବିଷୟର ଅପେକ୍ଷା କରୁଥାଏ ।

125 ଏବଂ ତାହା ମୋତେ ମନରେ ଅନେକ ତଥା-କଥିତ ମିଶ୍ରିତ ଖ୍ରୀଷ୍ଟିଆନଙ୍କ ବିଷୟକୁ ଆଣି ଦେଇଥାଏ । ସେମାନେ ମଣ୍ଡଳୀକୁ ଏପରି ଭାବରେ ସଂକରିତ କରି ଦେଇଅଛନ୍ତି ଯେ ଏପରିକି ସେମାନେ ଆତ୍ମିକ ବିସ୍ମୃତିର ରୋଗରେ ଗ୍ରସିତ ହୋଇ ଯାଇଅଛନ୍ତି । ସେମାନେ ପୁଣିଥରେ

ଆଉ କିଛି ପୁନର୍ଉତ୍ପାଦନ କରିପାରନ୍ତି ନାହିଁ ।

126 ସେମାନେ ସଂକରିତ ଶସ୍ୟ ବିଷୟରେ କୁହନ୍ତି । ସଂକରିତ ଶସ୍ୟ କିଛି ନୁହେଁ । ଏହା ସବୁଠୁ ମନ୍ଦ ବିଷୟ ଅଟେ ଯାହାକି ଆପଣ କେବେ ନିଜ ପାଟିରେ ପକାଇବେ, କୌଣସି ବି ସଂକରିତ ବିଷୟ । ସେହି କାରଣରୁ ଆପଣଙ୍କୁ ଏହି ଛୋଟ ଛୋଟ ଚାରା ଗଛଗୁଡ଼ିକୁ ନେବାକୁ ପଡିଥାଏ, ଏବଂ ସଂକରିତ ବିଷୟ ବସ୍ତୁଗୁଡିକୁ, ଏବଂ ଏହାକୁ ଛିଞ୍ଚଣ କରିବାକୁ ପଡ଼ିଥାଏ ଏବଂ ଏହାର ଦେଖାଶୁଣା କରିବାକୁ ପଡ଼ିଥାଏ ଏବଂ ଯତ୍ନ ତତ୍ତ୍ୱ ନେବାକୁ ପଡ଼ିଥାଏ । କାହିଁକି? କାରଣ ସେମାନେ ଏଥିରୁ ପୋକଗୁଡ଼ିକୁ ଦୂରେଇ ରଖିପାରନ୍ତି ନାହିଁ ।

127 ମାତ୍ର ଏକ ପ୍ରକୃତ, ପୁଙ୍ଖାନୁପୁଙ୍ଖକୁ ନିଅନ୍ତୁ, ଆପଣଙ୍କୁ ତାହା ଉପରେ କୌଣସି କୀଟନାଶକ ଛିଞ୍ଚିବାକୁ ପଡ଼େ ନାହିଁ । ତାର ନିଜ ଭିତରେ ଶକ୍ତି ରହିଥାଏ, ଯେ ପୋକଗୁଡ଼ିକୁ ନିଜଠାରୁ ଦୂରେଇ ରଖେ । ତାହାହିଁ ଅଟେ ଯାହାକି ଜଣେ ବାସ୍ତବିକ ପ୍ରକୃତ-ଆତ୍ମାପ୍ରାପ୍ତ ବ୍ୟକ୍ତିଙ୍କଠାରୁ ଅବିଶ୍ୱାସର ପୋକଗୁଡ଼ିକୁ ଦୂରେଇ ରଖିବା ପାଇଁ ଏହା ଆବଶ୍ୟକ କରେ ।

128 ଗୋଟିଏ ପୁରୁଣା ଖଚରକୁ ନିଅନ୍ତୁ, ଏବଂ ଆପଣ ଯାଇ ତାହା ସହିତ କଥାବାର୍ତ୍ତା କରନ୍ତୁ, କୁହନ୍ତୁ, "ହେ, ବାଳକ, ମୁଁ ଚାହେଁ ଯେ ତୁମେ *ଏହା, ତାହା* କର ।"

129 ସେ ସେଠାରେ ବସି ରହି ଏହା କରିବ, "ହଃ! ହଃ! ହଃ!" ସେହି ବଡ଼ ବଡ଼ କାନଗୁଡ଼ିକ ଉପର-ଓ-ତଳ କରୁଥିବ । ମୁଁ ସେହିପରି ଅନେକ—ଅନେକ ତଥା-କଥିତ, ଖ୍ରୀଷ୍ଟିଆନମାନଙ୍କୁ ଦେଖିଅଛି ।

130 ଆପଣ କୁହନ୍ତି, "ଯୀଶୁ ଖ୍ରୀଷ୍ଟ ଗତକାଲି, ଏବଂ ଚିରଦିନ ସମାନ ଅଟନ୍ତି । ଏହି ଚିହ୍ନଗୁଡ଼ିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁଗାମୀ ହେବ ।"

131 "ହଃ? ମୁଁ ବିଶ୍ୱାସ କରେ ଯେ ଆଶ୍ଚର୍ଯ୍ୟକର୍ମର ଦିନଗୁଡ଼ିକ ବିତି ଗଲାଣି । ହଃ? ହଃ? ହଃ?" ଦେଖନ୍ତୁ, ସେ ଜାଣେ ନାହିଁ ଯେ ସେ କଅଣ ବିଶ୍ୱାସ କରେ । ସେ କିଛି ହେଲେ ଜାଣେ ନାହିଁ । ସେ ଜାଣେ ନାହିଁ ସେ କେଉଁଠାରୁ ଆସିଅଛି; ସେ ଜାଣେ ନାହିଁ ଯେ ସେ କେଉଁଆଡ଼କୁ ଯାଉଅଛି । ସେ ଘୋଡ଼ାର ବିସ୍ମୃତିରେ ଗ୍ରସିତ ଅଟେ । ସେ ଜାଣେ ନାହିଁ ଯେ ସେ କେଉଁଠାରୁ ଆସିଅଛି, ଏବଂ ସେ ଆଉ ଅଧିକ ଆଗକୁ ଯାଇପାରେ ନାହିଁ ।

132 ମାତ୍ର ମୁଁ ଏକ ଅସଲି ପୁଙ୍ଖାନୁପୁଙ୍ଖ ପ୍ରଜନନ ହୋଇଥିବାକୁ ପସନ୍ଦ କରେ । ଓଃ, ସେ ଭଦ୍ର ଥାଏ । ଆପଣ ତାହା ସହିତ କଥା ହୋଇପାରନ୍ତି । ସେ ଜାଣେ ଯେ ତାର ବାପା କିଏ, ତାର ମାଆ କିଏ, ତାର ଜେଜେବାପା ଏବଂ ଜେଜେମା କିଏ । ସେ କେଉଁଠାରୁ ଆସିଅଛି ତାହା ଦେଖାଇବା ପାଇଁ ତାହା ପାଖରେ ବଂଶଗତ ପ୍ରଜନନ କାଗଜପତ୍ର ରହିଥାଏ ।

133 ଏବଂ ମୁଁ ଏକ ଖାଣ୍ଟି ପ୍ରଜନନ ହୋଇଥିବା ଖ୍ରୀଷ୍ଟିଆନକୁ ପସନ୍ଦ କରେ, ଯିଏକି ସମ୍ପୂର୍ଣ୍ଣ ଭାବରେ ପରମେଶ୍ୱରଙ୍କ ବାକ୍ୟ ନିକଟକୁ, ପେଣ୍ଟିକଷ୍ଟ ଦିନକୁ ଫେରି ଯାଇପାରନ୍ତି, ଏବଂ ସେଠାରେ ନିଜକୁ ସେହି ସାଧୁମାନଙ୍କ ସହିତ ଚିହ୍ନିତ କରିପାରନ୍ତି, ଯେଉଁଠାରେକି ପବିତ୍ରଆତ୍ମାଙ୍କ ଶକ୍ତି ସେମାନଙ୍କ ଉପରକୁ ଆସିଥିଲା । ତାହା ଏକ ଖାଣ୍ଟି ପ୍ରଜନନ ହୋଇଥିବା

ଖ୍ରୀଷ୍ଟିଆନ ଅଟେ । ସେ ଜାଣେ ଯେ ସେ କେଉଁଠାରୁ ଆସିଅଛି । ସେ ମେଥୋଡିଷ୍ଟ, ବାପ୍ଟିଷ୍ଟ, କିମ୍ବା ଅନ୍ୟ କିଛି ସହିତ ଚିହ୍ନିତ ନୁହେଁ । ସେ ପରମେଶ୍ୱରଙ୍କ ବାକ୍ୟରେ ଚିହ୍ନିତ ଅଟେ । ସେ ତାହା ଅବିକଳ ଜାଣିଥାଏ ଯେ ସେ କେଉଁଠାରେ ଛିଡା ହୋଇଅଛି । ତାର ପିତାଙ୍କ ରାଜକୀୟ ରକ୍ତ, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ତାହା ଦେଇ ପ୍ରବାହିତ ହୋଇଥାଏ । ସେ ଜାଣେ ଯେ ଏହା କଅଣ କରିଥାଏ! ସେ ପ୍ରତ୍ୟେକ ବାକ୍ୟକୁ ବିଶ୍ୱାସ କରିଥାଏ । ପରମେଶ୍ୱର ତାହା ଦେଇ କାର୍ଯ୍ୟ କରନ୍ତି ଏବଂ ସେହି ଚିହ୍ନଗୁଡ଼ିକ ସହିତ ଏହାକୁ ସୁନିଶ୍ଚିତ କରନ୍ତି ଯାହା ଅନୁଗାମୀ ହେବ ବୋଲି ସେ ପ୍ରତିଜ୍ଞା କରିଥିଲେ । ତାଙ୍କର କୌଣସି ଆତ୍ମିକ ବିସ୍ମୃତି ନ ଥାଏ । ସେ ଏକ ଖାଣ୍ଟି ପ୍ରଜନନ ହୋଇଥିବା ପୁଙ୍ଖାନୁପୁଙ୍ଖ ପ୍ରାଣୀ ଅଟେ । ମୁଁ ତାହା ପସନ୍ଦ କରେ ।

134 ମାତ୍ର ଆଜି ମଣ୍ଡଳୀରେ ଆତ୍ମିକ ବିସ୍ମୃତିର ଏକ ଖରାପ ମାମଲା ରହିଅଛି । ଏହା ଜାଣେ ନାହିଁ ଯେ ଏହା କେଉଁଠାରୁ ଅଟେ । ଏହା ତାହା ବିଷୟରେ ସବୁକିଛି ଭୁଲି ଯାଇଅଛି, ଏହି ସବୁ ବିଷୟ ଭୁଲି ଯାଇଅଛି ଯାହାକି ଏହାକୁ ଏକ ମଣ୍ଡଳୀ କରି ଗଢି ତୋଳିଥାଏ ।

135 କେଉଁ ବିଷୟ ଆମକୁ ଏତେ ଅଧିକ ଧନବାନ କଲା ଯେପରିକି ଆମେମାନେ ଅଟୁ? ଏହା ପୁନର୍ବାର ଲାଅଦୀକିଆର ସେହି ସ୍ଥାନକୁ, ସେହି ଧନରେ ପରିପୂର୍ଣ୍ଣ ସ୍ଥାନକୁ ଆସିଯାଇଛି ଯେପରିକି ଇସ୍ରାଏଲ ରହିଥିଲା । ଯେତେବେଳେ ଏହା ଦରିଦ୍ର ଥିଲା ଏବଂ ଯଥା ସମ୍ଭବ ସମସ୍ତ କିଛି ବିଷୟ ପାଇଁ ପରମେଶ୍ୱରଙ୍କ ଉପରେ ଭରସା କରିବାକୁ ପଡିଥିଲା, ଯାହା ସବୁକିଛି ତାହା ପାଖରେ ଥିଲା, ଏହା ପରମେଶ୍ୱରଙ୍କ ଉପରେ ଭରସା କରିଥିଲା; ତେବେ ପରମେଶ୍ୱର ଏହା ସହିତରେ ରହିଥିଲେ, ଏବଂ ଏହା ଆତ୍ମିକ ଥିଲା, ଏବଂ ଆଗକୁ ବଢି ଚାଲିଲା । ମାତ୍ର ଯେତେବେଳେ ଏହା ଧନୀ ହୋଇଗଲା, ଏଠାରେ ତାହା ଅଟେ ଯାହା ଘଟିଥିଲା: ସେମାନଙ୍କର ନଗରଗୁଡିକ ନିର୍ମାଣ ହେଲା, ଏବଂ ସେମାନଙ୍କର ସ୍ତ୍ରୀଲୋକମାନେ ଅନୈତିକ ହୋଇ ଚାଲିଲେ, ସେମାନଙ୍କର ପୁରୁଷମାନେ ଏହାର ଅନୁମତି ଦେଇଥିଲେ, ସେମାନଙ୍କର ପ୍ରଚାରକମାନେ ସେହି ଦଣ୍ଡକୁ ପକାଇ ଦେଇଥିଲେ, ଏବଂ ସେମାନେ ଭବିଷ୍ୟଦ୍‌ବକ୍ତାମାନଙ୍କୁ ନିନ୍ଦା କରିଥିଲେ । ଏବଂ ସେହିପରି ଏକ ଅବସ୍ଥାକୁ ସେମାନେ ଆସି ଯାଇଥିଲେ । ଯେଉଁ ବିଷୟ ତାହା ଘଟାଇଥିଲା, ତାହା ହେଲା ଯେ ସେମାନେ ଭୁଲି ଯାଇଥିଲେ ଯେ ସେହି ଆଶୀର୍ବାଦଗୁଡିକ କେଉଁଠାରୁ ଆସୁଥିଲା ।

136 ଏବଂ ଆପଣ ମେଥୋଡିଷ୍ଟ, ଏବଂ ଆପଣ ବାପ୍ଟିଷ୍ଟ, ଏବଂ ଆପଣ ପ୍ରେସ୍‌ବିଟେରିଆନ୍‌ମାନେ! ଆପଣ ମେଥୋଡିଷ୍ଟମାନେ ଜନ୍ ୱେସ୍‌ଲିଙ୍କୁ ମନେ ରଖିପାରନ୍ତି । ଆପଣ ବାପ୍ଟିଷ୍ଟମାନେ! ଆଉ ଜନ୍ ସ୍ମିଥ୍ ଲୋକମାନଙ୍କର କାର୍ଯ୍ୟକଳାପଗୁଡିକୁ ନେଇ ଏପରି କାନ୍ଦିଥିଲେ ଯେ ତାଙ୍କ ପତ୍ନୀଙ୍କୁ ତାଙ୍କୁ ମେଜ ନିକଟକୁ କଢାଇ ନେବାକୁ ପଡିଥିଲା, ରାତିସାରା କାନ୍ଦିବା ଦ୍ୱାରା ଏବଂ ପ୍ରାର୍ଥନା କରିବା ଦ୍ୱାରା, ତାଙ୍କ ଆଖିଗୁଡିକ ଫୁଲି ଯାଇଥିଲା । ମାମଲା କଅଣ ଅଟେ?

137 ଜନ ୱେସ୍‌ଲି କହିଥିଲେ ଯେ ସବୁଠୁ ମହାନ ବିଷୟଗୁଡିକ ମଧ୍ୟରୁ ଗୋଟିଏ ହେଲା…

ମୁଁ ବିଶ୍ୱାସ କରେ ଯେ ଏହା ପ୍ରାରମ୍ଭିକ ମେଥୋଡିଷ୍ଟ ପିତୃପୁରୁଷମାନଙ୍କ ମଧ୍ୟରୁ ଜଣେ ଥିଲେ, "ମେଥୋଡିଷ୍ଟ ମଣ୍ଡଳୀର କନ୍ୟାମାନଙ୍କର ଅପମାନ, ଏତେ ସାଂସାରିକ ହେବାକୁ ଆରମ୍ଭ ହୋଇଥିଲା, ଯେ ସେମାନେ ନିଜର ଆଙ୍ଗୁଠିରେ ମୁଦ୍ରିକା ପିନ୍ଧିଥିଲେ ।" ତେବେ ସାନ ଜାମା ଶର୍ଟ୍ସ ପିନ୍ଧିଥିବା ବିଷୟକୁ ନେଇ, ସେ ବର୍ତ୍ତମାନ କଅଣ କହିଥାଆନ୍ତେ?

138 କଅଣ ଘଟିଲା? ଆତ୍ମିକ ବିସ୍ମୃତି । ପ୍ରକୃତରେ ତାହାହିଁ ଅଟେ, ଭୁଲି ଯାଇଥିଲେ ଯେ ଆପଣ କେଉଁଠାରୁ ଆସିଛନ୍ତି । ଆପଣଙ୍କ ପାଖରେ ଏହି ସବୁ ବିଷୟ ରହିଛି କାରଣ ପରମେଶ୍ୱରଙ୍କ ଦାନ, ଉତ୍ତମତା ଆପଣଙ୍କ ପାଇଁ ତାହା କରିଥିଲା ।

139 କଅଣ ଆପଣ ଭାବୁଛନ୍ତି ଯେ ଏହା ଏକ ଅଦ୍ଭୁତ ବିଷୟ ଅଟେ? ଏହା ଅବିକଳ ଯୀଶୁ ଖ୍ରୀଷ୍ଟଙ୍କ ଆତ୍ମା ସହିତ, ସେହି ଭବିଷ୍ୟଦ୍‌ବାଣୀ ସହିତ ଏକମତ ଅଟେ । ପ୍ରକାଶିତ ବାକ୍ୟ, ୩ୟ ପର୍ବରେ, ଏହା କୁହେ, "ଯେହେତୁ ତୁମେ କହୁଛ, 'ମୁଁ ଧନୀ, ମୋର କିଛି ଅଭାବ ନାହିଁ,' ଏବଂ ଜାଣ ନାହିଁ ଯେ ତୁମେ ଦରିଦ୍ର, ଅନ୍ଧ, ଦୁର୍ଭାଗା, ଦୀନହୀନ, ଉଲଙ୍ଗ ଅଟ, ଏବଂ ତାହା ଜାଣ ନାହିଁ ।" ଦେଖନ୍ତୁ, ଏହା ଜାଣନ୍ତି ନାହିଁ! ଏହା କଅଣ ଅଟେ? ଆତ୍ମିକ ବିସ୍ମୃତି । ସେମାନେ ଏହା ଜାଣନ୍ତି ନାହିଁ ।

140 ମଣ୍ଡଳୀ ପାଖରେ ବର୍ତ୍ତମାନ ସେହି—ସେହି ଧନ ଅଛି । ଦେଶରେ କ୍ୱଚିତ୍ ହିଁ, ଏପରି କୌଣସି, ଏକ ନାମଧାରୀ, ମଣ୍ଡଳୀ ଥିବ, ମାତ୍ର ଯାହାର ମୂଲ୍ୟ ଲକ୍ଷ ଲକ୍ଷ ଗୁଣନ ଲକ୍ଷ ଲକ୍ଷ ଡଲାର ହୋଇ ନ ଥିବ । ଲକ୍ଷ ଲକ୍ଷ ଡଲାରର ଭବନଗୁଡିକ ଏବଂ ବିଷୟଗୁଡିକ ନିର୍ମାଣ କରୁଛନ୍ତି ଏବଂ ପ୍ରଭୁଙ୍କ ଆଗମନ ବିଷୟ ପାଖେଇ ଆସୁଥିବାର ପ୍ରଚାର କରୁଥାନ୍ତି । "'ଧନୀ,' ଏବଂ କୁହନ୍ତି, 'ମୋର କିଛି ଅଭାବ ନାହିଁ ।'" ସେମାନଙ୍କଠାରେ ସର୍ବଶ୍ରେଷ୍ଠ ଶିକ୍ଷିତ ପ୍ରଚାରକଗଣ ଅଛନ୍ତି ଯାହାକି କେବେ ରହିଥିଲେ, ଅପେକ୍ଷାକୃତ ଅଧିକ ଧର୍ମଶାସ୍ତ୍ର ଜାଣନ୍ତି ଯାହାକି ସେମାନେ କେବେ ଜାଣିଥିଲେ । ଏବଂ ସେମାନଙ୍କ ପାଖରେ ସବୁଠୁ ବଡ ଭବନମାନ, ସହରର ସର୍ବୋତ୍ତମ ମନୋନୀତ ସ୍ଥାନଗୁଡିକ ରହିଅଛି । ସେମାନଙ୍କ ପାଖରେ ଯାହା କରିବାକୁ ଇଚ୍ଛା ତାହା କରିବା ପାଇଁ ଅଧିକାର ରହିଅଛି । ଏବଂ ତାହାପରେ ସେମାନେ କଅଣ କଲେ? ଆତ୍ମିକ ବିସ୍ମୃତିରେ ଗ୍ରସିତ ହୋଇଗଲେ ଏବଂ ଭୁଲି ଗଲେ ଯେ ଏହା ପରମେଶ୍ୱର ହିଁ ଥିଲେ ଯିଏକି ସେମାନଙ୍କ ପାଇଁ ତାହା କରିଥିଲେ, ଠିକ୍ ଯେପରିକି ଇସ୍ରାଏଲ୍ ସହିତ କରିଥିଲେ ।

141 ଏବଂ ବାଇବଲ ଭବିଷ୍ୟତ୍‌ବାଣୀ କରିଥିଲା, ଯୀଶୁ ଖ୍ରୀଷ୍ଟ ଆପଣା ଦୂତଙ୍କୁ ଯୋହନଙ୍କ ନିକଟକୁ ପଠାଇ କହିଥିଲେ, ଏହି ଶେଷ ମଣ୍ଡଳୀ ଯୁଗରେ ଏହି ଆତ୍ମିକ ବିସ୍ମୃତି ରହିବ । ସେମାନେ "ଦୁର୍ଭାଗା" ଥିଲେ, ମନେରଖନ୍ତୁ । ସେମାନେ ଭାବନ୍ତି ଯେ ସେମାନେ ବଡ଼ ଅଟନ୍ତି । ସେମାନେ ଭାବନ୍ତି ଯେ ସେମାନଙ୍କ ପାଖରେ କିଛି ଅଛି । ମାତ୍ର ସେ କହିଥିଲେ ଯେ ସେମାନେ "ଦୁର୍ଭାଗା, ଦୀନହୀନ, ଦରିଦ୍ର, ଅନ୍ଧ, ଉଲଙ୍ଗ, ଏବଂ ତାହା ଜାଣନ୍ତି ନାହିଁ ।" ଏବଂ ସେମାନଙ୍କୁ ତାହା ଜଣାଇବାର କୌଣସି ଉପାୟ ନାହିଁ ।

142 ତେବେ, ଯଦି ଜଣେ ବ୍ୟକ୍ତି ଏଠାରେ ବାହାରେ ରାସ୍ତାରେ, ନିନ୍ଦିତ ଭାବରେ ରହିଥାନ୍ତି,

କିମ୍ବା ଜଣେ ସ୍ତ୍ରୀଲୋକ, ରାସ୍ତାରେ, ଉଲଙ୍ଗ, ଅନ୍ଧ ଥାଆନ୍ତି, ତାହାହେଲେ ସେହିପରି ଅବସ୍ଥାରେ ରହିବା ଏକ ଦୁଃଖଦ ଅବସ୍ଥା ହେବ। ମାତ୍ର ତାହାପରେ ଯଦି ସେମାନଙ୍କର ସଠିକ୍ ମନ ଥାଆନ୍ତା, ସେମାନେ ଏହା ଜାଣିଥାଆନ୍ତେ ଯେ ସେମାନେ କିଏ ଅଟନ୍ତି, ଯେ ସେମାନେ ଜଣେ ମଣିଷ ଅଟନ୍ତି, ଏବଂ ସେମାନେ ପୋଷାକ ପିନ୍ଧିବା ଉଚିତ୍; ତେବେ, ଆପଣ ସେଠାକୁ ଯାଆନ୍ତୁ; ସେମାନେ—ସେମାନେ ମଣିଷ ଅଟନ୍ତି, ମାନବ ଜାତି ସହିତ ଚିହ୍ନିତ ହେବା ଉଚିତ୍; ଏବଂ ସେଠାରେ ବାହାରେ, "ଦୁର୍ଭାଗା, ଦୀନହୀନ, ଅନ୍ଧ, ଏବଂ ଉଲଙ୍ଗ" ଅଟନ୍ତି। ଏବଂ ଆପଣ ତାଙ୍କ ପାଖକୁ ଯାଇ, କୁହନ୍ତି, "ଭାଇ, ଆପଣ ଉଲଙ୍ଗ ଅଟନ୍ତି।"

143 "ତେବେ, ଏଠାରେ! ମୁଁ ଡାକ୍ତର *ଅମୁକ-ଓ-ଅମୁକ*! ତୁମେ କେବଳ ନିଜର କାମ ପ୍ରତି ଧ୍ୟାନ ଦିଅ। ମୁଁ ତୁମକୁ କହୁଛି, ମୁଁ *ଅମୁକ-ଓ-ଅମୁକ* ସହିତ ସମ୍ପୃକ୍ତ ଅଟେ! *ତୁମର* ଏଠାରେ ମୋତେ କିଛି କହିବାର, କୌଣସି କାମ ନାହିଁ, ହେ ପବିତ୍ର ଧର୍ମ ପାଗଳ!" [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

144 ସେମାନଙ୍କୁ କୁହନ୍ତୁ, "ମଣିଷ ନିମନ୍ତେ ଏହା କରିବା ଭୁଲ୍ ଅଟେ, ଏବଂ ଲୋକମାନଙ୍କ ନିମନ୍ତେ ତାହା କରିବା ଭୁଲ୍ ଅଟେ ଯାହା ସେମାନେ କରୁଛନ୍ତି।"

145 ଏବଂ ସେମାନେ ଆପଣଙ୍କୁ ଜଣାଇ ଦେବେ ଯେ ସେମାନଙ୍କର ପ୍ରଚାରକ ବ୍ୟାପକ-ଚିନ୍ତାଧାରା ବିଶିଷ୍ଟ ଅଟନ୍ତି। ବୁଝିଲେ? ଏହା କଅଣ ଅଟେ? ଏହା ତ, ସେମାନେ ପ୍ରଭୁ ଯୀଶୁଙ୍କ ଆଜ୍ଞାଗୁଡିକୁ ଭୁଲି ଯାଇଛନ୍ତି। ତେବେ ତାହାଙ୍କୁ ଆସିବାକୁ ଦିଅନ୍ତୁ ଏବଂ ଏକ ଚିହ୍ନ ଏବଂ ଆଶ୍ଚର୍ଯ୍ୟକର୍ମ କରିବାକୁ ଦିଅନ୍ତୁ ଯାହା ସେ କରିବେ ବୋଲି କହିଥିଲେ, ସେମାନେ ତାହା ବିଶ୍ୱାସ କରିବାକୁ ଚାହିଁବେ ନାହିଁ। ଏହା ଆତ୍ମିକ ବିସ୍ମୃତି ଅଟେ। ଦେଖନ୍ତୁ, ସେମାନେ ଭୁଲି ଯାଇଛନ୍ତି! ଏବଂ ସେମାନେ ଉଲଙ୍ଗ ଅଟନ୍ତି, ଏବଂ ଏହା ଜାଣନ୍ତି ନାହିଁ, ଏହା ଅନୁଭବ କରନ୍ତି ନାହିଁ।

146 ସେମାନେ ଭାବନ୍ତି, "କେବଳ ଯେହେତୁ ମୁଁ ମଣ୍ଡଳୀରେ ସମ୍ପୃକ୍ତ ଅଟେ, ତାହାହିଁ ସବୁ ଯାହାକି ଆବଶ୍ୟକ ଅଟେ।" ଓଃ, ଭାଇ, ପରମେଶ୍ୱରଙ୍କ ପାଇଁ ଏହାର ଅର୍ଥ ଗୋଟିଏ ପ୍ରାସାଦ କିମ୍ବା ଅନ୍ୟ କୌଣସି ଜିନିଷ, ଅନ୍ୟ କୌଣସି ପାନ୍ଥଶାଳା ହେବା ଛଡା ଆଉ ଅଧିକ କିଛି ନୁହେଁ। ମଣ୍ଡଳୀରେ ସମ୍ପୃକ୍ତ ହେବା, ତାହାର ଅର୍ଥ ପରମେଶ୍ୱରଙ୍କ ପାଇଁ କୌଣସି କିଛି ନୁହେଁ।

147 ଆପଣଙ୍କୁ ତ ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ହେବାକୁ ଅଛି। ଆପଣଙ୍କୁ ତ ପରମେଶ୍ୱରଙ୍କଠାରୁ ଜନ୍ମ ହେବାକୁ ଅଛି, ଏବଂ ପରମେଶ୍ୱର ବାକ୍ୟ ଅଟନ୍ତି। ଯେତେବେଳେ ମୁଁ ମୋ ବାପାଙ୍କର ଅଂଶ ହୋଇଯାଏ, ମୁଁ ମୋର ପିତାଙ୍କର ସବୁକିଛି ହୋଇ ଯାଇଥାଏ। ଯେତେବେଳେ ଆପଣ ପରମେଶ୍ୱରଙ୍କ ଅଂଶ ହୋଇଯାଆନ୍ତି, ଆପଣ ପୂର୍ଣ୍ଣ ଭାବରେ, ପରମେଶ୍ୱର ହୋଇଯାଆନ୍ତି। ତାହାଙ୍କର ସମ୍ପୂର୍ଣ୍ଣ ବାକ୍ୟ, ଆପଣ ଏହାର ସବୁକିଛିକୁ ବିଶ୍ୱାସ କରନ୍ତି।

ଆତ୍ମିକ ବିସ୍ମୃତି!

148 କଅଣ ହେବ ଯଦି ଆପଣ ଏହା ଜାଣନ୍ତି ନାହିଁ ଯେ ଆପଣଙ୍କର ନାମ କଅଣ ଅଟେ ଯାହାକି ତାହା ଥିଲା? ଏବଂ ଯଦି ଆପଣ, ଆପଣ ଏକ ଭଲ ପରିବାରରୁ ଆସିବେ, ଯାହାକି ମୁଁ ଆଶା କରେ ଯେ ଆପଣ ଅଟନ୍ତି, ଯଦି ଆପଣ ଲୋକମାନଙ୍କର ଏକ ଭଲ ପରିବାରରୁ ଆସିଥାନ୍ତି, ଏବଂ କଅଣ ହେବ ଯଦି ଆପଣ ପରିବାରର ନାମ ଭୁଲିଯାଆନ୍ତି, ଏବଂ ଆପଣ ଏଠାରେ ଯାଇ, ନିନ୍ଦାଜନକ ଜୀବନଯାପନ କରନ୍ତି? ସେମାନେ କୁହନ୍ତି, "କଅଣ ଆପଣଙ୍କର ନାମ ଜୋନ୍‌ସ ନୁହେଁ କି," କିମ୍ବା ଏହା ଯାହା କିଛି ବି ଥିଲା । "ତେବେ, ମୁଁ ଜାଣେ ନାହିଁ ମୁଁ କିଏ ଅଟେ ।" ବୁଝିଲେ? ଠିକ୍ ଅଛି, ଦେଖନ୍ତୁ, ତାହା ହେବା ଏକ ଭୟଙ୍କର ବିଷୟ ଅଟେ, ସେହି ଅବସ୍ଥାକୁ ଯିବା ଏକ ଭୟଙ୍କର ଅଟେ ।

149 ତେବେ, ତାହାହିଁ ସେହି ଅବସ୍ଥାକୁ ଅଟେ ଯେଉଁଥିରେ ମଣ୍ଡଳୀ ଚାଲି ଯାଇଅଛି । ଏହା ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିନିଧିତ୍ୱ କରିବା ଉଚିତ । ମାତ୍ର ଏହା ସେହି ବିଷୟ ଭୁଲି ଯାଇଅଛି, କାରଣ ଏହା ସେଥିରେ, ଏଥିରେ ଧର୍ମମତ ଏବଂ ନାମଧାରୀ ବିଷୟଗୁଡିକ, ମିଶାଇ ଦିଆଯାଇଛି, ଯାହା ସେମାନେ ବାକ୍ୟ ବଦଳରେ ଗ୍ରହଣ କରି ନେଇଅଛନ୍ତି । "ଏବଂ ସେମାନେ ଉଲଗ୍ନ, ଅନ୍ଧ, ଦୁର୍ଭାଗା ଅଟନ୍ତି, ଏବଂ ତାହା ଜାଣନ୍ତି ନାହିଁ," ଏବଂ ସେମାନଙ୍କୁ କହିବାର କୌଣସି ଉପାୟ ସୁଦ୍ଧା ନାହିଁ ।

150 ମୁଁ ହୁଏତ ଆଉ ବର୍ମିଂହାମକୁ ଆସି ନ ପାରେ, ମାତ୍ର ଏହା ସେହି ଥରକ ଅଟେ ଯେତେବେଳେକି ସେମାନେ ଏହା ଶୁଣିବାକୁ ଯାଉଛନ୍ତି । ବୁଝିଲେ? ବୁଝିଲେ? ଠିକ୍ ଅଛି । ମୁଁ ତ କେବଳ...ମୁଁ ତ କେବଳ ବିହନ ବୁଣିବା ଛଡା ଆଉ କିଛି ପାଇଁ ଦାୟୀ ନୁହେଁ । ପରମେଶ୍ୱର ହିଁ ଏହାକୁ ସେହି ଭୂମି ପ୍ରତି ନିର୍ଦ୍ଦେଶ କରନ୍ତି ଯେଉଁଠାକୁ ଏହା ଯିବା ଉଚିତ୍ ।

151 ଭୁଲିଗଲେ, ହଁ, ସେମାନେ ପ୍ରତିଜ୍ଞାର ବାକ୍ୟକୁ ଭୁଲିଗଲେ । ସେମାନେ ଭୁଲିଗଲେ । ଯେତେବେଳେ ଯୀଶୁ ଆସିଥିଲେ ଇସ୍ରାଏଲ୍ ସେତେବେଳେ ସେହି ପ୍ରକାରର ଏକ ସ୍ଥିତିରେ ଥିଲା । ଏହା ଭୁଲି ଯାଇଥିଲା । ସେମାନେ ଦେଖିଲେ, ଓଃ, ସେମାନେ କହିଥିଲେ ଯେ ସେମାନେ ବିଶ୍ୱାସ କରନ୍ତି ଯେ ଜଣେ ଖ୍ରୀଷ୍ଟ ଆସୁଅଛନ୍ତି । ମାତ୍ର ଯେତେବେଳେ ଖ୍ରୀଷ୍ଟ ଆସି ନିଜକୁ ବାକ୍ୟ ଦ୍ୱାରା ଚିହ୍ନିତ କରାଇଲେ, ସେମାନଙ୍କର ଏତେ ପରମ୍ପରାଗୁଡିକ ରହିଥିଲା ଯେ ଏପରିକି ସେମାନେ ପରମେଶ୍ୱରଙ୍କ ବାକ୍ୟକୁ ପ୍ରଭାବହୀନ କରି ଦେଇଥିଲେ ।

152 ଏବଂ ଠିକ ଶେଷ ସମୟ ପୂର୍ବରୁ, ଯୀଶୁ ପ୍ରତିଜ୍ଞା କରିଥିଲେ, "ଯେପରି ଏହା ସଦୋମ୍‌ରେ ହୋଇଥିଲା, ଠିକ ସେହିପରି ହେବ ।" ଏବଂ ଏହା ଚିହ୍ନିତ କରାଯିବ, ଏବଂ ଲୋକମାନେ ଏତେ ପାରମ୍ପାରିକଭୁକ୍ତ ଅଟନ୍ତି ଯେ ଏପରିକି ସେମାନେ ତାଙ୍କର ପରମ୍ପରା ଯୋଗୁଁ, ପରମେଶ୍ୱରଙ୍କ ବାକ୍ୟକୁ ପ୍ରଭାବହୀନ କରି ଦେଇଅଛନ୍ତି । ଆତ୍ମିକ ବିସ୍ମୃତି! ଆତ୍ମିକ ବିସ୍ମୃତି ହିଁ ଅବିକଳ ତାହା ଅଟେ ଯାହାକି ଏହା ଅଟେ । ଦେଖନ୍ତୁ, ସେମାନେ ଏହିସବୁ ବିଷୟ ଭୁଲି ଯାଇଛନ୍ତି ।

153 "ଓଃ, ମୁଁ *ଏହା* ସହିତ ସମ୍ପୃକ୍ତ ଅଟେ । ମୁଁ—ମୁଁ *ଏହା* କରିଅଛି । ମୁଁ ଆତ୍ମାରେ ନାଚି ଅଛି । ମୁଁ *ଏହା* କରିଅଛି ।" ତେବେ, ମୋର ପ୍ରଭୁ, ମୋର ପ୍ରଭୁ, ଏହାର ତାହା ସହିତ କୌଣସି ସମ୍ପର୍କ

ନାହିଁ, ଆଦୌ କିଛି ନାହିଁ ।

154 ଆପଣ କିପରି ଜଣେ ଖ୍ରୀଷ୍ଟିଆନ ହୋଇ ବାକ୍ୟକୁ ଅସ୍ୱୀକାର କରିପାରନ୍ତି? ଆପଣ ତାହା କରିପାରନ୍ତି ନାହିଁ । ପରମେଶ୍ୱର ହେଉଛନ୍ତି ବାକ୍ୟ । ଯଦି ବାକ୍ୟ ଆପଣଙ୍କ ଭିତରେ ଅଛି, ତାହାହେଲେ ଆପଣ ଏବଂ ବାକ୍ୟ ସମାନ ଅଟନ୍ତି । ବାକ୍ୟ ଯାହା ସବୁକିଛି ଅଟେ, ଆପଣ ତାହା ଅଟନ୍ତି । ଆମେନ୍ । ଯଦି ମୁଁ ଏହି ପୀଢ଼ୀରେ ବାସ କରୁଥାଏ, ତାହାହେଲେ ବାକ୍ୟର ଏହି ଅଂଶ ଯାହା ଏହି ପୀଢ଼ୀ ପାଇଁ ପ୍ରତିଜ୍ଞା କରିଅଛି, ମୋତେ ତାହା ହେବାକୁ ଅଛି । ଯଦି ମୁଁ ଜଣେ ଖ୍ରୀଷ୍ଟିଆନ ହେବାକୁ ଯାଉଅଛି, ତାହାହେଲେ ମୋତେ ସେସମସ୍ତ ବିଷୟ ସହିତ ଚିହ୍ନିତ ହେବାକୁ ଅଛି ଯାହା ବାଇବଲ ପ୍ରଚାର କରିଥାଏ ଏବଂ ସପକ୍ଷରେ ଛିଡା ହୋଇଥାଏ ।

155 ହାଲ୍ଲେଲୁୟା! ମୋତେ ଯେକୌଣସି ପ୍ରକାରେ ବି, ଏକ ପବିତ୍ର ଧର୍ମ ପାଗଳ ବୋଲି କହିବାକୁ ଯାଉଅଛନ୍ତି, ଆଉ ମୁଁ ବର୍ତ୍ତମାନ ନିଜକୁ ବହୁତ ଧାର୍ମିକ ଅନୁଭବ କରୁଅଛି । ହଁ, ଆଜ୍ଞା ।

156 ମୋତେ ସେସମସ୍ତ କିଛି ବିଷୟ ସହିତ ଚିହ୍ନିତ ହେବାକୁ ଅଛି ଯାହା ବାଇବଲ ଦାବୀ କରିଥାଏ । ଏବଂ ଏହା ତାର ଦାବୀଗୁଡିକୁ ପ୍ରଦାନ କରେ, ଏବଂ, ଯଦି ମୁଁ ଏହି ଆଧୁନିକ-ଦିନର ଆତ୍ମିକ ବିସ୍ମୃତି ସହିତ ଆଘାତ ହୋଇ ନ ଥାଏ, ତାହାହେଲେ ମୁଁ ଏହା ହୋଇଯିବି ଏବଂ ଏହା ସହିତ ଚିହ୍ନିତ ହୋଇପାରେ । ଯଦି ମୁଁ ଏହାକୁ ଅସ୍ୱୀକାର କରେ, ତେବେ ମୁଁ ଆତ୍ମିକ ବିସ୍ମୃତିରେ ଗ୍ରସିତ ଅଟେ; କିଛି ଗୋଟାଏ ଘଟିଥାଏ, ମୁଁ ଏକ ଧର୍ମମତ କିମ୍ବା ଏକ ଶିକ୍ଷା, କିଅବା କୌଣସି ମଣ୍ଡଳୀ କିମ୍ବା ମନୁଷ୍ୟର ଏକ ଗୋଷ୍ଠୀକୁ ଗ୍ରହଣ କରିଅଛି । “ମୁଁ ଏହା କରିପାରେ ନାହିଁ,” ଯେତେବେଳେକି ତଥାପି ସୁଦ୍ଧା ବାକ୍ୟ ଆସେ ଏବଂ ଆପଣାକୁ ଚିହ୍ନିତ କରିଥାଏ ।

157 ସେଇଥି ଯୋଗୁଁ ଯୀଶୁଙ୍କୁ ଚିହ୍ନିତ କରାଯାଇ ନ ଥିଲା । “ଓଃ,” ସେମାନେ କହିଲେ, “ତେବେ, ଏହି ବ୍ୟକ୍ତି ପବିତ୍ର ଅଟନ୍ତି, ଏବଂ ଆମର ପବିତ୍ର ଯାଜକ, ଆମର ପବିତ୍ର *ଏହା* ।”

158 ଯୀଶୁ କହିଲେ, “ତୁମେ ତୁମର ପିତା, ଶୟତାନର ଅଟ, ଏବଂ ତାର କାର୍ଯ୍ୟଗୁଡ଼ିକ ତୁମେ କରିବ ।”

159 କଅଣ ଆପଣ ଜାଣିଛନ୍ତି କି କୟିନ ମଧ୍ୟ, ଏକ ଉତ୍ତମ ବଳିଦାନ ସ୍ୱରୂପେ ଉତ୍ସର୍ଗ କରିଥିଲେ? ସେ ନିଷ୍ଠାବାନ ଥିଲେ, ଏକ ଯଜ୍ଞବେଦୀ ନିର୍ମାଣ କରିଥିଲେ, ଆଣ୍ଠୁମାଡ଼ି ଉପାସନା କରିଥିଲେ, ଏବଂ ଏକ ବଳି ଉତ୍ସର୍ଗ କରିଥିଲେ, ଏବଂ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏବଂ ଯଦି, ପରମେଶ୍ୱର, ତାହା ହିଁ ସବୁକିଛି ଥିଲା ଯାହାକି ପରମେଶ୍ୱର ଆବଶ୍ୟକ କରନ୍ତି, ଯେ ଆପଣ ଗୋଟିଏ ମଣ୍ଡଳୀରେ ସମ୍ପୃକ୍ତ ହୁଅନ୍ତୁ ଏବଂ ଏକ ଯଜ୍ଞବେଦୀ ନିର୍ମାଣ କରନ୍ତୁ, ଏବଂ ନିଜର ଦଶମାଂଶ ଦିଅନ୍ତୁ ଏବଂ ମଣ୍ଡଳୀକୁ ଯାଆନ୍ତୁ, ଏବଂ ଏକ ଉତ୍ତମ ଜୀବନଯାପନ କରନ୍ତୁ; ଯଦି ତାହାହିଁ ସବୁକିଛି ଥିଲା ଯାହା ସେ ଆବଶ୍ୟକ କରନ୍ତି, ତାହାହେଲେ ସେ କୟିନଙ୍କୁ ନିନ୍ଦା କରିବାରେ ଅନ୍ୟାୟ କରିଥିଲେ, କାରଣ ସେ ମଧ୍ୟ ସେହି ସମାନ କାର୍ଯ୍ୟ କରିଥିଲା । ହଁ, ଆଜ୍ଞା । ତାହା ଅବିକଳ ଠିକ୍ ଅଟେ ।

160 ମାତ୍ର *ଧର୍ମ*ର ଅର୍ଥ “ଏକ ଆବରଣ” ଅଟେ, ଏବଂ ଆପଣ ଆପଣଙ୍କର ନିଜର ଉତ୍ତମ କର୍ମଗୁଡିକ ଦ୍ୱାରା ଆବୃତ ହୋଇପାରନ୍ତି ନାହିଁ। କେବଳ ଗୋଟିଏ ବିଷୟ ଅଛି ଯାହାକି ପରମେଶ୍ୱର ଗ୍ରହଣ କରିବେ, ଏବଂ ତାହା ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ। ତାହାହିଁ ହେଉଛି ଏକମାତ୍ର ଆବରଣ। ତାହାର ବାହାରେ, ଯଦି ଆପଣ କହିବେ, “ବିଶ୍ୱାସମତ ପାଳନ କର,” ଆତ୍ମିକ ବିସ୍ମୃତି! ତାହା ହିଁ ଅଟେ ଯାହାକି ଘଟିଥିଲା।

161 ତେବେ ଧ୍ୟାନ ଦିଅନ୍ତୁ, ସେମାନେ ସେମାନଙ୍କର ବାକ୍ୟକୁ ଭୁଲି ଯାଇଛନ୍ତି। ସେମାନେ ବାଇବଲକୁ ଭୁଲି ଯାଇଛନ୍ତି। ସେମାନେ ପ୍ରତିଜ୍ଞାକୁ ଭୁଲି ଯାଇଛନ୍ତି। ସେମାନେ ସେହି ବିଷୟର ଏକ ଚମକରେ ବାସ କରିବାକୁ ଚେଷ୍ଟା କରୁଛନ୍ତି ଯାହାକି ମେଥୋଡିଷ୍ଟ ଥିଲା, ଯାହାକି ବାପ୍‌ଟିଷ୍ଟ ଥିଲା, ଯାହାକି ଅନ୍ୟ କେହି ଥିଲା। ଏଠାରେ ସେହି ଦିନର ପ୍ରତିଜ୍ଞା ଅଛି, ଏବଂ ପରମେଶ୍ୱର ଏହାକୁ ଆପଣା ବାକ୍ୟ ମାଧ୍ୟମରେ କହୁଛନ୍ତି, ଏବଂ ପୁନର୍ବାର ସୁନିଶ୍ଚିତ କରୁଛନ୍ତି ଏବଂ ତାହାହିଁ ଅଟେ ବୋଲି ପ୍ରମାଣ କରୁଛନ୍ତି, ଏବଂ ସେମାନେ ତଥାପି ଏହାକୁ ବିଶ୍ୱାସ କରନ୍ତି ନାହିଁ। ଆତ୍ମିକ ବିସ୍ମୃତି! ତାହା ଅବିକଳ ଠିକ୍ ଅଟେ। ସମୁଦାୟ, ସମଗ୍ର ବିସ୍ମୃତିପ୍ରାପ୍ତ ବ୍ୟକ୍ତିମାନେ, ଏହାକୁ ଆଦୌ ବିଶ୍ୱାସ କରନ୍ତି ନାହିଁ।

162 ଜଣେ ଫରାସୀ ସୈନିକ। ମୋତେ ଏକ ଛୋଟ କାହାଣୀ କୁହା ଯାଇଥିଲା; ଏହା ପୂର୍ବେକି ଆମେମାନେ ଶେଷ କରୁ। ମୁଁ ଜାଣି ନ ଥିଲି ଯେ ଏହା ସେତିକି ବିଳମ୍ବ ଥିଲା, ଏବଂ ମୋ ପାଖରେ ଏଠାରେ ପ୍ରାୟଃ ଦଶ ପୃଷ୍ଠାର ଲେଖନୀ ବାକି ଅଛି; ଏହାକୁ ଅନ୍ୟ ସମୟରେ ନେବା। ଧ୍ୟାନ ଦିଅନ୍ତୁ, ଜଣେ ଫରାସୀ ସୈନିକ। ସେମାନେ ସେନାବାହିନୀରୁ ଦଳେ ସୈନିକ ନେଇଥିଲେ, ଏବଂ ସେମାନଙ୍କର ଏହି ବିସ୍ମୃତି ରୋଗ ହୋଇଥିଲା। ଯୁଦ୍ଧରେ, ଏହା ଆଘାତ ଯୋଗୁଁ ହୋଇଥିଲା। ଏବଂ ସେମାନଙ୍କର ଏକ କାର୍ଯ୍ୟକ୍ରମ ରହିଥିଲା, ଏବଂ ସେମାନେ—ସେମାନେ ସେହି ଲୋକମାନଙ୍କୁ ଡାକିଥିଲେ ଯେଉଁମାନେକି ପ୍ରିୟଜନମାନଙ୍କୁ ହରାଇଥିଲେ ଓ ଫୋନ୍ ଯୋଗେ ଏହି ସୈନିକମାନଙ୍କ ସହ କଥା କରାଇଥିଲେ ଏବଂ ଦେଖୁଥିଲେ କାଳେ ସେମାନେ ଯଦି ଏହି ବାଳକମାନଙ୍କୁ ଚିହ୍ନି ପାରିବେ କି ନାହିଁ। ସେମାନଙ୍କ ପାଇଁ କୌଣସି ଆଶା ନ ଥିଲା, ହୋଇପାରେ ଏଥିରୁ, ଜଣେ ବା ବା ଦୁଇ ଜଣ, ଏହାକୁ ଧରି ଥିଲେ। ଏବଂ ତାହାପରେ ସେମାନେ ବାକି ସମସ୍ତଙ୍କୁ ନେଇ ଯାଇଥିଲେ, ସେମାନେ ସେମାନଙ୍କୁ ଚିକିତ୍ସାଧିନ ଏକ ଘରେ ରଖିବାକୁ ଯାଉଥିଲେ, ଯେଉଁଠାରେକି ସେମାନଙ୍କୁ ତାଙ୍କର ସାରା ଜୀବନ ରହିବାକୁ ପଡିଥିଲା।

163 ସେମାନେ ପାହାଡ ପାର୍ଶ୍ୱ ଦେଇ ଉପରକୁ ଯାଉଥିଲେ, ଟ୍ରେନ୍ ଟାଣୁଥିଲା; ଏବଂ ସେମାନେ ଏକ ଷ୍ଟେସନରେ ଅଟକି ଗଲେ, ସେହି ବାଳକମାନଙ୍କୁ ବାହାରକୁ ବାହାରି ସେମାନଙ୍କର ଗୋଡକୁ ଆରାମ କରିବାକୁ ଦେଇଥିଲେ। ଏବଂ ଆରକ୍ଷୀମାନେ ସେମାନଙ୍କ ଉପରେ ନଜର ରଖିବା ନିମନ୍ତେ, ପାହାଡ ଉପରକୁ ଚଢିଥିଲେ, କାରଣ ବିସ୍ମୃତିର ରୋଗ ସହିତରେ, କାହିଁକି, ସେମାନଙ୍କୁ—ସେମାନଙ୍କୁ ତ ସେମାନଙ୍କ ଉପରେ ନଜର ରଖିବାକୁ

ପଡ଼ୁଥିଲା।

164 ତେଣୁ ସେମାନେ ସେଠାରେ ଜଣେ ଯୁବା ବ୍ୟକ୍ତିଙ୍କୁ ଦେଖିଲେ, ସେ ବାହାରକୁ ବାହାରିଲା ଏବଂ ସେହି ପାଣି ଟାଙ୍କିର ଚାରି ପାଖରେ ଦେଖିବାକୁ ଆରମ୍ଭ କଲା, ପାହାଡର ସବୁ ଆଡେ ଚାରିପାଖକୁ ଚାହିଁଲା। ସେ ନିଜର ମୁହଁକୁ ପୋଛିଲା, ଏବଂ ସେ ଅଧ୍ୟୟନ କଲା। ଏବଂ ସେ ପୁଣି ଥରେ ଚାହିଁଲା, ଏବଂ ସେ ସେହି ପାଣି ଟାଙ୍କିକୁ ଦେଖିଲା। ସେ ସେହି ଷ୍ଟେସନର ଚାରିପାଖକୁ ଚାହିଁଲା, ଏବଂ ସେ ଚାଲିବାକୁ ଆରମ୍ଭ କଲା। ଆରକ୍ଷୀ ତାକୁ ଅଟକାଇବା ପରିବର୍ତ୍ତେ, ସେ ତାର ପଛେ ପଛେ ଚାଲିଲେ।

165 ସେ ପାହାଡ ଉପରକୁ ଗଲା, ଗୋଟିଏ ଛୋଟ ରାସ୍ତା ଦେଇ, ଡାହାଣ ପଟକୁ ବୁଲି ପଡ଼ିଲା ଓ ଅନ୍ୟ ଏକ ଛୋଟ ପାହାଡ ଉପରକୁ ଗଲା, ଏବଂ ଗୋଟିଏ ଛୋଟ କାଠ କୁଡିଆ ଘରକୁ ଆସିଲା। ସେ ଅନାଇଲା। ଜଣେ ବୃଦ୍ଧ ବ୍ୟକ୍ତି ତାର ହାତରେ ବାଡି ଧରି, ବାରଣ୍ଡାକୁ ବାହାରିଲେ, ଆସିଲେ ଓ ତାଙ୍କ ବାହୁକୁ ସେହି ବାଳକର ଚାରିଆଡେ ଦେଇ ଦେଲେ। କହିଲେ, "ମୋ ପୁଅରେ, ମୁଁ ଜାଣିଥିଲି ଯେ ତୁ ଫେରିବୁ। ସେମାନେ ମୋତେ କହିଲେ ଯେ ତୁ ମରି ଯାଇଛୁ, କିନ୍ତୁ ମୁଁ ଜାଣିଥିଲି ଯେ ତୁ ନିଶ୍ଚୟ ଫେରିବୁ।" ଏବଂ ସେହି ବାଳକଟି ତାର ଚେତା ଫେରି ପାଇଲା। ତାର ବିସ୍ମୃତି ରୋଗ ତାକୁ ଛାଡି ଚାଲିଗଲା। ସେ ଚିହ୍ନି ପାରିଲା ଯେ ସେ କିଏ ଥିଲା। ସେ ଜାଣି ପାଇଲା ଯେ ତାହା ତାଙ୍କର ପିତା ଥିଲେ।

166 ଓଃ, କ୍ରୁଶର ସୈନିକ, ଯିଏକି ଏତେ ଅଧିକ ପ୍ରଶିକ୍ଷଣ ଯୋଗୁଁ ଆଘାତପ୍ରାପ୍ତ ହୋଇ ଯାଇଅଛ, ନାମଧାରୀ ସଂସ୍ଥା ଏବଂ ବିଶ୍ୱାସମତର, ଏବଂ ଜଗତର ବିଷୟଗୁଡିକରେ ଏତେ ଅଧିକ ଆଘାତପ୍ରାପ୍ତ, ଆପଣମାନେ କାହିଁକି ଅଳ୍ପ କିଛି ମିନିଟ୍ ପାଇଁ ଅଲଗା ହୋଇ ବାଇବଲକୁ ଚାରିଆଡେ ଦେଖିବାକୁ ଯାଉ ନାହାଁନ୍ତି? ହୁଏତ ଏଣେ ତେଣେ ଦରାଣ୍ଡି ହେବାକୁ ପଡିପାରେ, ଏବଂ ଆପଣ ହୁଏତ ଏହି ଦିନଗୁଡିକ ମଧ୍ୟରୁ ଗୋଟିଏ ଦିନ, ଆପଣାକୁ ବାକ୍ୟରେ, ଜଣେ ବିଶ୍ୱାସୀ ଭାବରେ ଚିହ୍ନିତ ହେବାର ପାଇପାରନ୍ତି। ଆପଣ ହୁଏତ ତାଙ୍କୁ ଜାଣି ନ ଥାଇପାରନ୍ତି। ହୋଇପାରେ ଯେ ଆପଣ ନିଜର ଚେତାକୁ ଫେରି ପାଇବେ, ଯେପରିକି ଅପବ୍ୟୟ ପୁତ୍ର ପାଇଥିଲା, ଏବଂ ନିଜକୁ ଖୋଜିପାଇବେ। ହୋଇପାରେ ଯେ ଆପଣ ପରମେଶ୍ୱରଙ୍କ ବାକ୍ୟରେ ନିଜର ପରିଚୟକୁ ଖୋଜି ପାଇପାରିବେ।

167 ଅଳ୍ପ କିଛି ଦିନ ପୂର୍ବେ, ଅନ୍ୟ ଏକ ଦିନ, କେହି ଜଣେ କହିଥିଲା, କହିଲେ, "ମାତ୍ର, ଭାଇ ବ୍ରାନହାମ୍, ଆମେ ପେଣ୍ଟିକଷ୍ଟାଲ୍ ଲୋକମାନଙ୍କୁ ଦେଖନ୍ତୁ, ଆମର କେତେ ଉତ୍ତମ ଗୀର୍ଜାଘରଗୁଡିକ ଅଛି। କାହିଁକି, ଆମର, ଆମ ପାଖରେ ତ ପ୍ରଶିକ୍ଷିତ ସେବକଗଣ ଅଛନ୍ତି।"

168 ଶୁଣନ୍ତୁ, ଯେତେବେଳେ ଜଣେ ପୁରୁଷ ଏକ ପତ୍ନୀଙ୍କୁ ବିବାହ କରେ, ସେ ତାହାର ସୌନ୍ଦର୍ଯ୍ୟ ଉପରେ ଭରସା କରେ ନାହିଁ। ନା। ସେ ତ ତାର ଶପଥର ବିଶ୍ୱସ୍ତତା ଉପରେ, ତାର କଥା ଉପରେ ଭରସା କରେ। ସେ ତାର ସୌନ୍ଦର୍ଯ୍ୟ ଉପରେ ଭରସା କରେ ନାହିଁ। ସେ ତ ତାର ବିଶ୍ୱସ୍ତତା ଉପରେ ଭରସା କରେ।

169 ଏବଂ ଠିକ ସେହି ଉପାୟରେ ଯେତେବେଳେ ଆପଣ ପରମେଶ୍ୱରଙ୍କୁ ବିବାହ କରନ୍ତି, ଆପଣ ନିର୍ମାଣ କରି ପାରୁଥିବା କୌଣସି ବଡ ସୁନ୍ଦର ଗୀର୍ଜାଘର ଉପରେ ଭରସା କରନ୍ତି ନାହିଁ, ମାତ୍ର ଯୀଶୁ ଖ୍ରୀଷ୍ଟ ଦେଇଥିବା ପ୍ରତିଜ୍ଞାରେ ଭରସା କରନ୍ତି, ଯଥା, "ମୁଁ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟେ।" କଅଣ ଆପଣ ତାହା ବିଶ୍ୱାସ କରନ୍ତି କି?

ଆସନ୍ତୁ ଅଳ୍ପ କିଛି ସମୟ ପାଇଁ ମସ୍ତକ ନତ କରିବା।

170 ମୁଁ ଆଶ୍ଚର୍ଯ୍ୟ କରେ ଯେ, ଆଜି ରାତି, ଏଠାରେ ଏହି ଭବନରେ ଯେଉଁଠାରେକି ଲୋକମାନେ ବସିଛନ୍ତି, ଯେଉଁଠାରେ ପୁରୁଷ ଏବଂ ମହିଳାମାନେ ଅଛନ୍ତି ଯେଉଁମାନେକି ଅନନ୍ତ ଅଟନ୍ତି, ଅନନ୍ତ-ଅଭିମୁଖେ ଲୋକମାନେ ଅଟନ୍ତି, ଏବଂ ଆପଣ ଜାଣନ୍ତି ଯେ କୌଣସି ଏକ ଦିନେ କିମ୍ବା ଅନ୍ୟ ଦିନେ ଆପଣମାନଙ୍କୁ ପରମେଶ୍ୱରଙ୍କୁ ଭେଟିବାକୁ ପଡ଼ିବ। ଏବଂ ମୁଁ ଆଶ୍ଚର୍ଯ୍ୟ କରେ ଯେ ଯଦି ଆପଣମାନଙ୍କଠାରେ ସେହି ବିସ୍ମୃତିର ଅଳ୍ପ ଏକ ନିଶ୍ୱାସ ରହିଅଛି କି, ଏବଂ ଆପଣ କରନ୍ତି…ଆପଣ ଭୁଲ ଜିନିଷରେ ଚିହ୍ନିତ ହୋଇଥାନ୍ତି, ଏବଂ ଆପଣ—ଆପଣ ଆଜି ରାତିରେ, ଏକ ପ୍ରକାର ଚାରି ପାଖରେ ଦରାଣ୍ଡି ହେବାକୁ ଚାହିଁବେ, ଏବଂ ଏହା ଜାଣିବାକୁ ଚାହିଁବେ ଯେ ଆପଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ଚିହ୍ନିତ ହୋଇପାରିବେ କି ନାହିଁ? କଅଣ ଆପଣ ନିଜର ହାତ ଉଠାଇ, ଏହା କହିବେ କି, "ମୋ ପାଇଁ ପ୍ରାର୍ଥନା କରିବେ, ଭାଇ ବ୍ରାନ୍‌ହାମ୍, ମୁଁ—ମୁଁ ଜଣେ ପ୍ରକୃତ ଖ୍ରୀଷ୍ଟିଆନ, ଜଣେ ପ୍ରକୃତ ବିଶ୍ୱାସୀ ଭାବରେ ଚିହ୍ନିତ ହେବାକୁ ଚାହେଁ।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଆପଣଙ୍କୁ ଆଶୀର୍ବାଦ କରନ୍ତୁ! ଓଃ, ହଁ, ସେପାଖ ଚାରିଆଡେ। ପ୍ରଭୁ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

171 ଉପରେ ବାଲକୋନୀରେ କେହି ଜଣେ, ଆପଣ କୁହନ୍ତୁ, "ଭାଇ, ମୁଁ ପ୍ରକୃତରେ ବିଶ୍ୱାସ କରେ ଯେ ତାହା ସତ୍ୟ ଅଟେ। ମୁଁ ବିଶ୍ୱାସ କରେ, ଯେ ଖ୍ରୀଷ୍ଟିଆନ ଭାବରେ, ଆମେମାନେ ସେହିପରି ଖ୍ରୀଷ୍ଟିଆନ ନୋହୁଁ ଯେପରି ସେମାନେ ଅନେକ ବର୍ଷ ପୂର୍ବେ ହେଉଥିଲେ।"

172 ଆପଣ ପେଣ୍ଟିକଷ୍ଟାଲ୍ ଲୋକମାନଙ୍କ ବିଷୟରେ କଅଣ, ଯେତେବେଳେ ଆପଣଙ୍କର ମାତା ଓ ପିତାମାନେ ଏଠାରେ ରାସ୍ତାରେ ଛିଡା ହୋଇ, ଏକ ପୁରୁଣା ବାଦ୍ୟଯନ୍ତ୍ରକୁ ବଜାଉଥିଲେ। ଏବଂ ଆପଣଙ୍କର ମାଆ, ତାଙ୍କୁ କିପରି କରିବାକୁ ପଡୁଥିଲା…ସେ କ୍ଳାନ୍ତ ହୋଇ ପଡୁଥିଲେ, ଏବଂ ଆପଣ ସାନ ସାନ ପିଲାମାନଙ୍କୁ ନେଇ ତାଙ୍କୁ ସଂଘର୍ଷ କରିବାକୁ ପଡୁଥିଲା। ବେଳେବେଳେ ଆପଣମାନଙ୍କୁ ବିନା ପୋଷାକରେ, ଏବଂ ଅନ୍ୟ ସମସ୍ତକିଛି ବିଷୟ ବିନା ଯିବାକୁ ପଡୁଥିଲା, ମାତ୍ର ବାପା ଓ ମାଆ ଖ୍ରୀଷ୍ଟଙ୍କୁ ଧରି ରଖିବାରେ, ସେହି କାରଣ ପ୍ରତି ବିଶ୍ୱସ୍ତ ରହିଥିଲେ।

173 ଦେଖନ୍ତୁ ଯେ ଆପଣ ପେଣ୍ଟିକଷ୍ଟାଲ୍ ଲୋକମାନେ କଅଣ କଲେ। ପଚାଶ ବର୍ଷ ପୂର୍ବେ, ଆପଣ ସଂଗଠନରୁ ବାହାରି ଆସିଥିଲେ। ତାହା ହିଁ ଆପଣଙ୍କୁ ପେଣ୍ଟିକୋଷ୍ଟ ବୋଲି କରିଥିଲା, ଆପଣ ନିଜକୁ ଅବିଶ୍ୱାସୀଠାରୁ ଅଲଗା କରିଥିଲେ। "ଏବଂ ଯେପରି ଗୋଟିଏ ଘୁଷୁରୀ ତାହାର

କାଦୁଅକୁ, ଏବଂ ଏକ କୁକୁର ତାହାର ବାନ୍ତିକୁ ଫେରିଯାଏ," ଆପଣ ଠିକ ସେହିପରି ଭାବରେ ପଛକୁ ଫେରି ଗଲେ ଏବଂ ସେହି ସମାନ କାର୍ଯ୍ୟକୁ କଲେ, ଠିକ ସେହି ସମାନ ପ୍ରକାରର ବିଶୃଙ୍ଖଳା କଲେ ଯେଉଁଥିରୁ ଆପଣ ବାହାରି ଆସିଥିଲେ। ମାମଲାଟି କଅଣ ଅଟେ? ଲୋକମାନଙ୍କ ମଧ୍ୟରେ ଆତ୍ମିକ ବିସ୍ମୃତି ବ୍ୟାପ୍ତ ହୋଇ ଯାଇଅଛି। ଆପଣଙ୍କ ପାଖରେ ବର୍ତ୍ତମାନ ନିଜର ଧର୍ମମତ ଏବଂ ଆପଣଙ୍କର ନାମଧାରୀ ସଂସ୍ଥାଗତ କାଗଜପତ୍ରମାନ ରହିଅଛି, ଏବଂ ଆପଣ ଠିକ ଅବଶିଷ୍ଟ ସେମାନଙ୍କ ସହିତରେ ରହିଛନ୍ତି, ଅବଶିଷ୍ଟ ସେମାନଙ୍କ ସହିତରେ ରହିବାକୁ ଚାହୁଁଛନ୍ତି। ଆପଣମାନେ ନିଜର ସ୍ତ୍ରୀଲୋକମାନଙ୍କୁ ସେମାନଙ୍କର କେଶ କାଟିବାକୁ, ରଙ୍ଗ ପ୍ରସାଧନ ଲଗାଇବାକୁ ଅନୁମତି ଦେଇଛନ୍ତି। ଆପଣ, ଆପଣ ସେମାନଙ୍କୁ ଏହି ସବୁ କାର୍ଯ୍ୟ କରିବାକୁ ଅନୁମତି ଦେଉଛନ୍ତି, ମଣ୍ଡଳୀରେ—ରେ ଏହି ସମସ୍ତ ବିଷୟ କରିବାକୁ ଅନୁମତି ଦେଉଛନ୍ତି। ଏହା କଅଣ ଅଟେ? ଆତ୍ମିକ ବିସ୍ମୃତି।

174 ତେବେ, ପ୍ରଥମ ବିଷୟ ଆପଣ ଜାଣିଛନ୍ତି, ଯେତେବେଳେ ପରମେଶ୍ୱର ଲୋକମାନଙ୍କ ମଧ୍ୟରେ ପରିଦର୍ଶନ କରିବା ଆରମ୍ଭ କରନ୍ତି, ସେତେବେଳେ କଅଣ ଘଟିଥାଏ? ଆପଣ ଏହାକୁ ଗ୍ରହଣ କରିପାରନ୍ତି ନାହିଁ। ଦେଖନ୍ତୁ, ଆପଣ ସେହି ବିସ୍ମୃତି ରୋଗରେ ଏତେ ପୀଡାଗ୍ରସ୍ତ ହୋଇ ପଡିଥାନ୍ତି ଯେ, ଦେଖନ୍ତୁ, ଏକମାତ୍ର ବିଷୟ ଯାହା ଆପଣ କେବେ ଶୁଣିଥାନ୍ତି। କଅଣ ଆପଣ ଭାବୁ ନାହାଁନ୍ତି ଯେ ଆପଣଙ୍କୁ ସେହି ଧର୍ମମତରୁ କିଛି ମିନିଟ୍ ଓହରି ଯିବା ଉଚିତ ଏବଂ ବାଇବଲକୁ ଉଠାଇବା ଉଚିତ୍, ଏବଂ ଏହା ଦେଖିବା ଉଚିତ୍ ଯେ ଜଣେ ଖ୍ରୀଷ୍ଟିଆନ୍‌ଙ୍କୁ କିପରି ଭାବରେ ଚିହ୍ନିତ ହେବା କଥା? "ଏହି ଚିହ୍ନଗୁଡିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁଗାମୀ ହେବ!"

175 ପ୍ରେରିତ କ୍ରିୟା, ପିତର କହିଲେ, "ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ପ୍ରାୟଶ୍ଚିତ କର, ଏବଂ ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ, ଏବଂ ତୁମେମାନେ ପବିତ୍ରଆତ୍ମାଙ୍କ ଦାନ ପ୍ରାପ୍ତ ହେବ; କାରଣ ଏହି ପ୍ରତିଜ୍ଞା ତୁମମାନଙ୍କ ପାଇଁ, ଏବଂ ତୁମର ସନ୍ତାନ ସଂତତିଗଣଙ୍କ ପାଇଁ, ଏବଂ ଦୂରବର୍ତ୍ତି ସେସମସ୍ତଙ୍କ ପାଇଁ ଅଟେ, ଯେଉଁମାନଙ୍କୁ ପ୍ରଭୁ ଆମ ପରମେଶ୍ୱର ଡାକିବେ।" ଯଦି ସେମାନେ ଆପଣଙ୍କୁ କୁହନ୍ତି ଯେ ତାହା ସେହିପରି ନୁହେଁ, ତାହାହେଲେ ଆପଣଙ୍କର ପାଳକଙ୍କର ଏକ ଆତ୍ମିକ ବିସ୍ମୃତିର ଖରାପ ମାମଲା ଅଛି। ସେ ନିଜକୁ ସେହି ମଣ୍ଡଳୀ ସହିତ ଚିହ୍ନିତ କରାଇ ପାରୁ ନାହାଁନ୍ତି; ସଂଗଠନ ନୁହେଁ; ଗୋଟିଏ ମଣ୍ଡଳୀ, ଖ୍ରୀଷ୍ଟଙ୍କର ଏକ ରହସ୍ୟମୟ ଶରୀର।

176 ବର୍ତ୍ତମାନ ପବିତ୍ରଆତ୍ମା ଏଠାରେ ଅଛନ୍ତି। ସେ ଏଠାରେ ଠିକ ତାହା କରିବା ପାଇଁ ଅଛନ୍ତି ଯାହା ସେ କରିବେ ବୋଲି ପ୍ରତିଜ୍ଞା କରିଥିଲେ। ବର୍ତ୍ତମାନ ଯେତେବେଳେ ଆପଣମାନେ ଏଠାରେ ନିଜର ମସ୍ତକଗୁଡିକୁ ନତ କରି ଅଛନ୍ତି, କେବଳ ପ୍ରାର୍ଥନା କରୁଥାଆନ୍ତୁ। ତେବେ ପବିତ୍ରଆତ୍ମା ନିଜେ, କଥା କୁହନ୍ତୁ। ଏବଂ ଦେଖନ୍ତୁ ଯେ ଯଦି ଏହା...କେହି ବି ତାହା ଜାଣିଛନ୍ତି ଯେ, ସେହି ପ୍ରତିଜ୍ଞା, ତାହା ଏହି ଦିନ ପାଇଁ କଅଣ ଅଟେ। ବର୍ତ୍ତମାନ ଆପଣମାନେ ଯେଉଁମାନଙ୍କରକି ଆଜି ରାତି, ଆବଶ୍ୟକତା ଅଛି, ଆପଣମାନେ, ଆପଣମାନଙ୍କ ମଧ୍ୟରୁ

ଅନେକେ ନିଜର ହାତ ଉଠାଇଛନ୍ତି । ଆପଣମାନେ ତାହା କରିବା ପୂର୍ବରୁ...

177 ମୁଁ ଆଶ୍ଚର୍ଯ୍ୟ କରେ, ଯେତେବେଳେକି ଆମେମାନେ ଏଠାରେ ଅଛୁ ଏବଂ ପ୍ରକୃତରେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରୁଅଛୁ, ମୁଁ ଆଶ୍ଚର୍ଯ୍ୟ କରେ ଯେ ଆପଣମାନେ ସେହି ଅବିଶ୍ୱାସରୁ, ସେହି ନାମଧାରୀ ସଂସ୍ଥାରୁ, ସେହି ଧର୍ମମତରୁ ଦୂରେଇ ଯାଇପାରିବେ କି ନାହିଁ ଯାହା ଆପଣଙ୍କୁ କୁହେ ଯେ ଏହି ଜିନିଷଗୁଡିକ ସେହିପରି ନୁହେଁ, ସେହି ଜଣକା ଯିଏକି ଆପଣଙ୍କୁ ତାହା କହିଥାନ୍ତି ଶୟତାନଠାରୁ ଅଟେ । ଯେତେବେଳେ ସେମାନେ ତାହା କରନ୍ତି, "ସେମାନେ କଦାପି ଇହ ଜଗତରେ କିମ୍ବା ଆଗମନ କରିବାକୁ ଥିବା ଜଗତରେ କ୍ଷମା କରାଯିବେ ନାହିଁ ।" କଅଣ ହୁଏ ଯଦି ଏହାହିଁ ସତ୍ୟ ଅଟେ? କେବଳ ଚିନ୍ତା କରନ୍ତୁ, କଅଣ ହୁଏ ଯଦି ଏହା ଅଟେ, ତେବେ ଆପଣ କେଉଁଠାରେ ଅଛନ୍ତି? ଦେଖନ୍ତୁ, ଆପଣଙ୍କୁ ଏହା କହିବାକୁ ପଡିବ ନାହିଁ; ଏହାକୁ କେବଳ ନିଜ ହୃଦୟରେ ବିଶ୍ୱାସ କରନ୍ତୁ । ଏବଂ ଏଠାରେ ସେହି ଲୋକମାନେ ଅଛନ୍ତି ଯେଉଁମାନେକି ତାହା ବିଶ୍ୱାସ କରନ୍ତି । ମୁଁ ଠିକ୍ ଏଠାରେ, ଗତ ଦୁଇ ରାତି ହେବ ବସିଅଛି, କିଛି ଗୋଟାଏ ବିଷୟକୁ ନେଇ ପରିଶ୍ରମ କରୁଅଛି, କେବଳ, ମୋର, ନିଜକୁ ନିୟନ୍ତ୍ରଣରେ ରଖିଛି ଓ ନିଜ ଜିଭକୁ କାମୁଡି ଧରିଛି, ଯେପରିକି ମୁଁ ଏହାକୁ ଠିକ୍ ଡାକି ନ ପକାଏ ।

178 ଏବଂ ମନେରଖନ୍ତୁ, ବନ୍ଧୁ, ଏହା ଆପଣଙ୍କର ଏବଂ ପରମେଶ୍ୱରଙ୍କ ମଝିରେ ଅଟେ । କଅଣ ହେବ ଯଦି ଏହା ଭୁଲ୍ ଅଟେ, ଏବଂ ଆପଣ ତାହା ଭାବୁଥାନ୍ତି? ଆପଣ ଜାଣିଛନ୍ତି ଯେ କଅଣ ଘଟିତ ହୁଏ, ଆପଣଙ୍କୁ ଏଥିପାଇଁ କେବେବି କ୍ଷମା କରାଯିବ ନାହିଁ । ଆତ୍ମିକ ବିସ୍ମୃତି, ଆପଣ ଠିକ ନିଜର ଅନନ୍ତ ମୃତ୍ୟୁ, ଅବିଶ୍ୱାସକୁ ଚାଲି ଯିବେ । "ଯିଏ ବିଶ୍ୱାସ କରେ ନାହିଁ, ସେ ଦୋଷୀ କରା ଯାଇସାରିଛି!"

179 ତେବେ ନିଜର ଅସୁସ୍ଥତା ପାଇଁ ପ୍ରାର୍ଥନା କରନ୍ତୁ, କୁହନ୍ତୁ, "ପ୍ରଭୁ ଯୀଶୁ, ତୁମେ ପ୍ରତିଜ୍ଞା କରିଅଛ । ମୁଁ..."

ହୋଇପାରେ ଯେ ଏଠାରେ କିଛି ଅପରିଚିତ ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେକି ଆଗରୁ କେବେ ବି ଏଠାକୁ ଆସି ନାହାଁନ୍ତି ।

180 ଯୀଶୁ ପ୍ରତିଜ୍ଞା କରିଥିଲେ, "ଯେପରିକି ଏହା," ମୁଁ ଗୋଟିଏ ଶାସ୍ତ୍ରାଂଶକୁ ନେବି, "ଲୋଟଙ୍କ ସମୟରେ ହୋଇଥିଲା," ଯେତେବେଳେ ପରମେଶ୍ୱର ଏକ ମାଂସମୟ ଶରୀରରେ ପ୍ରକଟିତ ହୋଇଥିଲେ; ଏବଂ ଲୋକମାନେ, ଅବ୍ରହାମ, ସେହି ମନୋନୀତ ଗୋଷ୍ଠୀ, ସେହି ଆହ୍ୱାନ-ପ୍ରାପ୍ତ ଗୋଷ୍ଠୀ । ଏବଂ ଅବ୍ରାମଙ୍କ ନାମ ପରିବର୍ତ୍ତିତ ହୋଇ ଅବ୍ରହାମଙ୍କୁ କରାଯାଇଥିଲା, ତାହାପରେ ସେ ଦେଖିଥିଲେ ଯେ ବାକ୍ୟ ଦେହ ଧାରଣ କରିଥିଲା, ଏବଂ ଏହା ସାରାଙ୍କ ହୃଦୟରେ ଥିବା ଚିନ୍ତା ବିଚାରକୁ ଜାଣି ପାରିଥିଲା ।

181 ଏବଂ ଯେତେବେଳେ ଅବ୍ରହାମଙ୍କର ରାଜକୀୟ ବଂଶ ଆସିଲା, ତାହାହିଁ ଥିଲା ଯାହାକି ସେ କରିଥିଲେ, ଏବଂ ସେମାନେ ତାହାଙ୍କୁ "ଏକ ଶୟତାନ" ବୋଲି ଡାକିଥିଲେ ।

182 ସେ କହିଲେ, “ବର୍ତ୍ତମାନ ଯେତେବେଳେ ପବିତ୍ରଆତ୍ମା ଆସିବେ, ଓ ସେହି ବିଷୟକୁ ସାଧନ କରିବେ।” କହିଲେ, “ବର୍ତ୍ତମାନ ଯେତେବେଳେ ତୁମେମାନେ ମୋତେ ସେହିପରି କହିଥାଅ ସେଠାରେ କ୍ଷମା ଅଛି, ମାତ୍ର, ଯେତେବେଳେ ତୁମେମାନେ ପବିତ୍ରଆତ୍ମାଙ୍କ ବିରୁଦ୍ଧରେ ତାହା କହିବ, ସେଠାରେ କୌଣସି କ୍ଷମା ହେବ ନାହିଁ।”

183 ତେବେ ଏହା ହେଉ ଯେ ସେ, ତାହାଙ୍କର ଶକ୍ତିରେ, ଲୋକମାନଙ୍କର ଏହି ଦର୍ଶକବୃନ୍ଦ ମଧ୍ୟ ଦେଇ ଆସନ୍ତୁ, ଆପଣ ଯେଉଁଠାରେ ବି ଥାଆନ୍ତି, ଏବଂ ତାହାଙ୍କର ଆତ୍ମିକ ଗୁପ୍ତ ବିଚାରଗୁଡିକ ଜାଣିବାର ଶକ୍ତି ସାହାଯ୍ୟରେ ଏହା ଦର୍ଶାନ୍ତୁ ଯେ ସେ ବାକ୍ୟ ଅଟନ୍ତି। ଯାହାଫଳରେକି ଯଦି ଏଠାରେ ଏପରି କେହି ଥାଆନ୍ତି ଯିଏକି ବିସ୍ମୃତି ରୋଗରେ ପୀଡିତ ଅଟନ୍ତି, ଯେ ସେମାନେ ତାହା କରିବେ ନାହିଁ…କୌଣସି ବାହାନା କରିବେ ନାହିଁ, ଏହା ପୂର୍ବେକି ଏହି ବେଦୀର ଡାକରା ଦିଆଯାଏ।

184 ପ୍ରଭୁ ପରମେଶ୍ୱର ସାହାଯ୍ୟ କରନ୍ତୁ। ତେବେ ଆପଣା ମସ୍ତକ ନତ କରିଥିବା ସହ, ଭକ୍ତି ସହକାରେ ପ୍ରାର୍ଥନା କରନ୍ତୁ।

185 ଦେଖନ୍ତୁ, ମୋ ସମ୍ମୁଖରେ ଜଣେ ମହିଳା ବସିଛନ୍ତି। ସେ ତାଙ୍କ ମୁହଁରେ ତାଙ୍କର ହାତ ରଖିଛନ୍ତି। ସେ ମେରୁଦଣ୍ଡର ପୀଡାରେ ଗ୍ରସିତ ଅଟନ୍ତି। ଏବଂ ସେ ମଧ୍ୟ ଅଧୀର ହୋଇଯାଆନ୍ତି। ତାଙ୍କର ପେଟ ଜନିତ ସମସ୍ୟା ଅଛି। ଏବଂ ସେ ବର୍ତ୍ତମାନ ମୋ ସମ୍ମୁଖରେ ବସିଛନ୍ତି। ଏବଂ ସେ ଏହା ଜାଣନ୍ତୁ, ଯେ ସେ ଏହି ଦେଶରୁ ନୁହଁନ୍ତି। ସେ ମେକନ୍ ନାମକ ଏକ ସହରରୁ ଅଟନ୍ତି। ହଁ। କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ମୋତେ କହିପାରନ୍ତି ଯେ ଆପଣ କିଏ ଅଟନ୍ତି? ଆପଣ ସୁଶ୍ରୀ ଆୟର୍ସ ଅଟନ୍ତି। ଯଦି ତାହା ଠିକ୍ ଅଟେ, ତେବେ ନିଜର ହାତ ଉଠାନ୍ତୁ। ମୁଁ ଆପଣଙ୍କ ପାଇଁ ଅପରିଚିତ ଅଟେ। ତାହା ସତ, କଅଣ ନୁହେଁ କି? ବର୍ତ୍ତମାନ ଆପଣଙ୍କର ସମସ୍ୟା ଚାଲି ଯାଇଛି। ଯୀଶୁ ଖ୍ରୀଷ୍ଟ; ତୁମେ ତାହାଙ୍କର ବସ୍ତ୍ର ଛୁଇଁଅଛ। ସେ ତୁମକୁ ସୁସ୍ଥ କଲେ। ତେବେ କେବଳ ଏହାକୁ ବିଶ୍ୱାସ କରନ୍ତୁ।

186 ଏହି ଭବନର ପଛ ପଟରେ ଜଣେ ଲୋକ ବସିଛନ୍ତି। ସେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଚାହୁଁଛନ୍ତି। ସେ ଆତ୍ମାର ବାପ୍ତିସ୍ମ ଚାହୁଁଛନ୍ତି। ସେ ମୋ ସମ୍ମୁଖରେ ଛିଡା ହୋଇଛନ୍ତି। ସେ ମଧ୍ୟ, ଏଠାରୁ ନାହାଁନ୍ତି। ସେ କାରୋଲାଇନାର, ଚାର୍ଲୋଟରୁ ଅଟନ୍ତି। ତାଙ୍କର ନାମ ଲେପୋୟ ଅଟେ। ଆପଣା ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ, ଏବଂ ପରମେଶ୍ୱର ଆପଣଙ୍କୁ ପବିତ୍ରଆତ୍ମାରେ ପରିପୂର୍ଣ୍ଣ କରି ଦେବେ, ମୋର—ମୋର ଭାଇ, ଯଦି ଆପଣ ଏହାକୁ ବିଶ୍ୱାସ କରିବେ।

187 ଏଠାରେ, ମୋର ଡାହାଣ ପଟକୁ, ଏଠାରେ ଜଣେ—ଜଣେ ପୁରୁଷ ଏବଂ ତାଙ୍କ ପତ୍ନୀ ଠିକ ସିଧାସଳଖ ଏଠାରେ ମୋ ସମ୍ମୁଖରେ ବସିଛନ୍ତି। ମୋର ଡାହାଣ ପଟକୁ, ଏହା ଏକ ବୃଦ୍ଧ ଦମ୍ପତି ଅଟନ୍ତି। ସେହି ମହିଳା ଜଣକ ଏକ ବଡ଼ ଅନ୍ତଃନଳୀର ରୋଗରେ ପୀଡ଼ିତ ଅଟନ୍ତି। ତାଙ୍କ ସ୍ୱାମୀଙ୍କର ହୃଦୟ ସମସ୍ୟା ଅଛି। ସେମାନେ ଏଠାରୁ ନୁହଁନ୍ତି। ସେମାନେ

ଟେନେସିରୁ ଆସିଛନ୍ତି । ଶ୍ରୀମାନ ଏବଂ ଶ୍ରୀମତୀ ଥୋମାସ୍, ଯଦି ଆପଣ ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରିବେ, ନିଜର ହାତ ଉଠାନ୍ତୁ ଏବଂ ଆପଣ ନିଜର ଆରୋଗ୍ୟତାକୁ ଗ୍ରହଣ କରିପାରନ୍ତି । ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରନ୍ତି । ଏହା ଅବିକଳ ଠିକ ତାହାହିଁ ଅଟେ ଯାହା ସେ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ମାତ୍ର ମୁଁ ମୋ ଜୀବନରେ ସେହି ଲୋକମାନଙ୍କୁ କେବେବି ଦେଖି ନାହିଁ ।

ଆତ୍ମିକ ବିସ୍ମୃତି!

188 ଯୀଶୁ କହିଲେ, "ମୁଁ ଯେଉଁ କାର୍ଯ୍ୟଗୁଡିକ କରେ ତୁମେମାନେ ମଧ୍ୟ ତାହା କରିବ । ଅଳ୍ପ ସମୟ, ଏବଂ ଜଗତ ମୋତେ ଆଉ ଦେଖିବ ନାହିଁ; ତଥାପି ତୁମେ ମୋତେ ଦେଖିବ, କାରଣ ମୁଁ," ବ୍ୟକ୍ତିଗତ ସର୍ବନାମ, "ତୁମ ସହିତରେ ରହିବି, ଏପରିକି ଯୁଗାନ୍ତ ପର୍ଯ୍ୟନ୍ତ ତୁମ ଅନ୍ତରରେ ରହିବି ।" "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି ।"

189 ତେବେ, ଏଠାରେ ଥିବା ପୁରୁଷ ଏବଂ ସ୍ତ୍ରୀଲୋକମାନଙ୍କ ପାଇଁ, ଯେଉଁମାନଙ୍କ ସହିତ କିଛି ଗୋଟାଏ ଭୁଲ୍ ହୋଇଅଛି, ଯାହାକି ଆପଣମାନେ ସରଳ ଭାବରେ ଦେଖିପାରନ୍ତି ନାହିଁ ଯେ କିପରି ଭାବରେ…ଆପଣ, ଆପଣ ବିଶ୍ୱାସ କରିବାକୁ ଚାହାଁନ୍ତି, ମାତ୍ର ଆପଣ ଠିକ ଏହା ଭିତରକୁ ଯାଇପାରନ୍ତି ନାହିଁ, ଏବଂ ଆପଣ ପ୍ରାର୍ଥନା କରାଇବା ନିମନ୍ତେ ଚାହାଁନ୍ତି, ଆପଣ ତାହାଙ୍କୁ ଗ୍ରହଣ କରିବାକୁ ଚାହାଁନ୍ତି ଯେତେବେଳେ ଆପଣ ତାହାଙ୍କ ଉପସ୍ଥିତିରେ ରହିଛନ୍ତି, କଅଣ ଆପଣ ଆସି ଠିକ ମୋ ପାଖରେ ଛିଡା ହେବେ କି, ମୋତେ ପ୍ରାର୍ଥନା କରିବାକୁ ଦେବେ ଓ ଆପଣଙ୍କ ଉପରେ ହାତ ରଖିବାକୁ ଦେବେ । ଯଦି ଆପଣ ବର୍ତ୍ତମାନ ଠିକ ଏଠାକୁ ଆସିବେ, ଆପଣମାନେ ଯେଉଁମାନେକି ସେହିଭଳି ଆତ୍ମିକ ବିସ୍ମୃତିରେ, ପୀଡିତ ଅଟନ୍ତି, ଏବଂ ଏଥିରୁ ମୁକ୍ତି ପାଇବା ହେତୁ, ପ୍ରାର୍ଥନା କରାଇବାକୁ ଚାହୁଁଛନ୍ତି । ଯଦି ଆପଣ ଜଣେ ନୁହଁନ୍ତି—ଜଣେ ବିଶ୍ୱାସୀ ନୁହଁନ୍ତି, ମାତ୍ର ପ୍ରାର୍ଥନା କରାଇବାକୁ ଚାହାଁନ୍ତି, ତେବେ ଏଠାକୁ ଉପରକୁ ଆସନ୍ତୁ ଏବଂ ଛିଡା ହୁଅନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ହେ ଯୁବା ଲୋକ । ଆଉ କେହି ଆସିବେ କି? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ହେ ମହିଳା । ଆସନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ହେ ଯୁବା ମହିଳା । ଆଉ କେହି ଆସିବେ କି? ଆସନ୍ତୁ, ଠିକ୍ ବର୍ତ୍ତମାନ, ଏଠାରେ ଛିଡା ହୁଅନ୍ତୁ ।

190 ଆତ୍ମିକ ବିସ୍ମୃତି, ମୁଁ ସେଥିରେ ପୀଡିତ ହେବାକୁ ଚାହେଁ ନାହିଁ । ପରମେଶ୍ୱର ତାହା ନ କରନ୍ତୁ । ମୋତେ କୌଣସି ବି ବିଷୟରେ—ମୋତେ ମରିବାକୁ ଦିଅନ୍ତୁ, ମାତ୍ର ମୋତେ ଅବିଶ୍ୱାସୀ ଭାବରେ ସେହି ମୃତ୍ୟୁରେ ମରିବାକୁ ଦିଅନ୍ତୁ ନାହିଁ ।

191 ଆସନ୍ତୁ, ବର୍ତ୍ତମାନ ତାହାଙ୍କୁ ଗ୍ରହଣ କରନ୍ତୁ । କଅଣ ଆପଣ ତାହା କରିବେ ନାହିଁ କି? ବନ୍ଧୁଗଣ, ବାଲକୋନିରୁ ଆସନ୍ତୁ ଓ ତଳକୁ ଓହ୍ଲାଇ ଆସନ୍ତୁ । ଏହା ଏଠାରେ କେବଳ ଅଳ୍ପ କିଛି ମାତ୍ର ପାଦ ଅଟେ, ଏବଂ ଆପଣଙ୍କ ପାଇଁ, ଏହାର ଅର୍ଥ ହୁଏତ ମୃତ୍ୟୁ ଏବଂ ଜୀବନ ମଧ୍ୟରେ ପାର୍ଥକ୍ୟ ହୋଇପାରେ ।

192 ଦେଖନ୍ତୁ, ମୁଁ ଖ୍ରୀଷ୍ଟଙ୍କୁ କିଛି କରାଇବାକୁ ବାଧ୍ୟ କରିପାରେ ନାହିଁ। ଖ୍ରୀଷ୍ଟଙ୍କୁ କେବଳ ଗୋଟିଏ ବିଷୟ ବ୍ୟତୀତ ଅନ୍ୟ କିଛି କରିବାକୁ ପଡ଼େ ନାହିଁ: ତାହାଙ୍କୁ ତାଙ୍କର ବାକ୍ୟକୁ ପାଳନ କରିବାକୁ ପଡ଼େ। ତାହାଙ୍କୁ ଖ୍ରୀଷ୍ଟ ହେବା ପାଇଁ, ପରମେଶ୍ୱର ହେବା ପାଇଁ ତାହା କରିବା ଆବଶ୍ୟକ। ତାହାଙ୍କୁ ନିଶ୍ଚିତ ଭାବରେ ତାଙ୍କର ବାକ୍ୟକୁ ପାଳନ କରିବାକୁ ଅଛି।

193 ତେବେ ମନେରଖନ୍ତୁ, ଯଦି ଆପଣ ନିଜର ଅଭିଜ୍ଞତା ବିଷୟରେ ସୁନିଶ୍ଚିତ ନୁହଁନ୍ତି, ତାହାହେଲେ କାହିଁକି ବର୍ତ୍ତମାନ ହିଁ ତଳକୁ ଆସି ଯାଉ ନାହାଁନ୍ତି। ଯଦି ଆପଣ କେବଳ ଏକ ନାମଧାରୀ ସଂସ୍ଥାରେ ସମ୍ପୃକ୍ତ ଅଟନ୍ତି, ଯଦି ଆପଣ ଜଣେ ପେଣ୍ଟିକଷ୍ଟାଲ୍ ନାତି ନାତୁଣୀ ଅଟନ୍ତି, ତେବେ ପରମେଶ୍ୱରଙ୍କର କୌଣସି ନାତି ନାତୁଣୀ ନାହାଁନ୍ତି। ତାଙ୍କର ପୁତ୍ର ଏବଂ କନ୍ୟାଗଣ ଅଛନ୍ତି, ମାତ୍ର କୌଣସି ନାତି ଏବଂ -ନାତୁଣୀ ନାହାଁନ୍ତି। ବୁଝିଲେ? ପରମେଶ୍ୱରଙ୍କର ତାହା ନାହିଁ। ତାହାଙ୍କର କେବଳ ପୁତ୍ର ଏବଂ କନ୍ୟାମାନେ ଅଛନ୍ତି, ଏବଂ ଆପଣ ଜାଣନ୍ତି ଯେ ଆପଣ ନୁହଁନ୍ତି।

194 ହୋଇପାରେ ଯେ ଆପଣ ପରଭାଷାରେ କଥା କହିଥିବେ, ଆପଣ ହୁଏତ ନାଚି ଥିବେ, ଆପଣ ହୁଏତ ଏହି ସବୁ କରିଥିବେ। ତାହାସବୁ ଠିକ୍ ଅଛି। ମୋର ଏହା ବିରୁଦ୍ଧରେ କିଛି ହେଲେ ନାହିଁ। ମାତ୍ର ତଥାପି ଯଦି ଆପଣଙ୍କର ଏବେ ସୁଦ୍ଧା ସେହି ଆତ୍ମିକ ବିସ୍ମୃତି ଅଛି, ତାହାହେଲେ ତଳକୁ ଆସନ୍ତୁ, ଏବଂ ଏଠାକୁ ଆସି ଏଠାରେ ଛିଡା ହୁଅନ୍ତୁ। ଆସନ୍ତୁ ଏହା ବିଷୟରେ ପ୍ରାର୍ଥନା କରିବା। ଆପଣ କଅଣ କୁହନ୍ତି? ମଣ୍ଡଳୀ ସଦସ୍ୟ, କେବଳ ଏକ— କେବଳ ଏକ ନାମଧାରୀ ମଣ୍ଡଳୀ ସଦସ୍ୟ, ଆପଣ କାହିଁକି ବର୍ତ୍ତମାନ ଏଠାକୁ ଆସିଯାଉ ନାହାଁନ୍ତି ଏବଂ ଏଥିରୁ ମୁକ୍ତି ପାଇଯାଉ ନାହାଁନ୍ତି?

195 ମୁଁ ଏଠାରେ ବର୍ମିଂହାମ ଛାଡିବାକୁ ଚାହୁଁ ନାହିଁ, ଏବଂ ଏହା ଜାଣି ଯେ କୌଣସି ଦିନେ, ଯେତେବେଳେ ବିଚାର ଆସେ, ଏବଂ ମୋତେ ସେତେବେଳେ ଆପଣମାନଙ୍କ ସମ୍ମୁଖରେ ଛିଡା ହେବାକୁ ପଡିବ...ମନେରଖନ୍ତୁ, ମୁଁ ଆପଣମାନଙ୍କୁ ପୁଣିଥରେ ଭେଟ କରିବାକୁ ଯାଉଅଛି। ଯଦି ମୁଁ ଆପଣମାନଙ୍କୁ କେବେବି ଏଠାରେ ନ ଭେଟେ, କିମ୍ବା ମୁଁ ଆପଣମାନଙ୍କୁ ବିଚାରରେ ଭେଟିବାକୁ ଯାଉଅଛି ଏବଂ ଆଜି ରାତିରେ ମୁଁ ଯାହା କହିଅଛି ତାହା ପାଇଁ ମୋତେ ଉତ୍ତର ଦେବାକୁ ଅଛି।

196 ତେବେ ଶୁଣନ୍ତୁ। ପଶ୍ଚାତାପ କରନ୍ତୁ, ବନ୍ଧୁଗଣ! ମନ ଫେରଣ କରନ୍ତୁ, ଏଥିରୁ ବାହାରି ଆସନ୍ତୁ। ସେଠାରୁ ବାହାରି ଯାଆନ୍ତୁ। ବର୍ତ୍ତମାନ ଆସନ୍ତୁ।

197 ତାହା ଏହି ଦେଶରେ, କିମ୍ବା ଏହି ସ୍ଥାନରେ ଥିବା ପ୍ରତ୍ୟେକ ଛୋଟ ଛୋଟ-କେଶ ବିଶିଷ୍ଟ ମହିଳାମାନଙ୍କୁ ବର୍ତ୍ତମାନ ଏଠାକୁ ଆସିବା ପାଇଁ ବାଧ୍ୟ କରି ଦେବା ଉଚିତ୍। ତାହା ଅବିକଳ ଠିକ୍ ଅଟେ। ତାହା ଯେ, ଆପଣଙ୍କଠାରେ ପ୍ରକୃତରେ ଏହା କହିବା ହେତୁ ଯଥେଷ୍ଟ ଅନୁଗ୍ରହ ନାହିଁ, "ମୁଁ—ମୁଁ—ମୁଁ—ମୁଁ ଚାହେଁ, ମୁଁ ମୋର କେଶକୁ ବଢିବାକୁ ଦେବା ପାଇଁ ଚାହେଁ, ଭାଇ ବ୍ରାନହାମ୍।" ଏହା ହେବା ଉଚିତ୍..."ମୋର ଅଛି...ତେବେ, ତାହା କରିବା ପାଇଁ ମୋ ଠାରେ

ଅନୁଗ୍ରହ ନାହିଁ ।"

କାହିଁକି, ଆପଣ କୁହନ୍ତି, "କଅଣ ଏହାର ତାହା ସହିତ କିଛି ସମ୍ପର୍କ ଅଛି କି?"

198 ଏଠାରେ କିଛି ସମୟ ପୂର୍ବେ, ଜଣେ ପ୍ରକୃତ ମହାନ ସେବକ ମୋ ପାଖକୁ ଆସିଲେ, ଏବଂ କହିଲେ, "ଭାଇ ବ୍ରାନହାମ୍, ମୁଁ ଆପଣଙ୍କ ଉପରେ ହାତ ରଖିବାକୁ ଚାହେଁ ।" କହିଲେ, "ସମସ୍ତେ ଆପଣଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା ଭାବରେ ସମ୍ମାନ ଦିଅନ୍ତି ।"

ମୁଁ କହିଲି, "ମୁଁ କଦାପି କହି ନାହିଁ ଯେ ମୁଁ ଜଣେ ଭବିଷ୍ୟଦ୍‌ବକ୍ତା ଅଟେ ।"

199 ସେ କହିଲେ, "କିନ୍ତୁ ଲୋକମାନେ ଆପଣଙ୍କୁ ତାହା ବୋଲି ଆଦର କରନ୍ତି । ଆପଣ ସବୁବେଳେ ସେହି ସ୍ତ୍ରୀଲୋକମାନଙ୍କୁ, ଛୋଟ ଛୋଟ ଜାମା ପିନ୍ଧିଥିବା ବିଷୟ ନେଇ କଟୁ କଥା କହିଥାନ୍ତି," ଏବଂ—ଏବଂ, ଓଃ, ଜଣେ ପେଣ୍ଟିକଷ୍ଟାଲ୍ ବ୍ୟକ୍ତି । ଏବଂ କହିଲେ, "ଛୋଟ ଛୋଟ ଜାମା ସର୍ଟ ପିନ୍ଧିବା, ଏବଂ ଛୋଟ ଛୋଟ କରି କେଶ କାଟିବା, ଏବଂ ଅନ୍ୟାନ୍ୟ ବିଷୟଗୁଡିକ ସମ୍ବନ୍ଧରେ ।" କହିଲେ, "ତାହା ଆପଣଙ୍କର କାମ ନୁହେଁ ।"

ମୁଁ କହିଲି, "ତେବେ ଏହା କାହାର କାମ ଅଟେ?"

200 ଏବଂ ସେ କହିଲେ, "ସେହି ଲୋକମାନେ, ଆପଣ କାହିଁକି ସେହି ସ୍ତ୍ରୀଲୋକମାନଙ୍କୁ କିପରି ରହିବାକୁ ଅଛି, ମହାନ ଆତ୍ମିକ ବରଦାନଗୁଡିକ କିପରି ପ୍ରାପ୍ତ କରିବାକୁ ଅଛି ତାହା ଶିଖାଉ ନାହାଁନ୍ତି, ଏବଂ ତାହା କରିବାକୁ ଚେଷ୍ଟା କରିବା ପରିବର୍ତ୍ତେ, ଲୋକମାନଙ୍କୁ ସାହାଯ୍ୟ କରୁ ନାହାଁନ୍ତି…" କହିଲେ, "ସେମାନେ ଆପଣଙ୍କୁ ଆଦର କରନ୍ତି । ଆପଣ ସେମାନଙ୍କୁ ଯାହା କୁହନ୍ତି, ସେମାନେ ଆପଣଙ୍କୁ ବିଶ୍ୱାସ କରନ୍ତି ।" କହିଲେ, "ଆପଣ ସେମାନଙ୍କୁ ସର୍ବଦା ନିନ୍ଦା କରିବା ପରିବର୍ତ୍ତେ, ସେମାନଙ୍କୁ ତାହା ବିଷୟରେ କାହିଁକି କହୁ ନାହାଁନ୍ତି ଯେ କିପରି ମହାନ ବରଦାନଗୁଡିକ ପାଇବାକୁ ଅଛି ଏବଂ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଅଛି?"

201 ମୁଁ କହିଲି, "ମୁଁ ସେମାନଙ୍କୁ କିପରି ବୀଜଗଣିତ ଶିଖାଇ ପାରେ ଯେତେବେଳେକି ସେମାନେ ନିଜର କଖଗ ସୁଦ୍ଧା ଶିଖନ୍ତି ନାହିଁ?" ବୁଝିଲେ? ବୁଝିଲେ?

202 ଆପଣଙ୍କୁ ତ ତଳୁ ଆରମ୍ଭ କରିବାକୁ ପଡ଼ିବ, ଅନୁତାପ କରନ୍ତୁ ନତୁବା ବିନଷ୍ଟ ହୋଇଯିବେ! ତେବେ ଆପଣ ନିଜ ପାଇଁ ବାଛି ନେଇପାରନ୍ତି, ଅନୁତାପ କରନ୍ତୁ ନତୁବା ବିନଷ୍ଟ ହୋଇଯାଆନ୍ତୁ! ଯୀଶୁ ଖ୍ରୀଷ୍ଟ ଏଠାରେ ନିଜକୁ, ରାତି ପରେ ରାତି ଉତ୍ତମ ଭାବରେ ଚିହ୍ନିତ କରାଇ ଅଛନ୍ତି । ଏବଂ ଏହା ସେହି ରାତି ଅଟେ ଯେ ଆମେ ଏହି ପରିତ୍ରାଣ ପାଇଁ ଅପେକ୍ଷା କରୁଥିଲୁ । ଏଠାରେ ତାହା ଉପରେ ଅଳ୍ପ କିଛି ପାଦ ମାତ୍ର ଅଟେ, ଏବଂ ମୋ ପାଖରେ ଅପେକ୍ଷା କରିବା ପାଇଁ ବହୁତ ସମୟ ଅଛି ।

203 ମନେରଖନ୍ତୁ, ବର୍ମିଂହାମ, ଆପଣଙ୍କର ରକ୍ତ ମୋ ଉପରେ ନାହିଁ । ମୁଁ ନିର୍ଦ୍ଦୋଷ ଅଟେ । ଏବଂ ଯଦି ଆପଣ ବାସ୍ତବରେ ପବିତ୍ରଆତ୍ମା ପାଇଅଛନ୍ତି, ତାହାହେଲେ ଆପଣଙ୍କ ପାଖରେ ବର୍ତ୍ତମାନ ଆସିବାର ଏକ ସୁଯୋଗ ଅଛି । ଏବଂ ଯଦି ଆପଣ କୌଣସି ପ୍ରକାରର ଏକ

ମଣ୍ଡଳୀ-ଜନିତ ପୀଡାରେ ଗ୍ରସିତ ଅଟନ୍ତି ଯେଉଁଥି ଯୋଗୁଁ ଆପଣଙ୍କୁ ଆତ୍ମିକ ବିସ୍ମୃତିର ରୋଗ ହୋଇଅଛି, ତାହାହେଲେ ଆପଣ କାହିଁକି ଆସୁନାହାଁନ୍ତି? ଯୀଶୁ ହିଁ ଉପଶମ ଅଟନ୍ତି । କଅଣ ଆପଣ ଆସିବେ ନାହିଁ କି?

204 ବର୍ତ୍ତମାନ କିଛି ଲୋକମାନେ ବାଲକୋନି ଛାଡିଛନ୍ତି । ମୁଁ ଏହା ଦେଖିବା ପାଇଁ ଅପେକ୍ଷା କରୁଥିଲି ଯେ ସେମାନେ କେଉଁଠାରେ ଅଛନ୍ତି, ବାହାରକୁ ଯାଉଛନ୍ତି ନା ବେଦୀକୁ ଆସୁଛନ୍ତି । ଏଠାରେ ତଳେ ଥିବା, ଚାରିଆଡ଼େ ଉପରକୁ ଆସନ୍ତୁ । ତାହା ଠିକ୍ ଅଟେ । ଆପଣ ଯେଉଁମାନେ ଏଠାରେ ଅଛନ୍ତି, ଆସନ୍ତୁ ଓ ବେଦୀ ଚାରିପାଖରେ ଛିଡା ହୁଅନ୍ତୁ, କୁହନ୍ତୁ, "ମୁଁ ଏହି ସବୁରୁ କ୍ଷାନ୍ତ ଅଟେ ।" ହଁ, ସେମାନେ ଦୁଇଜଣ, ମହିଳାମାନେ ତଳକୁ ଆସୁଥିଲେ । ତାହା ଉତ୍ତମ ଅଟେ ।

205 ବର୍ତ୍ତମାନ ଠିକ ଉପରକୁ ଆସନ୍ତୁ । ଏଥିରୁ ଅଳ୍ପ କିଛି ପାଦ ମାତ୍ର । ଏବଂ ସେହି ପାଦଗୁଡ଼ିକ ପାର୍ଥକ୍ୟ ଆଣି ଦେଇପାରେ ।

206 ତେବେ, ଦେଖନ୍ତୁ, ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ । କଅଣ ହେବ ଯଦି ସେ ଆଜି ରାତିରେ ଆସିଯିବେ? "ଓଃ," କୁହନ୍ତୁ, "ସେ ଆସୁ ନାହାଁନ୍ତି ।" ମୁଁ ଜାଣେ ନାହିଁ ଯେ ସେ ଆସୁଛନ୍ତି କି ନାହିଁ । ଏହା ହେଉଛି ସେହି ଶେଷ ଚିହ୍ନ । ମନେରଖନ୍ତୁ, **ସଦାପ୍ରଭୁ ଏହି କଥା କୁହନ୍ତି**! କଅଣ ଆପଣ ମୋତେ କେବେ ଏହା କହୁଥିବାର ଶୁଣିଛନ୍ତି କି ଯାହା ସତ୍ୟ ନ ଥିଲା? ଆପଣ ନିଜର ଶେଷ ଚିହ୍ନକୁ ଦେଖୁଛନ୍ତି । ତାହା ଶାସ୍ତ୍ରସଙ୍ଗତ ଅଟେ । ପେଣ୍ଟିକଷ୍ଟ, ଆପଣମାନେ ନିଜର ଶେଷ ଚିହ୍ନକୁ ଦେଖି ଅଛନ୍ତି । ତେବେ ସେହି ବିଷୟ ସହିତ ଦ୍ୱନ୍ଦରେ ପଡନ୍ତୁ ନାହିଁ ଯାହା ସେ ସ୍ୱର୍ଗାରୋହଣ ପରେ ଇସ୍ରାଏଲକୁ ପ୍ରତିଶ୍ରୁତି ଦେଇଥିଲେ; ତାହା ଆପଣ ନୁହଁନ୍ତି । ଆପଣ ତ ସେତେବେଳେ ପର୍ଯ୍ୟନ୍ତ, ଏଠାରୁ ଚାଲି ଯାଇଥିବେ । ବୁଝିଲେ? ବର୍ତ୍ତମାନ ହିଁ ଆପଣଙ୍କର ଦିନ ଅଟେ । ବର୍ତ୍ତମାନ ହିଁ ଆପଣଙ୍କର ଚିହ୍ନ ଅଟେ । ବର୍ତ୍ତମାନ ହିଁ ଆପଣଙ୍କର ସମୟ ଅଟେ । ଏହାକୁ ପ୍ରତ୍ୟାଖ୍ୟାନ କରନ୍ତୁ ନାହିଁ । ଏହା କରନ୍ତୁ ନାହିଁ । ଭଲ ହେବ ଯେ ଆପଣ ଆସିଯାଆନ୍ତୁ । କଅଣ ଆପଣ ମୋତେ ପରମେଶ୍ୱରଙ୍କ ସେବକ ବୋଲି ବିଶ୍ୱାସ କରନ୍ତି? ମନେରଖନ୍ତୁ ।

207 ବର୍ମିଂହାମ୍, ମୁଁ କେବେ ବି ଏହାଠାରୁ ଅଧିକ ଉତ୍ତମ ଲୋକମାନଙ୍କୁ ଭେଟି ନାହିଁ । ଆପଣମାନେ ସବୁଠାରୁ ଉତ୍ତମ ଲୋକମାନେ ଅଟନ୍ତି ଯାହାଙ୍କୁ ମୁଁ ମୋ ଜୀବନରେ ଭେଟିବାକୁ ଚାହିଁବି, ମାତ୍ର ଆପଣ ଏକ ଉଦ୍ଦୀପନନା ଅବଶ୍ୟକ କରନ୍ତି । ଆପଣ ମରୁ ଅଛନ୍ତି । ଆପଣ ଆତ୍ମିକ ବିସ୍ମୃତି ଗ୍ରହଣ କରୁ ଅଛନ୍ତି । ଆପଣ ମରୁ ଅଛନ୍ତି । ତାହା କରନ୍ତୁ ନାହିଁ । ଯାହା ଆପଣଙ୍କ ପାଖରେ ଅଛି ତାହାକୁ ଉଦ୍ଦୀପିତ କରନ୍ତୁ । ଯୀଶୁ ଆସିବା ପୂର୍ବରୁ, ଏହାକୁ ପୁନର୍ବାର, ଶୀଘ୍ର ଆଣନ୍ତୁ ।

208 ଠିକ୍ ଅଛି, ଯେତେବେଳେ ସେମାନେ ଅଛନ୍ତି...ଆସୁ ଥାଆନ୍ତୁ । ସେମାନଙ୍କୁ ଠିକ ଆସିବାକୁ ଦେଉଥାନ୍ତୁ, ଯେପର୍ଯ୍ୟନ୍ତ କି ଆମେମାନେ ସେସମସ୍ତଙ୍କୁ ଏଠାରେ ଉପରେ ନ ପାଇ ଯାଉ, ଯେଉଁମାନଙ୍କୁ ପ୍ରଭୁ ଡାକୁଅଛନ୍ତି । ବର୍ତ୍ତମାନ ଆସନ୍ତୁ ।

209 ସେହି ବିସ୍ମୃତିରୁ ମୁକ୍ତି ପାଆନ୍ତୁ । ସେହି ମହାନ ଚିକିତ୍ସକ ବର୍ତ୍ତମାନ ତାହାକୁ ସୁସ୍ଥ କରିବା

ପାଇଁ, ଆପଣଙ୍କଠାରୁ ତାହାକୁ ଦୂରକୁ ନେଇଯିବା ପାଇଁ ଏଠାରେ ଅଛନ୍ତି। ସେ ପ୍ରମାଣ କରିଛନ୍ତି ଯେ ସେ ଏଠାରେ ଅଛନ୍ତି। କେତେ ଜଣ ନିଜର ହାତକୁ ଉଠାଇବା ଦ୍ୱାରା, ତାହାକୁ ଚିହ୍ନିତ କରିବେ, କହିବେ, "ମୁଁ ପ୍ରକୃତରେ ଏହାକୁ ବିଶ୍ୱାସ କରେ; ଯେ ସେ ଏହା କହିଥିଲେ ଯେ ସେ ଏହା କରିବେ"? ବୁଝିଲେ? ବର୍ତ୍ତମାନ ସେ ଏଠାରେ ଅଛନ୍ତି। ବୁଝିଲେ? ବୁଝିଲେ? ଆପଣ ବିଶ୍ୱାସ କରନ୍ତୁ।

210 ଆଉ କେତେ ଜଣ ଏହା ଜାଣନ୍ତି ଯେ ମୁଁ ଆପଣମାନଙ୍କୁ ସତ କହୁଅଛି, ଯେ ଆପଣମାନେ ମରୁ ଅଛନ୍ତି ଓ ଏକ ଉଦ୍ଦୀପନା ପ୍ରୟୋଜନ କରନ୍ତି? ବୁଝିଲେ? ଏହା ସତ୍ୟ ଅଟେ।

211 ଆପଣମାନେ ଭଲ ଲୋକମାନେ ଅଟନ୍ତି। ଆପଣ ଏହାଠାରୁ ଆଉ ଅଧିକ ଉତ୍ତମ ପାଇବେ ନାହିଁ। ଏଠାରେ ଥିବା ଏହି ପୁରୁଣା ଦକ୍ଷିଣ ପ୍ରାନ୍ତିୟ କାମିଜ ତଳେ, ଆଉ ଅଧିକ କୌଣସି ଉତ୍ତମ ହୃଦୟ ସ୍ପନ୍ଦନକୁ ପାଇବେ ନାହିଁ। ତାହା ଠିକ୍, ପ୍ରକୃତ ଲୋକମାନେ ଅଟନ୍ତି! ମାତ୍ର, ହେ ଲୋକମାନେ, ଭଲ ହେବ ଯେ ଆପଣ ଠିକ୍ ଶୀଘ୍ର ହିଁ, ଜାଗ୍ରତ ହୋଇଯାଆନ୍ତୁ! ଯେଉଁ ଘଟିକାରେ ଆପଣ ଭାବୁ ନ ଥିବେ, ସେହି ଘଟିକାରେ ଏହା ହୋଇ ଯାଇପାରେ। ଏହା ହୋଇ ନ ପାରେ; ମୁଁ ଜାଣେ ନାହିଁ।

212 ମାତ୍ର, ମନେରଖନ୍ତୁ, ଆପଣ ନିଜର ଶେଷ ଚେତାବନୀକୁ ପାଉ ଅଛନ୍ତି, ତେଣୁକରି ପଳାୟନ କରନ୍ତୁ ଯେତେବେଳେ ପଳାୟନ କରିବା ହେତୁ ସମୟ ଅଛି। ବର୍ତ୍ତମାନ ଆସନ୍ତୁ। ଯେପର୍ଯ୍ୟନ୍ତ ସେମାନେ ଆସୁଥାନ୍ତି, ମୁଁ ଅପେକ୍ଷା କରିବାକୁ ଯାଉଅଛି, କାରଣ ସେଠାରେ ହୋଇପାରେ…ଗୋଟିଏ ପ୍ରାଣ ଦଶ ହଜାର ଜଗତର ସମତୂଲ୍ୟ ଅଟେ। ଏବଂ ଯେପର୍ଯ୍ୟନ୍ତ ଲୋକମାନେ ଏହା ବିଶ୍ୱାସ କରୁଥାନ୍ତି…

213 ମୁଁ ଏହାକୁ ଏକ ବହୁତ ବଡ଼ ଉଦ୍ଦୀପନାରେ ଘଟୁଥିବାର ଦେଖିବାକୁ ଚାହେଁ ଯାହାକି ଏଠାରେ ଥିବା ପ୍ରତ୍ୟେକ ମଣ୍ଡଳୀକୁ ସ୍ଥାପିତ କରିଦେବ; ଯଦି ଆପଣ ନିଜର ମତଭେଦଗୁଡ଼ିକୁ ଭାଙ୍ଗି ପକାଇବେ ଏବଂ ସେହି ସମସ୍ତ ସ୍ୱାର୍ଥପରତାକୁ ଦୂର କରିଦେବେ, ଏବଂ ପବିତ୍ରଆତ୍ମାଙ୍କୁ ଗ୍ରହଣ କରିବେ। ଆପଣ ଦାବି କରନ୍ତି ଯେ ଆପଣ ଏହାକୁ ବିଶ୍ୱାସ କରନ୍ତି। ଆପଣ ଏହାକୁ ବିଶ୍ୱାସ କରନ୍ତି ବୋଲି ଦାବି କରନ୍ତି, ଏବଂ, ଯେତେବେଳେ ଏହା ନିଜକୁ ଚିହ୍ନିତ କରିବାର ବିଷୟ ଆସେ, ସେତେବେଳେ ଆପଣ ପରସ୍ପର ଜଣେ ଅନ୍ୟଠାରୁ ଅଲଗା ହୋଇଯିବେ। ଆମେମାନେ କାହିଁକି ନିଯ ହୃଦୟକୁ ପରମେଶ୍ୱରଙ୍କ ବାକ୍ୟ ସହିତ ଯୋଡିବା ନାହିଁ ଏବଂ ସତ୍ୟକୁ ବିଶ୍ୱାସ କରିବା ନାହିଁ? ତାହାହିଁ ଅଟେ। ଆପଣ କେବଳ ମରିବାକୁ ଯାଉଥିବେ, ମରୁଥିବେ, ଏବଂ ଆପଣ ଠିକ ଲାଅଦୀକିଆକୁ ଯାଉ ଅଛନ୍ତି। ଅବିକଳ ଯାହା ସେ ପ୍ରତିଜ୍ଞା କରିଥିଲେ, ଏହା ସେହିପରି ଭାବରେ ହେବ। କଅଣ ଆପଣ ବର୍ତ୍ତମାନ ଆସିବେ ନାହିଁ କି? ବର୍ତ୍ତମାନ ହିଁ ସେହି ଦିନ ଅଟେ। ବର୍ତ୍ତମାନ ହିଁ ସେହି ଗ୍ରହଣୀୟ ସମୟ ଅଟେ। ଦେଖନ୍ତୁ ଯେ ପବିତ୍ରଆତ୍ମା କଅଣ କରିବେ।

214 ବର୍ତ୍ତମାନ ମୁଁ ଚାହେଁ ଯେ ଏଠାରେ ଥିବା ସମସ୍ତ ସେବକଗଣ, ଯେଉଁମାନେକି ଏହି

ଲୋକମାନଙ୍କ ପାଇଁ ଆଗ୍ରହୀ ଅଟନ୍ତି, ସେମାନେ ମଧ୍ୟ ଆସି, ମୋ ସହିତ ପ୍ରାର୍ଥନା କରନ୍ତୁ । ସମସ୍ତ ସେବକଗଣ ଯେଉଁମାନେକି ଏହି ଲୋକମାନଙ୍କ ପାଇଁ ଆଗ୍ରହୀ ଅଟନ୍ତି, ଏଠାରେ ଉପରକୁ ଆସନ୍ତୁ । ଆସନ୍ତୁ, ଠିକ୍ ଚାରି ପାଖରେ ଆସନ୍ତୁ, ଏବଂ ଲୋକମାନଙ୍କ ମଧ୍ୟରେ ଆସି ଯାଆନ୍ତୁ, ସେବକ କିମ୍ଵା ବ୍ୟକ୍ତିଗତ କର୍ମୀ, ଜଣେ ଭଲ ବ୍ୟକ୍ତିଗତ କର୍ମୀ, କୌଣସି ମହିଳା ଯିଏକି ବର୍ତ୍ତମାନ ଏହି ମହିଳାମାନଙ୍କ ସହିତରେ ଛିଡା ହେବାକୁ ଚାହିଁବେ । ମୁଁ ମୋର ହୃଦୟ ସହିତ, ବିଶ୍ଵାସ କରିବାକୁ ଯାଉଅଛି ଯେ ପବିତ୍ରଆତ୍ମା ଠିକ ବର୍ତ୍ତମାନ ଏଠାରେ ଏହି ସ୍ଥାନକୁ ଆସିବାକୁ ଯାଉଛନ୍ତି ଏବଂ ଏହି ଲୋକମାନଙ୍କ ମଧ୍ୟରେ ନିଜକୁ ଠିକ ଚିହ୍ନିତ କରିବାକୁ ଯାଉଛନ୍ତି ।

215 ତେବେ ମୋତେ ପ୍ରଥମେ, ଏହି ଲୋକମାନଙ୍କୁ ନିର୍ଦ୍ଦେଶ ଦେବାକୁ ଦିଅନ୍ତୁ । ବର୍ତ୍ତମାନ, ବନ୍ଧୁଗଣ, ଆପଣ ଯେଉଁ ବିଷୟ ପାଇଁ ଏଠାରେ ଅଛନ୍ତି, ସେ ଜାଣନ୍ତି । ଏବଂ ମୁଁ ଏହାକୁ ଆପଣମାନଙ୍କଠାରେ ପ୍ରମାଣ କରି ଦେଇପାରେ, ଏହା ଜଣକ ପରେ ଜଣକାକୁ, ନେବ, ଯେ ଆପଣଙ୍କୁ ଏହି ମଞ୍ଚ ଉପରକୁ ଅଣାଯାଏ, ଏବଂ ସେଠାରେ ଗୋଟିଏ ହେଲେ ବିଷୟ ରହିବ ନାହିଁ ଯାହାକି ସେ ଜଣାଇବେ ନାହିଁ । ତେବେ ତାହା ମୁଁ ଏକ ଛୋଟ ପିଲା ରହିଥିବା ସମୟଠାରୁ ଅଟେ । ସେହି ବରଦାନ ଉପରେ କୌଣସି ପ୍ରଶ୍ନ ନାହିଁ । ମାତ୍ର ପ୍ରଶ୍ନଟି ହେଉଛି, କଅଣ ଆପଣ ଏହାକୁ ଗ୍ରହଣ କରିପାରନ୍ତି କି? କଅଣ ଆପଣ ଏହାକୁ ବିଶ୍ଵାସ କରନ୍ତି କି? ବର୍ତ୍ତମାନ ସେ ଏଠାରେ ଅଛନ୍ତି । ତେବେ, ଯଦି ସେ ଏଠାରେ ଅଛନ୍ତି, ତାହାହେଲେ ସେଠାରେ କେବଳ ଗୋଟିଏ ବିଷୟ ଅଛି, ସେ ତାହାଙ୍କର ବାକ୍ୟକୁ ରକ୍ଷା କରନ୍ତି । ତାହାହେଲେ କେବଳ ବିଶ୍ଵାସ କରନ୍ତୁ ଯେ ଆପଣ ଏହାକୁ ଗ୍ରହଣ କରିଛନ୍ତି, ଏବଂ ଏହାକୁ ଗ୍ରହଣ କରନ୍ତୁ, ଏବଂ ଉଠନ୍ତୁ ଏବଂ କୁହନ୍ତୁ, "ପ୍ରଭୁ ପରମେଶ୍ଵର, ମୁଁ ଏହାକୁ ଗ୍ରହଣ କରିବା ପାଇଁ ଏଠାରେ ଅଛି," ଏବଂ ଏହା ନ ହେବା ପର୍ଯ୍ୟନ୍ତ ସେଠାରେ ଅପେକ୍ଷା କରି ରହିଥାଆନ୍ତୁ ।

216 ଯେପରିକି ବଡି ରବିନ୍‌ସନ୍ ଏକ ଶସ୍ୟ କ୍ଷେତରେ, ଥରେ କହିଥିଲେ । ସେ କହିଥିଲେ, "ପ୍ରଭୁ, ଯଦି ତୁମେ ମୋତେ ପବିତ୍ରଆତ୍ମା ନ ଦେବ, ତାହାହେଲେ ଯେତେବେଳେ ତୁମେ ଫେରି ଆସିବ ତୁମେ ଏଠାରେ ଏକ ଗଦା ଅସ୍ଥି ପାଇବ ।" ସେ ଅତିଶୟ ଦୃଢ ଥିଲେ । ଏବଂ ଆପଣ ସେପର୍ଯ୍ୟନ୍ତ ପରମେଶ୍ଵରଙ୍କଠାରୁ କିଛି ହେଲେ ପାଇବାକୁ ଯାଉ ନାହାଁନ୍ତି ଯେପର୍ଯ୍ୟନ୍ତକି ଆପଣ ଯଥେଷ୍ଟ ବ୍ୟାକୁଳ ନ ହୁଅନ୍ତି ।

217 ବର୍ତ୍ତମାନ, କଅଣ ଆପଣ ଆଜିର ଫସଲକୁ ଲକ୍ଷ୍ୟ କରିଛନ୍ତି, ଆଜି ଆମେ କଅଣ କରିବା କଅଣ ଆପଣ ଧ୍ୟାନ ଦେଇଛନ୍ତି କି? ଆମେମାନେ, ବାସ୍ତବରେ, ଆମେମାନେ ନିଜ ବିଷୟରେ ଏତେ ଅଧିକ ଯଥେଷ୍ଟ ପରମେଶ୍ଵରଙ୍କୁ ପାଇଅଛୁ ଯେ ଏପରିକି ଆମେମାନେ ଯେଉଁଠାରେ ମଞ୍ଚ ଉପରକୁ ଆସିଥାଉ, ଆମେମାନେ କହିଥାଉ, "ତେବେ, ହୋଇପାରେ ଉତ୍ତମ ହେବ ଯେ ମୁଁ ଉପରକୁ ଆସିଯାଏ ।" ତେବେ ଏହା ବିଶ୍ଵବ୍ୟାପୀ ଅନୁଭୂତି ଅଟେ । "ହଁ, ଉତ୍ତମ ହେବ ଯେ ମୁଁ ଉପରକୁ ଯାଇ ଛିଡା ହୋଇଯାଏ ।" କୁହନ୍ତୁ, "ତେବେ, ଆଚ୍ଛା, ମୁଁ ଜାଣେ ନାହିଁ । ମୁଁ ଏଠାରେ ଅଛି, ଦେଖନ୍ତୁ ।" ହୁଁ! ରହିବା ନିମନ୍ତେ କି ଏକ ସ୍ଥାନ ଅଟେ! କୌଣସି ନିଆଁ

ଜଳୁନାହିଁ । କୌଣସି ଉତ୍ସାହ ନାହିଁ । ସେଠାରେ କୌଣସି "ଏହା ଭିତରକୁ ଯିବା" ବିଷୟ ନାହିଁ! ଏବଂ, ଜଣେ ସୁସମାଚାର ପ୍ରଚାରକ ଭାବରେ, ପରମେଶ୍ୱରଙ୍କ ଲୋକମାନଙ୍କୁ ସେହି ସ୍ଥିତିରେ ଦେଖିବାଟା ତାହା ମୋତେ ମାରି ପକାଏ । ଆମକୁ ତ ନିଆଁରେ ଜଳିବା ଉଚିତ୍ ଅଟେ ।

218 ମାତ୍ର, ଆପଣ ଦେଖନ୍ତୁ, ଏହା କଅଣ ଅଟେ? ଏହା ଅବିକଳ ତାହା ଅଟେ ଯାହା ମୁଁ ଆପଣମାନଙ୍କୁ କହିଥିଲି । ପ୍ରକାଶିତ ବାକ୍ୟ ୩, "ତୁମେ ଈଷଦୁଷ୍ଣ ଅଟ । ଏବଂ," ସେ କହିଥିଲେ, "କାରଣ ତୁମେ ଈଷଦୁଷ୍ଣ ଅଟ, ସେଇଥି ପାଇଁ ମୁଁ ତୁମକୁ ମୋ ପାଟିରୁ ଉଦ୍‌ଗାର କରିବାକୁ ଯାଉଅଛି ।" କଅଣ ତାହା ଠିକ୍ ଅଟେ? ତାହାହିଁ ଅଟେ ଯାହା ସେ କହିଥିଲେ । ଏବଂ, ଯଦି ସେ ଏହା କହିଅଛନ୍ତି, ତାହାହେଲେ ତାହାହିଁ ଅଟେ ଯାହା ସେ କରିବାକୁ ଯାଉଛନ୍ତି । ତେଣୁକରି ଆସନ୍ତୁ ଆମେମାନେ ସେହି ଭିଡ଼ ହେବା ନାହିଁ ।

219 ଆପଣମାନେ ଏଠାରେ, ଅଭାବୀ ଲୋକ ଭାବରେ ଅଛନ୍ତି । ଆସନ୍ତୁ ଏହାକୁ, ଠିକ୍ ଏଠାରେ ପାଇଯିବା, ନଚେତ ମରି ଯିବା । ତାହା ଠିକ୍ ଅଟେ । ଆସନ୍ତୁ ଏହାକୁ ପାଇଯିବା, ନଚେତ ମରି ଯିବା ।

220 ବର୍ତ୍ତମାନ, ମୋର ପ୍ରିୟ ଭାଇ, ଭଉଣୀ, ଯଦି ମୁଁ ତଳକୁ ଆସି ଆପଣମାନଙ୍କର କିଛି କରିବାରେ ସାହାଯ୍ୟ କରିପାରିବି, ତାହାହେଲେ ମୁଁ ନିଶ୍ଚିତରେ ତାହା କରିବି । ବର୍ତ୍ତମାନ, ଏକ ବରଦାନ ଦ୍ୱାରା, ମୁଁ ଆପଣମାନଙ୍କୁ କହିପାରେ ଯେ ଆପଣ ଏଠାରେ କଅଣ ପାଇଁ ଅଛନ୍ତି । ପବିତ୍ରଆତ୍ମାଙ୍କ ଦ୍ୱାରା, ପରମେଶ୍ୱରଙ୍କ ଆତ୍ମା ଦ୍ୱାରା, ମୁଁ ଆପଣମାନଙ୍କୁ କହିପାରେ ଯେ କଅଣ, ଆପଣ କଅଣ ପାଇଁ ଆସିଛନ୍ତି ତାହା କହିପାରେ, ଆପଣ କଅଣ କରିଅଛନ୍ତି, ଭବିଷ୍ୟତ କଅଣ ହେବ, କିମ୍ବା ସେହିପରି କିଛି ବିଷୟ କହିପାରେ; ମାତ୍ର ତାହା ଏହାକୁ ଖାତିର କରନ୍ତି ନାହିଁ । ଆପଣଙ୍କୁ ତ ଏହାକୁ ନିଜେ, ଗ୍ରହଣ କରିବାକୁ ଅଛି । ଏହା ତ ଆପଣଙ୍କୁ ହେବାକୁ ଅଛି!

221 ତେବେ କଅଣ ଆପଣ ପ୍ରସ୍ତୁତ ଅଟନ୍ତି କି? ନିଜର ହାତ ଉଠାନ୍ତୁ, କୁହନ୍ତୁ, "ମୁ ପ୍ରସ୍ତୁତ ଅଛି । ମୁଁ ଠିକ ଏଠାରେ ମରିବା ପାଇଁ ପ୍ରସ୍ତୁତ ଅଛି ।" ତେବେ ସେପର୍ଯ୍ୟନ୍ତ ତାହା କରନ୍ତୁ ନାହିଁ ଯେପର୍ଯ୍ୟନ୍ତକି ଆପଣଙ୍କର ତାହା ଅଭିପ୍ରାୟ ନୁହେଁ । "ମୁଁ ଠିକ ଏଠାରେ ମରିବା ପାଇଁ ପ୍ରସ୍ତୁତ ଅଟେ, କିମ୍ବା ମୁଁ ଯାହା ଚାହେଁ ତାହା ପରମେଶ୍ୱରଙ୍କଠାରୁ ପାଇବାକୁ ପ୍ରସ୍ତୁତ ଅଟେ ।" ଆମେନ୍ । କଅଣ ଆପଣ ପ୍ରକୃତରେ ପ୍ରସ୍ତୁତ କି?

222 ତାହାହେଲେ ଦର୍ଶକବୃନ୍ଦ, ସର୍ବତ୍ର ଛିଡା ହୋଇଯାଆନ୍ତୁ । ବର୍ତ୍ତମାନ ଏକାଠି, ଏକାଠି, ଆସନ୍ତୁ ଆମେମାନେ ନିଜକୁ ଏକାଠି ଏକୀକୃତ କରିବା । ଆସନ୍ତୁ ପ୍ରାର୍ଥନା କରିବା । ଏବଂ ଆସନ୍ତୁ କେବଳ...ତେବେ ଆପଣ ସେବକମାନେ ଏହି ଲୋକମାନଙ୍କ ପାଖକୁ ଯାଆନ୍ତୁ, ପ୍ରତ୍ୟେକ ଜଣ, ଏବଂ ଆପଣ ବର୍ତ୍ତମାନ ଖ୍ରୀଷ୍ଟଙ୍କ ହାତକୁ ପ୍ରତିନିଧିତ୍ୱ କରୁଅଛନ୍ତି ।

223 ଆପଣ ଯେଉଁମାନେକି ପବିତ୍ରଆତ୍ମା ଚାହୁଁଛନ୍ତି, ଆପଣ ଯେଉଁମାନେକି ସେହି ଅନୁଭୂତିକୁ ଚାହୁଁଛନ୍ତି, କୌଣସି ଏକ ଭାବପ୍ରବଣ ଉତ୍ସାହ ନୁହେଁ; ଆପଣ ସେହି ପବିତ୍ରଆତ୍ମାଙ୍କୁ, ସେହି ଜୀବନଙ୍କୁ, ଜୀବନର ସେହି ଜୀବାଣୁକୁ ଆପଣଙ୍କ ଭିତରେ ଚାହୁଁଛନ୍ତି । ଏବଂ ଆପଣ

ସେହି ବିସ୍ମୃତିରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି ଯାହାକି ଆପଣଙ୍କୁ କରୁଅଛି—ଆପଣଙ୍କୁ ନିଜକୁ ଚିହ୍ନିତ କରି ପାରୁ ନାହାଁନ୍ତି; ଆପଣ ଜାଣି ନାହାଁନ୍ତି ଯେ ଆପଣ କେଉଁଠାରେ ଛିଡା ହୋଇଛନ୍ତି; ଆପଣ ଜାଣି ନାହାଁନ୍ତି ଯେ ଆପଣ କଅଣ ଅଟନ୍ତି; ଆସନ୍ତୁ ବର୍ତ୍ତମାନ ହିଁ ଏଥିରୁ ମୁକ୍ତି ପାଇଯିବା! ଏଠାରେ ଆପଣଙ୍କ ପାଇଁ ଏକ ନୂତନ ଜନ୍ମ, ଏକ ପ୍ରକୃତ, ବାସ୍ତବିକ ନୂତନ ଜନ୍ମ ଅଛି ।

224 ତେବେ ଆସନ୍ତୁ ଆମେମାନେ ଏହି ଲୋକମାନଙ୍କ ଉପରେ ନିଜର ହାତକୁ ରଖିବା । ଆସନ୍ତୁ, ପ୍ରତ୍ୟେକ ଜଣ, ନିଜର ହାତକୁ ଉଠାଇବା ଏବଂ ଏକ ମନ ହୋଇ ପ୍ରାର୍ଥନା କରିବା ।

225 ସ୍ୱର୍ଗସ୍ଥ ପିତା, ପ୍ରଭୁ ଯୀଶୁଙ୍କ ନାମରେ, ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଏହା ପ୍ରଦାନ କର, ଯେ ପବିତ୍ରଆତ୍ମା ଆଜି ରାତିରେ, ଏହି ଶନିବାର ରାତିରେ ଆସିବେ, ଯେଉଁଠାରେକି ପବିତ୍ରଆତ୍ମା ଏକ ପ୍ରବଳ ବାୟୁ ରୂପରେ ପତିତ ହୋଇଥିଲେ । ଏହା ହେଉ ଯେ ଏହି ଲୋକମାନେ ପବିତ୍ରଆତ୍ମାରେ ବାପ୍ତିଜିତ ହୁଅନ୍ତୁ । ଏହା ହେଉ ଯେ ପରମେଶ୍ୱରଙ୍କ ଅଗ୍ନି ଏବଂ ଶକ୍ତି ସେମାନଙ୍କୁ ନ ଛାଡୁ । ଯଦି ସେମାନେ ଆଜି ସକାଳେ ଏଠାରେ ଅଛନ୍ତି, ତେବେ ଏହା ହେଉ ଯେ ସେମାନେ ରୁହନ୍ତୁ, ପବିତ୍ରଆତ୍ମା ଆସିବା ଯାଏଁ ରହିଥାଆନ୍ତୁ ।

226 ତାହାହିଁ ସେହି ଧାରଣା ଅଟେ! ଏହାହିଁ ତାହା ଅଟେ! ସେଠାରେ ତାହା ଅଛି । ତାହାହିଁ ହେଉଛି ପବିତ୍ରଆତ୍ମାଙ୍କର ଆଗମନ କରିବା । (ମୁଁ ଏହା କରିସାରିଛି । ମୁଁ ତାହା ଜାଣେ ।)

ତାହାହିଁ ସବୁ କିଛି ଅଟେ । ବର୍ତ୍ତମାନ ଏହାକୁ ବିଶ୍ୱାସ କରନ୍ତୁ! ଏହାକୁ ଗ୍ରହଣ କରନ୍ତୁ! ତାହାଙ୍କର ଆଶୀର୍ବାଦରେ ପରିପୂର୍ଣ୍ଣ ହୁଅନ୍ତୁ ।

64-0411 ଆତ୍ମିକ ବିସ୍ମୃତି

ନେଶନାଲ ଗାର୍ଡ଼ ଆର୍ମରୀ

ବିର୍ମିଙ୍ଘାମ୍, ଆଲାବାମା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org